R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୩୧
ତିଥି: ଏକାଦଶୀ
୧୩ ଫେବୃଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 131
13 February 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କେନ୍ଦ୍ରୀୟ ଶ୍ରମିକ ସଂଗଠନର ୧୨ ଘଣ୍ଟିଆ ଭାରତ ବନ୍ଦ

## ଜୀବନ ଯାତ୍ରା ପ୍ରଭାବିତ




ଭୁବନେଶ୍ୱର/ବାଲେଶ୍ୱର/ରାୟଗଡ଼ା/ତାଳଚେର, ୧୨।୨ (ସବ୍ୟୁ) : କେନ୍ଦ୍ରୀୟ ଶ୍ରମ ଆଇନକୁ ବିରୋଧ କରି ଦେଶବ୍ୟାପୀ ହରତାଳ କରିଛନ୍ତି ଶ୍ରମିକ ସଂଗଠନ ।ଓଡ଼ିଶାରେ ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱରରେ ବରମୁଣ୍ଡା ବସ ଟର୍ମିନାଲ, କଟକର ନେତାଜୀ ବସ୍ ଟର୍ମିନାଲ ଖାଁଖାଁ । ଚାରିଆଡ଼େ ଶୁଭିଥିଲା ଶ୍ରମିକଙ୍କ ବିକ୍ଷୋଭର ସ୍ୱର । ଭୁବନେଶ୍ୱରରୁ ସମ୍ବଲପୁର, କଟକରୁ କଳାହାଣ୍ଡି, ବ୍ରହ୍ମପୁରରୁ (୯ ପୃଷ୍ଠାରେ)

### ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ହାଇକୋର୍ଟଙ୍କ ରାୟ

## ବିଧାନସଭାରେ ରିପୋର୍ଟ ଦାଖଲ କର

କଟକ, ୧୨।୨ (ସବ୍ୟୁ): ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି ପାଇଁ ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର) ପ୍ରସ୍ତୁତ ସରିଛି । ରାଜ୍ୟ ସରକାରଙ୍କ ଅନୁମୋଦନ ଅପେକ୍ଷାରେ ଏହି ଏସଓପି ରହିଛି । ରାଜ୍ୟ ସରକାର ଏହାକୁ ଧରି ଆଉ ଅଳସୁଆ ହୋଇ ବସିବା ଉଚିତ୍ ନୁହେଁ । ଏହା ଉପରେ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତିନି ମାସ ମଧ୍ୟରେ ରାଜ୍ୟ ସରକାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାରର ଗଣତି ମଣତି ଶେଷ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୯୭୮ ମସିହାର ଅଳଙ୍କାରର ଯେଉଁ ତାଲିକା ରହିଛି ତାହାକୁ ବର୍ତ୍ତମାନର ଅଳଙ୍କାର ସହ ଟାଲି କରି ଗଣତି ମଣତି ଶେଷ କରିବା ଲାଗି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଅପରପକ୍ଷରେ

### ଗଣତି ମଣତି କାର୍ଯ୍ୟ ତିନି ମାସରେ ଶେଷ କର

ହାଇକୋର୍ଟ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ ହୋଇଥିବା ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ଚଳିତ ବିଧାନସଭାରେ ଦାଖଲ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ରିପୋର୍ଟ ଦାଖଲ ପରେ ରାଜ୍ୟ ସରକାର ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଛନ୍ତି। ରତ୍ନଭଣ୍ଡାର ଚାବି ହଜିବା ଘଟଣା ଏବଂ ଅଳଙ୍କାରର ଗଣତିମଣତି ବିଳମ୍ବକୁ ନେଇ ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ମାମଲାରେ ଶୁଣାଣି ଅବସରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । (୯ ପୃଷ୍ଠାରେ)

## ରାହୁଲଙ୍କ ସଦସ୍ୟତା ରଦ୍ଦ ଲାଗି ନିଶିକାନ୍ତଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୧୨।୨ : ରାହୁଲ ଗାନ୍ଧୀଙ୍କ ସଦସ୍ୟତା ପଦ ରଦ୍ଦ କରିବା ଲାଗି ବିଜେପି ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ସାଂସଦ ନିଶିକାନ୍ତ ଦୁବେ ଲୋକସଭାରେ ଆଜି ଏହି ନୋଟିସ୍ ଦେଇଛନ୍ତି । ତେବେ ଶାସକ ଦଳ ପକ୍ଷରୁ ରାହୁଲଙ୍କ ବିରୋଧରେ ଅଣାଯିବାକୁ ଥିବା ସ୍ୱାଧିକାର ଭଙ୍ଗ ନୋଟିସ୍‌ରୁ କ୍ଷମତାସୀନ ଦଳ ଓହରିଯାଇଛି । ହେଲେ ବିଜେପିର ଏକମାତ୍ର ସାଂସଦ ନୀଶିକାନ୍ତ ଦୁବେ ଏଭଳି ପ୍ରସ୍ତାବ ଲୋକସଭାରେ ଦେଇଛନ୍ତି ।

ନୀଶିକାନ୍ତ ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି ଯେ ରାହୁଲ ଗାନ୍ଧୀ ସ୍ୱରେସ୍ ଫାଉଣ୍ଡେସନ୍, ଫର୍ଡ ଫାଉଣ୍ଡେସନ୍, ୟୁଏସ୍ଏଆଇଡି ସହ ସାମିଲ ହୋଇ ଦେଶ ବିରୋଧରେ କାର୍ଯ୍ୟ କରୁଛନ୍ତି । ରାହୁଲ ଏବେ ନିକଟରେ ସଂସଦରେ ଭାରତ ଓ ଆମେରିକା ବାଣିଜ୍ୟିକ ଚୁକ୍ତିକୁ ନେଇ ସମାଲୋଚନା କରିଥିଲେ । ସେ କହିଥିଲେ ଯେ ଭାରତକୁ ନିଚା ଦେଖାଯାଇ ଏହି (୯ ପୃଷ୍ଠାରେ)

## ୧୧୪ ରାଫେଲ କିଣିବ ଭାରତ



ନୂଆଦିଲ୍ଲୀ, ୧୨।୨ : ବାୟୁ ସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଭାରତ ୧୧୪ ରାଫେଲ ଯୁଦ୍ଧ ବିମାନ କିଣିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ଏହି ଅନୁମୋଦନ କରାଯାଇଛି । ଏଥିଲାଗି ୩.୨୫ ଲକ୍ଷ କୋଟିର ଚୁକ୍ତିକୁ ମଞ୍ଜୁର କରାଯାଇଛି ।

୧୧୪ ରାଫେଲ ଫାଇଟର ଜେଟ୍ କିଣାଯାଇ ଏହାର ଦକ୍ଷତା ବୃଦ୍ଧି କରାଯିବ । ଚୁକ୍ତି ଅନୁଯାୟୀ ୧୧୪ ରାଫେଲ ଯୁଦ୍ଧ ବିମାନ ମଧ୍ୟରୁ ୮୦% ଘରୋଇ ଉତ୍ପାଦନ ହେବ। ଫ୍ରାନ୍ସର ଡାସଲ୍ଟ ଏଭିଏସନ୍ ପକ୍ଷରୁ ଏହି ବିମାନକୁ ନିର୍ମାଣ କରାଯାଉଛି । ୪୨ ଯୁଦ୍ଧ ବିମାନ ପାଇଁ ଅନୁମତି ଥିଲେ ମଧ୍ୟ ଭାରତୀୟ ବାୟୁସେନା ପାଖରେ ମାତ୍ର ୨୯ଟି ଯୁଦ୍ଧ ବିମାନ ରହିଛି । ଚୁକ୍ତି ଅନୁଯାୟୀ ୧୮ ଯୁଦ୍ଧ ବିମାନ ଉଡିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ମିଳିବ । ବାକି ୯୬ଟି ଯୁଦ୍ଧ ବିମାନକୁ ଭାରତରେ ଆସେମ୍ବିଲ କରାଯିବ । ୮୮ଟି ସିଙ୍ଗଲ ସିଟ୍ ଓ ୨୬ଟି ଟ୍ୱିନ୍ ସିଟ୍ ଯୁଦ୍ଧ ବିମାନ କିଣିବା ଲାଗି ଭାରତ ୨୦୨୦ରେ ପ୍ରଥମ ଥର ରାଫେଲ ଯୁଦ୍ଧ ବିମାନ ଅମ୍ବାଲା ସ୍ଥିତ ବାୟୁସେନା ଷ୍ଟେସନ୍‌ରେ ଗ୍ରହଣ କରିଥିଲା । ଏହାକୁ ସେନାରେ ସାମିଲ କରାଯାଇଥିଲା । ବର୍ତ୍ତମାନ ଭାରତ ଦୁଇଟି ଯୁଦ୍ଧ ବିମାନ ମୁତୟନ କରିଛି । ଭାରତୀୟ ବାୟୁ ସେନାରେ ବିମାନର ଅଭାବ (୯ ପୃଷ୍ଠାରେ)

### ପୀତବାସ ପଣ୍ଡା ହତ୍ୟା ଟ୍ୱିଷ୍ଟ

## ଚାର୍ଜସିଟ୍‌ରେ ରହିଛି ଫଟୋ, ପେନ୍‌ଡ୍ରାଇଭ୍

ବ୍ରହ୍ମପୁର, ୧୨।୨ (ସବ୍ୟୁ): ବହୁ ଚର୍ଚ୍ଚିତ ଆଇନଜୀବୀ ତଥା ଭାଜପା ନେତା ପୀତବାସ ପଣ୍ଡା ହତ୍ୟା ଘଟଣା ପଛର ରହସ୍ୟ ନେଇ ଚର୍ଚ୍ଚା ଲାଗି ରହିଛି । ହତ୍ୟା ପଛରେ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ରହିଥିବା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ଦର୍ଶାଇଥିଲା । ତେବେ ଚାର୍ଜସଟ୍‌ରେ ତାଙ୍କ ହତ୍ୟା ସମ୍ପର୍କରେ ଭିନ୍ନ ଟ୍ୱିଷ୍ଟ ରହିଛି ଏବଂ ତାହା ସେଥିରେ ଯୋଡ଼ାଯାଇଛି ବୋଲି ତାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି । ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ କିଛି ଆପରିଜନକ ଫଟୋ ପୀତବାସ ରଖି ସର୍ବଜନୀନ କରିବାକୁ ପରୋକ୍ଷରେ ଧମକାଉଥିଲେ । ତେଣୁ ଏହି କାରଣରୁ ମଧ୍ୟ ତାଙ୍କୁ ହତ୍ୟା କରିବାକୁ ଯୋଜନା ହୋଇଥିବା ପୋଲିସ ଚାର୍ଜସିଟରେ ଦର୍ଶାଇଛି । ପୋଲିସ ତଦନ୍ତ ଅନୁସାରେ ପୀତବାସ ପଣ୍ଡାଙ୍କ ଗୋଟିଏ ପେନଡ୍ରାଇଭ୍ ମିଳିଥିଲା । ସେହି ପେନ୍ ଡ୍ରାଇଭରେ କିଛି ଆପତ୍ତିଜନକ ଫଟୋ ଥିଲା । ସେହି (୯ ପୃଷ୍ଠାରେ)



## ୱାଟର ୱେଟ

ୱାଟର ୱେଟ୍ ବା ଶରୀରରେ ଅତ୍ୟଧିକ ଜଳ ଜମା ହେବା ଏକ ସାଧାରଣ ସମସ୍ୟା, ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ 'ଏଡିମା' ବୋଲି ମଧ୍ୟ କୁହାଯାଏ। ଶରୀରର କୋଷଗୁଡ଼ିକ ମଧ୍ୟରେ କିମ୍ବା ରକ୍ତ ସଞ୍ଚାଳନ ପ୍ରକ୍ରିୟା ବାହାରେ ଥିବା ଟିସୁରେ ଯେତେବେଳେ ଅତ୍ୟଧିକ ପରିମାଣର ତରଳ ପଦାର୍ଥ ବା ଜଳ ଜମା ହୋଇଯାଏ, ତାହାକୁ ୱାଟର ୱେଟ୍ କୁହାଯାଏ। ଏହା ଚର୍ବି ବା ମାଂସପେଶୀ ଜନିତ ଓଜନ ନୁହେଁ, ବରଂ କେବଳ ପାଣି ଜମିବା କାରଣରୁ ଶରୀରର ଓଜନ ବଢ଼ିଥାଏ। ଏହା ଦ୍ୱାରା ଶରୀର ଫୁଲିଯାଏ ଏବଂ ମଣିଷ ନିଜକୁ ଭାରି ଅନୁଭବ କରେ।



### କାରଣ

- ଖାଦ୍ୟରେ ଅଧିକ ସୋଡିୟମ ବା ଲୁଣ ବ୍ୟବହାର କଲେ ଶରୀର ଅଧିକ ପାଣି ଧରି ରଖେ, ଯାହା ଓଜନ ବୃଦ୍ଧିର ମୁଖ୍ୟ କାରଣ ହୁଏ।
- ଯେତେବେଳେ ଆମେ କାର୍ବୋହାଇଡ୍ରେଟ୍ ଖାଉ, ଶରୀର ତାହାକୁ ଗ୍ଲାଇକୋଜେନ୍ ଭାବେ ସଞ୍ଚୟ କରେ। ପ୍ରତି ଗ୍ରାମ ଗ୍ଲାଇକୋଜେନ୍ ସହ ଶରୀର ପ୍ରାୟ ୩ ରୁ ୪ ଗ୍ରାମ ପାଣି ଧରି ରଖିଥାଏ।
- ମହିଳାମାନଙ୍କ କ୍ଷେତ୍ରରେ ମାସିକ ଋତୁସ୍ରାବ ପୂର୍ବରୁ ହରମୋନର ଅସନ୍ତୁଳନ ଯୋଗୁଁ ପ୍ରାୟତଃ ୱାଟର ୱେଟ୍ ବଢ଼ିଥାଏ।
- ଦୀର୍ଘ ସମୟ ଧରି ଗୋଟିଏ ସ୍ଥାନରେ ବସି ରହିଲେ କିମ୍ବା ଠିଆ ହେଲେ ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ଗୋଡ଼ ଓ ପାଦରେ ପାଣି ଜମା ହୋଇଥାଏ।

### ପ୍ରଭାବ

- ପେଟ, ହାତ, ପାଦ ଏବଂ ମୁହଁ ଫୁଲିବା ଭଳି ଦେଖାଯାଏ। ବିଶେଷ କରି ସକାଳ ସମୟରେ ମୁହଁ ଫୁଲା ଲାଗିପାରେ।
- ମାତ୍ର ଗୋଟିଏ ଦିନ କିମ୍ବା ରାତିକ ମଧ୍ୟରେ ଓଜନ ୧ ରୁ ୨ କିଲୋ ବଢ଼ିଯାଏ କିମ୍ବା କମିଯାଏ। ଏହା ଚର୍ବି ନୁହେଁ ବରଂ ପାଣି ଯୋଗୁଁ ହୋଇଥାଏ।
- ଗଣ୍ଠିଗୁଡ଼ିକରେ କଷ୍ଟ ଅନୁଭବ ହେବା ଏବଂ ଚର୍ମକୁ ଚିପିଲେ ଗାତ ପଡ଼ିଯିବା ଭଳି ସମସ୍ୟା ଦେଖାଯାଏ।
- ପୋଷାକ, ମୁଦି କିମ୍ବା ଜୋତା ହଠାତ୍ ଟାଇଟ୍ ହୋଇଯିବା।
- କେତେକ ପରିସ୍ଥିତିରେ ଏହା ଗମ୍ଭୀର ରୋଗର ସଙ୍କେତ ହୋଇପାରେ । ଯଦି ହଠାତ୍ ଶରୀରର କୌଣସି ଅଂଶ ଅତ୍ୟଧିକ ଫୁଲିଯାଏ ଏବଂ କମେ ନାହିଁ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସୋସିଆଲ କୋଟ୍ସ



ବର୍ତ୍ତମାନ ସୁପରଷ୍ଟାର ରାଜପାଲ ଯାଦବ ଖୁବ କଷ୍ଟରେ ଅଛନ୍ତି । ଆମ ସମସ୍ତଙ୍କୁ ତାଙ୍କୁ ସାହାଯ୍ୟ କରିବାର ଅଛି । ସେ ଯେଉଁମାନଙ୍କ ସହିତ କାମ କରିଛନ୍ତି ସମସ୍ତେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରୁଛି ।

**ମିକା ସିଂ, ସିଙ୍ଗର**



ନିଜ ଉପରେ ବିଶ୍ୱାସ ଥିଲା, ସଫଳତା ମିଳିବ। ଡେରି ହେଉପଛେ ମୋତେ ଭଲ ସୁଯୋଗ ମିଳିଛି । ଆଗକୁ କ୍ୟାରିୟରରେ ଆହୁରି ସଫଳତା ସହିତ ଭଲ କାମ କରିବି ବୋଲି ଆଶା ରହିଛି ।

**ନବୀନ କୌଶିକ, ଅଭିନେତା**



ଜୀବନରେ ଅନେକ ସଂଘର୍ଷ ଦେଖିଛି । ଷ୍ଟ୍ରଗଲ ସମୟରେ ରାସ୍ତାରେ ରାତି କାଟିଛି । ଖାଇବାକୁ ମଧ୍ୟ ମିଳିନାହିଁ ଚା ପିଇ ଦିନ କାଟିଛି । ତଥାପି ନିଜ ଉପରେ ଭରସା ଥିଲା ।

**ଜତିନ ସରନା, ଅଭିନେତା**



## ଲବଙ୍ଗଲତା

**ଓଡିଆ ରୁଚି**

**ସାମଗ୍ରୀ-** ମଇଦା ୪କପ, ଚିନି ୨କପ, ଖୁଆ ଏକ କପ, ଲବଙ୍ଗ ୫ଟି, ଗୁଜୁରାତି ୫ଟା, ଖାଇବା ସୋଡା ଅଳ୍ପ, ତେଲ ।

**ପ୍ରଣାଳୀ-** ଲବଙ୍ଗ, ଗୁଜୁରାତି, ଚିନିକୁ ଅଲଗା ଅଲଗା ଗୁଣ୍ଡ କରିନିଅନ୍ତୁ । ଖୁଆ, ଚିନିଗୁଣ୍ଡ, ଗୁଜୁରାତି ଗୁଣ୍ଡକୁ ମିଶାଇ ପୁର ତିଆରି କରନ୍ତୁ । ମଇଦା ସହିତ ଖାଇବା ସୋଡା, ଅଧକପ ତେଲ, ଲବଙ୍ଗ ଗୁଣ୍ଡ ମିଶାଇ ଅଳ୍ପ ପାଣି ଦେଇ ଚକଟନ୍ତୁ । ଏହି ଚକଟାରୁ ଛୋଟ ଛୋଟ ଗୁଳା ତିଆରି କରି ପୁରି ଭଳି ବେଲନ୍ତୁ । ପୁରି ମଝିରେ ଖୁଆ ପୁର ଦେଇ ଲଫାପାପରି ଚାରିପଟୁ ଭାଙ୍ଗି ଦିଅନ୍ତୁ। ତେଲରେ ଛାଣି ଦିଅନ୍ତୁ । ଏକ କପ ଚିନିରେ ପତଳା ସିରା କରି ଦିଅନ୍ତୁ । ଛଣା ଲବଙ୍ଗଲତାକୁ ସିରାରେ ଭିଜାନ୍ତୁ ପ୍ରସ୍ତୁତ ହୋଇଯିବ ଲବଙ୍ଗ ଲତା ।

## ଆଜି ଜନ୍ମଦିନ

# ସରୋଜିନୀ ନାଇଡୁ

ସରୋଜିନୀ ନାଇଡୁ, 'ଭାରତର କୋକିଳା' ଭାବେ ପରିଚିତ। ସରୋଜିନୀ ନାଇଡୁଙ୍କ ଜନ୍ମ ୧୩ ଫେବୃଆରୀ ୧୮୭୯ରେ ହାଇଦ୍ରାବାଦର ଏକ ବଙ୍ଗାଳୀ ପରିବାରରେ ହୋଇଥିଲା। ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସେ ଦେଶପ୍ରେମୀ ଥିଲେ। ପିଲାଦିନରୁ ଜଣେ ମେଧାବୀ ଛାତ୍ରୀ ଭାବେ ସେ ମାତ୍ର ୧୨ ବର୍ଷ ବୟସରେ ମାଟ୍ରିକ ପାସ୍ କରିବା ସହ ଉଚ୍ଚଶିକ୍ଷା ପାଇଁ କିଙ୍ଗସ୍ କଲେଜ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ। ଯେଉଁଠାରେ ସେ ଜଣେ କବୟିତ୍ରୀ ଭାବେ ନିଜର ପ୍ରତିଭାର ପରିଚୟ ଦେଇଥିଲେ। କିନ୍ତୁ ଦେଶର ସ୍ୱାଧୀନତା ଆନ୍ଦୋଳନ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସେ ଗୋପାଳ କୃଷ୍ଣ ଗୋଖଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସି ସକ୍ରିୟ ରାଜନୀତିରେ ପାଦ ଦେଇଥିଲେ । ଜଣେ ମହିଳା ଭାବେ ସେହି ସମୟର ସାମାଜିକ କଟକଣା ଓ ରକ୍ଷଣଶୀଳ ମନୋଭାବ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଅସହଯୋଗ ଆନ୍ଦୋଳନ ଏବଂ ସତ୍ୟାଗ୍ରହରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଅନେକ ଥର କାରାବରଣ କରିଥିଲେ । ତାଙ୍କର ସବୁଠାରୁ ବଡ଼ ସଫଳତା ଥିଲା ଯେତେବେଳେ ସେ ୧୯୨୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଭାରତୀୟ ମହିଳା ସଭାପତି ଭାବେ ସେ ନିର୍ବାଚିତ ହୋଇଥିଲେ ଏବଂ ସ୍ୱାଧୀନତା ପରେ ଉତ୍ତର ପ୍ରଦେଶର ପ୍ରଥମ ମହିଳା ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇ ଇତିହାସ ରଚିଥିଲେ । ନାରୀ ସଶକ୍ତିକରଣ, ଶିକ୍ଷା ଏବଂ ସମାଜ ସଂସ୍କାର ପାଇଁ ସେ ନିଜର ସମଗ୍ର ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଏବଂ ତାଙ୍କର କବିତାଗୁଡ଼ିକରେ ଭାରତୀୟ ସଂସ୍କୃତି ଓ ପ୍ରକୃତିର ଜୀବନ୍ତ ଚିତ୍ର ଦେଖିବାକୁ ମିଳେ। ଏହି ମହାନ ବିପ୍ଳବୀ ତଥା ସାହିତ୍ୟିକା ୨ ମାର୍ଚ୍ଚ ୧୯୪୯ରେ ଇହଧାମ ତ୍ୟାଗ କରିଥିଲେ ମଧ୍ୟ ତାଙ୍କର ଅବଦାନ ଆଜି ବି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ।



## ଇତିହାସ

୧୬୮୯- ୱିଲିୟମ୍ ଓ ମେରୀ ଇଂଲଣ୍ଡର ସଂଯୁକ୍ତ ଶାସକ ଘୋଷିତ ହେଲେ ।

୧୭୯୫- ଆମେରିକାରେ ପ୍ରଥମ ଷ୍ଟେଟ୍‌ୟୁନିଭର୍ସିଟି ଉତ୍ତର କାରୋଲିନାରେ ଖୋଲିଲା ।

୧୯୨୦- ଆମେରିକାରେ ବେସ୍‌ବଲ୍‌ର ନିଗ୍ରୋ ନାସନାଲ୍ ଲିଗ୍ ସ୍ଥାପିତ ହେଲା ।

୧୯୩୧- ଆଜିର ଦିନରେ ନୂଆଦିଲ୍ଲୀ ଭାରତର ରାଜଧାନୀ ରୂପେ ଘୋଷିତ ହେଲା ।

୧୯୪୮- ଜାତିର ପିତା ମହାତ୍ମା ଗାନ୍ଧି ଆମରଣ ଅନଶନ ଆରମ୍ଭ କଲେ ।

୧୯୫୯- ପିଲାଙ୍କ ପସନ୍ଦୀୟ ବାର୍ବି ଡଲ୍ ବିକ୍ରି ଆରମ୍ଭ ହେଲା ।


୨୦୦୩-ୟଶ୍ ଚୋପ୍ରାଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଗଲା ।

୨୦୦୭- ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଉତ୍ତର କୋରିଆର ସହମତି ।

## ୩୯ କୋଟିର ଶାଢି



ମୁମ୍ବାଇର ଜଣେ ଡିଜାଇନର ରୋହିତ ପିସାଲ ନିଜର ଶାଢିକୁ ନେଇ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଏକ ଶାଢି ଡିଜାଇନ କରିଛନ୍ତି ଯାହାର ଦାମ ରହିଛି ୩୯ କୋଟି । ଏହି ଶାଢିଟି ସେ ମାତା ରମାବାଇ ଆମ୍ବେଦକରଙ୍କ ସ୍ମୃତିରେ ନିର୍ମାଣ କରିଛନ୍ତି । ତେବେ ଏହି ଶାଢିର ବିଶେଷତ୍ୱ ହେଉଛି ଏହାକୁ ସୁନାରୁ ପ୍ରସ୍ତୁତ କରାଯାଇଛି । ଏହି ଶାଢି ପ୍ରସ୍ତୁତ କରିବାକୁ ଡିଜାଇନର ଜଣଙ୍କ ପାଖାପାଖି ୨ କେଜିର ସୁନା ବ୍ୟବହାର କରିଛନ୍ତି । ଶାଢି ଉପରେ ସୁନାର ଲେପ ଦେବାକୁ ଏକ ସ୍ୱତନ୍ତ୍ରଧରଣର କେମିକାଲ ବ୍ୟବହାର କରାଯାଇଛି । ଶାଢିରେ ମାତା ରମାବାଇଙ୍କର ଛବି ମଧ୍ୟ ରହିଛି। ଛବିରେ ମଧ୍ୟ ସୁନାର ବ୍ୟବହାର କରାଯାଇଛି । ମଥାର ବିନ୍ଦି ସ୍ଥାନରେ ଏକ ସୁନାର ବିସ୍କୁଟ ରଖାଯାଇଛି । କେବଳ ଏତିକି ନୁହେଁ ଉକ୍ତ ବିନ୍ଦିରେ ୩୩ କୋଟିର ଏକ ହୀରା ମଧ୍ୟ ଜଡିତ କରାଯାଇଛି । ଏହାକୁ ପ୍ରସ୍ତୁତ କରିବା ପାଇଁ ଉକ୍ତ ଡିଜାଇନରଙ୍କୁ ପାଖାପାଖି ୩ମାସ ସମୟ ଲାଗିଛି । ଡିଜାଇନର ଜଣଙ୍କ ମାତା ରମାବାଇଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଏହି ଶାଢିକୁ ନିର୍ମାଣ କରିଛନ୍ତି । ମାତା ରମାବାଇ ଗରିବ ପିଲାଙ୍କପାଇଁ ନିଜ ଗହଣା ବିକ୍ରି କରି ସାହାଯ୍ୟ କରୁଥିଲେ, ତେଣୁ ଡିଜାଇନର ଜଣଙ୍କ ସୁନାର ଶାଢି ନିର୍ମାଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



## ସୁନା ଟାଇଲର ଚଟାଣ

କିଛିଦିନହେବ ଚୀନର ଏକ ହୋଟେଲ ଖୁବ ଚର୍ଚ୍ଚାରେ ରହିଛି । ହୋଟେଲଟି ନିଜ ସୁନାର ଚଟାଣ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛି। ହୋଟେଲଟି ନିର୍ମାଣ ସମୟରେ ନିଜର ଏକ ଲମ୍ବା ଚଟାଣରେ ସୁନାର ଇଟା ଖଞ୍ଜିଥିଲା, ଯାହାକୁ ବର୍ତ୍ତମାନ କଢାଯାଇ ବିକ୍ରି କରାଯାଉଛି । ସୂଚନା ଅନୁସାରେ ୨୦୦୬ରେ ଏହି ହୋଟେଲର ନିର୍ମାଣ କରାଯାଇଥିଲା । ନିର୍ମାଣ ସମୟରେ ଗୋଟି ଲମ୍ବା ଚଟାଣ ତଳେ ଅସଲି ସୁନାର ଇଟା ଖଞ୍ଜା ଯାଇଥିଲା ଯାହାର ଓଜନ ରହିଥିଲା ୭୯ କିଗ୍ରା। ଏହାକୁ ଲୋକମାନେ ଗୋଲ୍ଡେନ ପାଥୱେର ନାମ ଦେଇଥିଲେ । ଦେଶବିଦେଶରୁ ଲୋକ କେବଳ ଏହି ଚଟାଣରେ ଚାଲିବା ପାଇଁ ଏହି ହୋଟେଲକୁ ଆସୁଥିଲେ । ଏହା ଏକ ପର୍ଯ୍ୟଟନସ୍ଥଳୀ ପାଲଟିଥିଲା । ହେଲେ ବର୍ତ୍ତମାନ ହୋଟେଲର ମାଲିକ ଏହି ସୁନାର ଇଟାକୁ ବିକ୍ରି କରିଦେଇଛନ୍ତି । ସୁନାର ବଢୁଥିବା ମୂଲ୍ୟ ଏହା ପଛର କାରଣ ବୋଲି ହୋଟେଲ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ୧୧୭ କୋଟିରେ ଏହି ଇଟା ଗୁଡିକୁ ବିକ୍ରି କରାଯାଇଛି ।

## ପ୍ରକାଶରାଜଙ୍କ ଏଣ୍ଟ୍ରି



ଅଜୟ ଦେବଗନଙ୍କ ବହୁପ୍ରତିକ୍ଷିତ ଚଳଚ୍ଚିତ୍ର 'ଦୃଶ୍ୟମ୍ ୩'ର କାଷ୍ଟରେ ବରିଷ୍ଠ ଅଭିନେତା ପ୍ରକାଶ ରାଜ ସାମିଲ ହୋଇଥିବା ନେଇ ସୂଚନା ମିଳିଛି, ଯାହାକୁ ନେଇ ସେ ନିଜେ ସୋସିଆଲ ମିଡିଆରେ ସ୍ପଷ୍ଟ କରିଛନ୍ତି | କିଛି ଦିନ ପୂର୍ବରୁ ଅକ୍ଷୟ ଖାନ୍ନା ଏହି ଫ୍ରାଞ୍ଚାଇଜରୁ ବାହାରିଯିବା ଖବରକୁ ନେଇ ବେଶ୍ ଚର୍ଚ୍ଚା ହେଉଥିବା ବେଳେ ପ୍ରକାଶ ରାଜଙ୍କ ଏଣ୍ଟ୍ରି ଫିଲ୍ମକୁ ଏକ ନୂଆ ଟୁଇଷ୍ଟ ଦେଇଛି। ଏନେଇ ନିଜେ ପ୍ରକାଶରାଜ ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ସେ ଫିଲ୍ମ ପାଇଁ ସୁଟିଂ ଆରମ୍ଭ କରିଥିବା ମଧ୍ୟ ଜଣାଇଛନ୍ତି । ହେଲେ ପ୍ରକାଶରାଜ ଜଣେ ଅଭିନେତାଙ୍କୁ ଫିଲ୍ମରେ ରିପ୍ଲେସ କରିଥିବାନେଇ ଆଲୋଚନା ହେଉଥିଲା, ତେବେ ସେ କୌଣସି ଅଭିନେତାଙ୍କ ସ୍ଥାନ ନେଉନାହାଁନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ସେ ଏଥିରେ ଏକ ସମ୍ପୂର୍ଣ୍ଣ ନୂଆ ତଥା ଦମଦାର ଚରିତ୍ରରେ ନଜର ଆସିବେ ବୋଲି ମତ ଦେଇଛନ୍ତି। ଅଭିଷେକ ପାଠକଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରେ ଅଜୟ ଦେବଗନ ପୁଣିଥରେ ବିଜୟ ସାଲଗାଓଁକର ଭୂମିକାରେ ଅବତୀର୍ଣ୍ଣ ହେବେ ଏବଂ ତାଙ୍କ ସହ ତବୁ, ଶ୍ରିୟା ଶରଣ, ରଜତ କପୁର, ଇଶିତା ଦତ୍ତ ଓ ମୃଣାଳ ଯାଦବ ମଧ୍ୟ ପ୍ରମୁଖ ଭୂମିକାରେ ରହିବେ | ଉଲ୍ଲେଖଯୋଗ୍ୟ ଯେ, ଅଭିଷେକ ପାଠକ, ଅମିଲ କିଆନ୍ ଖାନ୍ ଏବଂ ପରଭେଜ ଶେଖଙ୍କ ଦ୍ୱାରା ଲିଖିତ ଏହି ଚଳଚ୍ଚିତ୍ରଟି ଆସନ୍ତା ୨ ଅକ୍ଟୋବର ୨୦୨୬ରେ ରିଲିଜ ହେବାପାଇଁ ଯୋଜନା ହୋଇଛି। ଦୃଶ୍ୟମ ୩ର ନିର୍ମାଣ ନେଇ ଜଣାପଡିବା ଦିନଠାରୁ ଏହାକୁ ନେଇ ଦର୍ଶକ ଖୁବ ଉତ୍ସାହିତ ଅଛନ୍ତି ।

## ପିନ୍ ଖାଇବାର ଅଜବ ସଉକ

ମଧ୍ୟପ୍ରଦେଶର ଜଣେ ୫୮ ବର୍ଷୀୟ ସଞ୍ଜୟ ବିଶ୍ୱକର୍ମା ଗତ ୪୫ ବର୍ଷ ହେଲା ନିଜ ପାଟିରେ ୧୫୦ ପିନ୍ ରଖି ବୁଲୁଛନ୍ତି । ଏହି ପିନ୍ ଗୁଡିକ ଲୁହା, ଷ୍ଟିଲ ଓ ପିତ୍ତଳରୁ ପ୍ରସ୍ତୁତ କରାଯାଇଛି । ତେବେ ଏହି ପିନ୍‌କୁ ପାଟିରେ ରଖିବାରେ ତାଙ୍କର କୌଣସି ସମସ୍ୟା ହେଉନାହିଁ । ସଞ୍ଜୟଙ୍କର ଏହି ଅଜବ ସଉକ ୧୪ ବର୍ଷରୁ ଆରମ୍ଭ ହୋଇଥିଲା । ୧୪ ବର୍ଷରେ ତାଙ୍କର ପାନ ଖାଇବାର ଅଭ୍ୟାସ ହୋଇଯାଇଥିଲା । ପାନ ଖାଇବା ସମୟରେ ଦାନ୍ତରେ ଫସୁଥିବା ଗୁଆ କାଢିବାକୁ ସେ ପିନ୍ କଣ୍ଟାର ସାହାଯ୍ୟ ନେଉଥିଲେ । ଏପରି ଦିନେ ସେହି ପିନକୁ ସେ ପାଟିରେ ରଖିଦେଇଥିଲେ, ଯାହାପରଠାରୁ ସେ ମୁହଁ ପିନ କଣ୍ଟା ରଖିଆସୁଛନ୍ତି । ସେ ପାଟିରେ ଏହିଭଳି ପିନ୍ ରଖି ହିଁ ନିଜର ସମସ୍ତ କାମ ଯେପରି ଖାଇବା, ଶୋଇବା, ପାଣି ପିଇବା ଆଦି କରିଥାଆନ୍ତି । ଏସବୁ କରିବାରେ ତାଙ୍କୁ କୌଣସି ସମସ୍ୟା ହୋଇ ନଥାଏ । ସଞ୍ଜୟଙ୍କ କାହାଣୀ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।





**ମେଷ-** ବନ୍ଧୁ ସହଯୋଗ, ଆର୍ଥିକ ଉନ୍ନତି , ଦୂରଯାତ୍ରା, ଆଶାରେ ବିଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ମାମଲା ସମାଧାନ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ବୃଷ-** ଶରୀର ଅସୁସ୍ଥ, ଯାନବାହନେ ସତର୍କ, କଚେରୀ ମାମଲା, ବ୍ୟବସାୟିକ କଷ୍ଟ, ବନ୍ଧୁ ସହଯୋଗ, ସମ୍ମାନ ହାନି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୬, ଆରାଧନା- ମା ବଗଳାମୁଖୀ ।

**ମିଥୁନ-** କାର୍ଯ୍ୟେ ଉନ୍ନତି, ବାଣିଜ୍ୟେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବନ୍ଧୁ ସହଯୋଗ, ପାରିବାରିକ ସୁଖ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା- ମା ଭଗବତୀ ।

**କର୍କଟ-** ବନ୍ଧୁଲାଭ, ଦୂରଯାତ୍ରା, ସମସ୍ୟାରେ ପଡ଼ିବେ, ଆଶାରେ ବିଫଳ, ଶରୀର କଷ୍ଟ, ଗୃହେ ଉତ୍ସବ, ଭୂସମ୍ପତ୍ତି ଲାଭ, ଭାତୃ କଳହ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କପି, ସଂଖ୍ୟା-୨, ଆରାଧନା- ପ୍ରଭୁ ଲୋକନାଥ ।

**ସିଂହ-** ମାନସିକ କଷ୍ଟ, ସନ୍ତାନ ଚିନ୍ତା, ବାଣିଜ୍ୟେ ଲାଭ, ଦୂରଯାତ୍ରା, ଶୁଭସମାଚାର, ଲୋକସମ୍ପର୍କ ବୃଦ୍ଧି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମା ବୃନ୍ଦାବତୀ ।

**କନ୍ୟା-** ଶରୀର କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁଲାଭ, ଦୂରଯାତ୍ରା, ଅର୍ଥଲାଭ, ବିବାଦ ସମାଧାନ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାରଙ୍ଗି, ସଂଖ୍ୟା-୪, ଆରାଧନା- ମହାଲକ୍ଷ୍ମୀ ।

**ତୁଳା-** ଶରୀର ସୁସ୍ଥ, ମାନସିକ ଅବସାଦ, ସନ୍ତାନ ଖୁସି, ବାଣିଜ୍ୟେ ଲାଭ, ସମ୍ପର୍କରେ ଉନ୍ନତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ଶଙ୍କର ଭଗବାନ ।

**ବିଛା-** କାର୍ଯ୍ୟରେ ବିଳମ୍ବ, ଅର୍ଥ ସମସ୍ୟା, ଶରୀର ସୁସ୍ଥ, ମାନସିକ ଅବସାଦ, ତୀର୍ଥଯାତ୍ରା, ଭ୍ରାତୃ ସ୍ନେହ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ-** କାର୍ଯ୍ୟରେ ଉନ୍ନତି, ଅର୍ଥ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଭ୍ରାତୃ ସ୍ନେହ, ଦୂରଯାତ୍ରା, ବ୍ୟବସାୟରେ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା ଲକ୍ଷ୍ମୀ ।

**ମକର-** ଯାତ୍ରାରେ ଅସଫଳ, ଶରୀର କଷ୍ଟ, ଅର୍ଥ ସମସ୍ୟା, ସମ୍ପର୍କରେ ବାଧା, ମାନସିକ ଅବସାଦ, ଅନୁଷ୍ଠାନରୁ ଉନ୍ନତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୨, ଆରାଧନା- ମା ମଙ୍ଗଳା ।


**କୁମ୍ଭ-** ଅର୍ଥଲାଭ, ଦେବକାର୍ଯ୍ୟରେ ଆନନ୍ଦ, ସମ୍ପର୍କରେ ଉନ୍ନତି, ଦ୍ରବ୍ୟ ପ୍ରାପ୍ତି, ବିଦ୍ୟାରେ ସଫଳ, ନୂତନ ବ୍ୟବସାୟ, , ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ଆରାଧନା- ଗ୍ରାମଦେବତୀ ।

**ମୀନ-** ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କାର୍ଯ୍ୟରେ ସଫଳ, ସନ୍ତାନ ସମସ୍ୟା, ଅର୍ଥ ପ୍ରାପ୍ତି, ବ୍ୟବସାୟରେ ଲାଭ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀ ନାରାୟଣ ।

**ଫାଲଗୁନ କୃଷ୍ଣପକ୍ଷ, ଏକାଦଶୀ**
**୧୩.୨.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮











ବିଭିନ୍ନ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଭାରତ ବନ୍ଦ ଡାକରାରେ ପ୍ରଭାବିତ ରାଜଧାନୀ ଭୁବନେଶ୍ୱର

### ବିଜେଇଏମ ସ୍କୁଲର ଫି ବୃଦ୍ଧି ଉପରେ ହାଇକୋର୍ଟଙ୍କ ରହିତାଦେଶ

## ଗଠିତ ହେଲା ଦଶ ଜଣିଆ କମିଟି, ଦୁଇ ମାସ ଭିତରେ ଦେବେ ରିପୋର୍ଟ

କଟକ, (ସବ୍ୟୁ) ୫୨ ବର୍ଷ ପୁରୁଣା ବିଜେଇଏମ ସ୍କୁଲରେ ୨୦୧୫ ମସିହା ରୁ ପ୍ରତ୍ୟେକ ବର୍ଷ ୧୫ ରୁ ୨୦ ଶତକଡା ଫି ବୃଦ୍ଧି ହେଇଥିବାରୁ, ବିଭିନ୍ନ ଫୋରମରେ ଦ୍ୱାରସ୍ଥ ହୋଇଥିଲେ ଅଭିଭାବକ ମାନେ । ମୁଖ୍ୟମନ୍ତ୍ରୀ ଙ୍କ ନିର୍ଦ୍ଦେଶ ରେ ତଦନ୍ତ ରିପୋର୍ଟ କୁ ସ୍କୁଲ କର୍ତୃପକ୍ଷ ନ ମାନିବାରୁ ଅଭିଭାବକ ସଂଘ ବାଧ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ହାଇକୋର୍ଟ ଙ୍କ ନିର୍ଦ୍ଦେଶ ରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି ତଦନ୍ତ ରିପୋର୍ଟ ମାନ୍ୟବର ହାଇକୋର୍ଟ ଙ୍କୁ ନ ଦେଇ ଫି ବୃଦ୍ଧି ହେବ ବୋଲି ଲିଖିତ ଆଦେଶ ସ୍କୁଲ କୁ ଦେଇଦେଲେ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ । କିଛି ଫଳ ନ ହେବାରୁ ଅବିଭାବକ ସଂଘ ପୁଣି ଥରେ ମାନ୍ୟବର ହାଇକୋର୍ଟ ଙ୍କ ଦ୍ୱାରସ୍ଥ ହୋଇଥିଲା । ୨୦୨୫ ମସିହା ରୁ ଫି ବୃଦ୍ଧି ବିରୁଦ୍ଧରେ କେସ ଚାଲୁ ଥିଲା ବେଳେ ଗତ ୧୧ ତାରିଖ ରେ ମାନ୍ୟବର ହାଇକୋର୍ଟ ଅଭିଭାବକ ସଂଘ ତଥ୍ୟକୁ ବିଚାର କରି ଫି ବୃଦ୍ଧି ଉପରେ ରହିତାଦେଶ ଦେଇଛନ୍ତି । ତତ୍ ସହିତ ହାଇକୋର୍ଟ ଏକ ୧୦ ଜଣିଆ କମିଟି ମଧ୍ୟ ଗଠନ କରିଛନ୍ତି । ଏହି କମିଟିରେ ସ୍କୁଲ ପକ୍ଷରୁ ପ୍ରତାପ ଜେନା, ମ୍ୟାନେଜର ବିଜୟ କୁମାର ଦାସ, ଚାର୍ଟାର୍ଡ ଆକାଉଣ୍ଟେଣ୍ଟ , ଅଭିଭାବକ ସଂଘ ପକ୍ଷରୁ ନିତ୍ୟାନନ୍ଦ ବେହେରା, ସମ୍ପାଦକ, ସତ୍ୟ ସୁନ୍ଦର ସାହୁ , କୋଷାଧକ୍ଷ ତତ୍ ସହିତ ସ୍କୁଲ ର ଓକିଲ ଆଶୋକ କୁମାର ପରିଜା, ପୂର୍ବତନ ଏଜି, ଅଭିଭାବକ ସଂଘ ଓକିଲ ଶ ଅମିୟ ମହାନ୍ତି ଙ୍କ ସହିତ ସିବିଏସଇ ର ଦୁଇଜଣ ପ୍ରତିନିଧି ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ,ଓ ପ୍ରଥମିକ ଶିକ୍ଷା ନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ରହି ଆସନ୍ତା ୨୫ ତାରିଖ ଦିନ ୪ଟା ସମୟ ରେ ମୁଖ୍ୟ ବିଭାଗ କାର୍ଯ୍ୟାଳୟ ,ଭୁବନେଶ୍ୱର ଠାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ମାନ୍ୟବର କୋର୍ଟଙ୍କ ଆଦେଶ ରେ ଉଲ୍ଲେଖ ଅଛି । ଆଦେଶ ମୁତାବକ ଅଭିଭାବକ ସଂଘ କୁ ୧୦ ବର୍ଷ ର ସମସ୍ତ ହିସାବ ସ୍କୁଲ ପ୍ରଦାନ କରିବ। ସମସ୍ତ ହିସାବ ତର୍ଜମା କରି, ସଂଘ ପକ୍ଷ ରୁ ମିଟିଂ ରେ ସମସ୍ତ ତଥ୍ଯ ଉପସ୍ଥାପନା କରାଯିବ । ଦୁଇ ମାସ ଭିତରେ ମାନ୍ୟବର ହାଇକୋର୍ଟ କୁ ନିର୍ଦ୍ଦେଶକ ପ୍ରାଥମିକ, ନିର୍ଦ୍ଦେଶକ, ଏକ ମଧ୍ୟବର୍ତ୍ତିକାଳୀନ ରିପୋର୍ଟ୍ ପ୍ରଦାନ କରିବାକୁ ଉଲ୍ଲେଖ ରହିଛି । ପରବର୍ତୀ ଶୁଣାଣି ନ ସରିବା ପର୍ଯ୍ୟନ୍ତ ସ୍କୁଲ ୨୦୨୫ ମସିହା ଅନୁସାରେ ସ୍କୁଲ ଫି ଆଦାୟ କରିବ ବୋଲି ଉଲ୍ଲେଖ କରିଛନ୍ତି ହାଇକୋର୍ଟ ।

## ବିଲ୍ଡରକୁ ୩ ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ୨୦୨୧ ମସିହା ନଭେମ୍ବର ମାସରେ ହୋଇଥିବା ଏକ ଜମି ଜାଲିଆତି ମାମଲାର ବିଚାର କରି ଜେଏମ୍ଏଫ୍ସି (ଚତୁର୍ଥ) ସୋମେଶ ସୌମ୍ୟଜିତ ପଣ୍ଡା ଆସାମୀ ବିଲ୍ଡର ଗୟାଧର ଜେନାଙ୍କୁ ୩ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ଜନାର୍ଦ୍ଦନପୁରରେ ଅଭିଯୋଗକାରୀ ଦୀପକ କୁମାର ମିଶ୍ର ଅଭିଯୋଗ କରିଥିଲେ ଯେ, ୨୦୧୦ ମସିହାରେ ସେ ସାରଳା ରିୟଲକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ଜଣେ ମାର୍କେଟିଂ କାର୍ଯ୍ୟନିର୍ବାହୀଙ୍କ ସହିତ କଥା ହୋଇଥିଲେ । ପରବର୍ତ୍ତୀ ସମୟରେ ଆସାମୀ ଗୟାଧର ଜେନାଙ୍କୁ ଭେଟିଥିଲେ । ବିସ୍ତୃତ ଆଲୋଚନା ପରେ ସେ ପ୍ରତି ବର୍ଗଫୁଟ ୪୦୦ଟଙ୍କା ମୂଲ୍ୟରେ ୧୫୦୦ ବର୍ଗଫୁଟ ଜମି କିଣିବାକୁ ରାଜି ହୋଇଥିଲେ । ସେହି ଅନୁସାରେ ସମ୍ପୂର୍ଣ୍ଣ ଟଙ୍କା ସେ କିସ୍ତିରେ ଦେଇଥିଲେ । ସମ୍ପୂର୍ଣ୍ଣ ଟଙ୍କା ଗ୍ରହଣ କରିବା ସତ୍ତ୍ୱେ ଅଭିଯୁକ୍ତ ଅଭିଯୋଗକାରୀଙ୍କ ସପକ୍ଷରେ ବିକ୍ରୟପତ୍ର କାର୍ଯ୍ୟକାରୀ କିମ୍ବା ପଞ୍ଜୀକୃତ କରିନଥିଲେ । ବାରମ୍ବାର ଅନୁରୋଧ ଏବଂ ଦାବି ସତ୍ତ୍ୱେ ଅଭିଯୁକ୍ତ ଜମି ରେଜିଷ୍ଟ୍ରି କରିନଥିଲା କିମ୍ବା ନେଇଥିବା ଟଙ୍କା ଫେରାଇଲା ନାହିଁ । ଏହା ଫଳରେ ଗୟାଧର ଜେନା ଅଭିଯୋଗକାରୀଙ୍କୁ ଠକିଥିବା ସେ ଜାଣିପାରିଥିଲେ । କୌଣସି ସମାଧାନ ନହୋଇ ପାରିବାରୁ ସୋମେଶ ଲକ୍ଷ୍ମୀସାଗର ଥାନାରେ ଏତଲା କରିଥିଲେ । ଏତଲା ଆଧାରରେ ୨୦୨୧ ମସିହା ନଭେମ୍ବର ୧୮ ତାରିଖରେ ଗୟାଧର ବିରୋଧରେ ଲକ୍ଷ୍ମୀସାଗର ଥାନାରେ ମାମଲା ରୁଜୁ ହେଲା । ପୋଲିସ ସେହିବର୍ଷ ସେହି ମାସ ୨୪ ତାରିଖରେ ଗୟାଧରକୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

### ବିକାଶ ନଗରରେ ସେକ୍ସ ରାକେଟ

## କିଙ୍ଗପିନ୍ ସମେତ ୪ ଦେହଜୀବୀ, ୩ ଗ୍ରାହକ ଧରାପଡିଲେ

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବିକାଶ ନଗର ଏକ ଭଡାଘରୁ ସେକ୍ସ ରାକେଟ ଠାବ ପୋଲିସ ଏବଂ ସ୍ପେସାଲ ସ୍କାର୍ଡ । କିଙ୍ଗପିନ ସମେତ ୪ଜଣ ଦେହଜିବୀ ଏବଂ ୩ଜଣ ଗ୍ରାହକ ଧରାହୋଇଛନ୍ତି । ପୋଲିସ ସମସ୍ତଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚୁରା କରୁଛି ଓ ଘରକୁ ସିଲ କରିଛି । ଖବରଲେଖା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘର ମାଲିକ ଜଣେ ପୋଲିସ କର୍ମଚାରୀ ବୋଲି ଜଣାପଡିଛି। ଆଜି ପୂର୍ବାହ୍ନରେ କୌଣସି ସୁତ୍ରରୁ ଖବରପାଇ ଖୋର୍ଦ୍ଧା ନାର୍କୋଟିକ୍ସ ସ୍କାର୍ଡ ଏବଂ ସ୍ପେସାଲ ସ୍କାର୍ଡ ଇନଚାର୍ଜ ଡିଏସପି ରବି ନାରାୟଣ ଭଞ୍ଜଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ



ଚଢାଉ କରିଥିଲେ । ସେହି ସମୟରେ ଘର ଭିତରପଟୁ ବନ୍ଦ ରହିଥିଲା। ପୋଲିସ ବାରମ୍ବାର ଡାରିବା ସତ୍ତ୍ୱେ କେହି କବାଟ ନଖୋଲିବାରୁ କବାଟ ଭାଙ୍ଗି ଭିତରକୁ ପସିଥିଲେ। ଏହି ସମୟରେ ଦେହଜିବୀ ଏବଂ ଗ୍ରାହକଙ୍କୁ ଅସଜ୍ଞତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଥାନାକୁ ନେଇ ଯାଇଥିଲେ। ପୋଲିସ ଘରକୁ ସିଲ କରିଛି।

ପ୍ରକାଶ ଯେ କିଙ୍ଗପିନ ଏଠାରେ ଏଠାରେ ଭଡା ନେଇ ରହୁଥିଲେ। ବାହାରୁ ଯୁବତୀ ମାନଙ୍କୁ ଆଣି ଏଠାରେ ରାକେଟ ଚଳାଇଥିଲେ। ପ୍ରଥମେ କେହି ସନ୍ଦେହ କରିନଥିଲେ। ପରବର୍ତି ସମୟରେ ସେଠାକୁ ଲୋକଙ୍କ ଯିବା ଆସିବା ଲାଗି ରହିବା ଯୋଗୁ ସ୍ଥାନୀୟ ଲୋକେ ସନ୍ଦେହ କରିବା ଆରମ୍ଭ କରିଥିଲେ। ତେବେ ଏ ସଂକ୍ରାନ୍ତରେ ଘର ମାଲିକ ଜାଣିଥିଲେ କି ନାହିଁ, ସ୍ଥାନୀୟ ବାସିନ୍ଦାଙ୍କ ନିକଟରେ ଖବର ଥିଲା କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ କିଛି ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ ଏ ସମ୍ପର୍କରେ ଜଣାପଡିବା ପରେ ପୋଲିସ୍ କୁ ସୂଚନା ଦିଆଯାଇଥିଲା ମଧ୍ୟ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ରାକେଟ ଧରାପଡିବା ପରେ ଆଗକୁ ବହୁ ଗୁମର ଖୋଲିବ ବୋଲି ଆଲୋଚନା ହେଉଛି। ଆଜି ଅଚାନକ ପସି ଧରିବା ପରେ ଘଟଣାକୁ ପଦାକୁ ଆସିଛି। ଏହି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧୀକାରୀ ସଞ୍ଜୟ ନାୟକ କୁହନ୍ତି।

## ବ୍ରାଉନସୁଗର ସମେତ କାର, ବାଇକ୍ ଜବତ; ୩ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଚଢଉ




କରି ବ୍ରାଉନସୁଗର୍ ସମେତ କାର୍ ଓ ବାଇକ୍ କୁ ଜବତ କରିଛି। ଏହି ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ଗୁରୁଜଙ୍ଗ ଦେୱାନସାହି ର ମନୋଜ କୁମାର ପ୍ରଧାନ ଓରଫ୍ କୁନା (୪୨), ଶିଳ୍ପାଂଚଳ ଥାନା ଅନ୍ତର୍ଗତ ଗଡଖୋର୍ଦ୍ଧା ର ହେମନ୍ତ କୁମାର ପରିଡା ଓରଫ୍ ବଂଟି (୩୬) ଓ ମୁକୁନ୍ଦପ୍ରସାଦ ପିଏନ୍ କଲେଜ ନିକଟ ର ଫିରୋଜ ଖାନ୍ (୩୪) । ସେମାନଙ୍କ ଠାରୁ ପୁଲିସ ୧୦ ଗ୍ରାମ ବ୍ରାଉନସୁଗର, କାର, ଏକ ବାଇକ୍, ୩ଟି ଫୋନ୍, ପ୍ଲାଷ୍ଟିକ ଚାମଚ ଓ ପୁଡିଆ ରେ ବ୍ୟବହୃତ କାଗଜ କୁ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ପୁଲିସ ସୂଚନା ଅନୁସାରେ, ଆଜି ଗୁରୁଜଙ୍ଗ ମହୋତ୍ସବ ପଡିଆଠାରେ ବ୍ରାଉନସୁଗର ଡିଲ ହେଉଥିବା ପୁଲିସ ଜାଣିବାକୁ ପାଇଥିଲା। ସେମାନଙ୍କୁ ଧରିବାକୁ ପୁଲିସ ଏକ ଟିମ୍ ଗଠନ କରିଥିଲା। ଏହି ଟିମ୍ ଆଜି ଏସଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଦିନ ୧୧.୧୫ରେ ଚଢଉ କରି ସେମାନଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିଆଁରେ ପୋଡିଯାଇ ମହିଳା ମୃତ :ସ୍ୱାମୀ ବେସାହାରା

ଭାପୁର, (ସବ୍ୟୁ): ସ୍ତ୍ରୀ ଙ୍କ ପାଇଁ ବଞ୍ଚିଥିଲେ ପକ୍ଷାଘାତ ରୋଗରେପୀଡ଼ିତ ସ୍ୱାମୀ କିନ୍ତୁ, ସ୍ତ୍ରୀ ଅଧା ବାଟରେ ହାତ ଛାଡି ଚାଲିଗଲା ପରେ ବେସାହାରା ହୋଇପଡିଛନ୍ତି ସ୍ୱାମୀ । ପରିବାରର ଏଭଳି କରୁଣ କାହାଣୀ ଫତେଗଡ଼ ଥାନା ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠ ପ୍ରସାଦ ଗ୍ରାମର ମନୋଜ ମଲ୍ଲିକଙ୍କ କ୍ଷେତ୍ରରେ ଦେଖାଦେଇଛି । ମନୋଜ ମଲ୍ଲିକଙ୍କ ସ୍ତ୍ରୀ କଳ୍ପନା ମଲ୍ଲିକ ଗତ ଜାନୁଆରୀ ମାସ ୨୧ ତାରିଖ ରାତ୍ରୀ ୭ ଟାରେ ସ୍ୱାମୀ ଙ୍କୁ ଖୁଆଇ ଦେଉଥିବା ସମୟରେ ନିକଟରେ ଥିବା ଚୁଲିରୁ ନିଆଁ ଉଡି କଳ୍ପନାଙ୍କ ଲୁଗାରେ ପଡି ଦେହରେ ନିଆଁ ଲାଗିଯାଇଥିଲା ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକସ୍ଥିତ ଶ୍ରୀ ରାମଚନ୍ଦ୍ର ମେଡିକାଲ କଲେଜ ଏ ପରେପରେ କଟକ ଜଗତପୁରସ୍ଥିତ ସଦଗୁରୁ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

**ଏସଆର ଆଣ୍ଡ ଇଆର ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍**
(ପାୱାର୍ ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ଏକ ସହାୟକ କମ୍ପାନୀ)
ବି-୨, କୁତବ ଇନଷ୍ଟିଚ୍ୟୁସନାଲ୍ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ- 110016

**ବିଜ୍ଞପ୍ତି**

(ବିଦ୍ୟୁତ୍ ଅଧିନିୟମ, 2003ର ଧାରା 15ର ଉପଧାରା (2) ଅଧୀନରେ)

1. କମ୍ପାନୀ ଅଧିନିୟମ, 2013 ଅନୁଯାୟୀ ଗଠିତ ଏସଆର ଆଣ୍ଡ ଇଆର ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍ ଯାହାର ପଞ୍ଜୀକୃତ କାର୍ଯ୍ୟାଳୟ ବି-୨, କୁତବ ଇନଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆଦିଲ୍ଲୀ-110016ରେ ଅବସ୍ଥିତ, ବିଦ୍ୟୁତ୍ ଅଧିନିୟମ-2003ର ଧାରା 15ର ଉପଧାରା (1) ଅନୁଯାୟୀ ଟ୍ରାନ୍ସମିସନ୍ ଲାଇନ ସବଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ପତ୍ତି ନିମନ୍ତେ ଟ୍ରାନ୍ସମିସନ୍ ଲାଇସେନ୍ସ ପ୍ରଦାନ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ନୂଆଦିଲ୍ଲୀଙ୍କ ନିକଟରେ ଏକ ଆବେଦନ କରିଛି । ଟ୍ରାନ୍ସମିସନ୍ ଲାଇନ ସବଷ୍ଟେସନ ଏବଂ ଅନ୍ୟାନ୍ୟ ସମ୍ପତ୍ତିର ବିବରଣୀ ନିମ୍ନରେ ଦିଆଗଲା:-

| କ୍ର. ସଂ | ଲାଇନ୍ / ସବଷ୍ଟେସନ୍ ର ନାମ (ରୋଡ୍ ଅନୁସାରେ ସ୍ଥାନ) | ଟିପିସି ସର୍ଭେ ରିପୋର୍ଟ ଅନୁସାରେ ଲାଇନ୍ ଦୈର୍ଘ୍ୟ/ କ୍ଷମତା | ଟ୍ରାନ୍ସମିସନ୍ ଚାର୍ଜ (INR) ମିଲିୟନ୍/ ବାର୍ଷିକ | ନିର୍ଦ୍ଧାରିତ ସମାପ୍ତି ତିଥି | ଟିପ୍ପଣୀ |
|---|---|---|---|---|---|
| 1. | ଅନୁଗୁଳ-ଶ୍ରୀକାକୁଲମ୍ 765 କିଲୋ ଭୋଲ୍ଟ ଦ୍ୱିତୀୟ ଡି/ସି ଲାଇନ ସହିତ ଉଭୟ ସର୍କିଟର ଉଭୟ ପାଖରେ 240 ଏମଭିଏଆର ଏସଏଲଆର । | 280.964 କି.ମି. 960 MVAR (ଏସ୍ ଏଲ୍ ଆର୍) | 3118.6 | 30 ମାସ (03.08.2028) | - |
| 2. | ଅନୁଗୁଳ ସବଷ୍ଟେସନରେ 1x330 MVAr, 765 କିଲୋ ଭୋଲ୍ଟ ବସ୍ ରିଆକ୍ଟର (ଦ୍ୱିତୀୟ) | 330 MVAR (BR) | | | - |

ଟିପ୍ପଣୀ: (i) ଧାଡ଼ି-1 ରେ ଥିବା ଉପାଦାନଗୁଡ଼ିକର ସ୍ଥାନ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ରାଜ୍ୟରେ ଏବଂ ଧାଡ଼ି ନଂ 2 ରେ ଥିବା ଉପାଦାନଗୁଡ଼ିକର ସ୍ଥାନ ଓଡ଼ିଶାରେ ରହିଛି।
(ii) ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ପରିଦର୍ଶନ କରନ୍ତୁ https://www.powergrid.in/subsidiaries

2. ଆୟୋଗଙ୍କ ନିକଟରେ ଦାଖଲ ହୋଇଥିବା ସମ୍ପୂର୍ଣ୍ଣ ଆବେଦନ ଏବଂ ଅନ୍ୟାନ୍ୟ କାଗଜପତ୍ର ପାୱାରଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡର ୱେବସାଇଟରେ ଉପଲବ୍ଧ ଅଛି https://www.powergrid.in/subsidiaries ଯେକୌଣସି ବ୍ୟକ୍ତି ଦେଖିପାରିବେ। ଏହି ଆବେଦନକୁ ସି/ଓ ଇଡି (ଟିବିସିବି), ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍, ସୌଦାମିନୀ, ପ୍ଲଟ୍ ନମ୍ବର-2, ସେକ୍ଟର-29, ଗୁରୁଗ୍ରାମ-122001, ଶ୍ରୀ ଜି.ଏସ୍ ଆର୍ ରାଓ, ପ୍ରୋଜେକ୍ଟ ଇନଚାର୍ଜ, ଏସ୍ ଆଣ୍ଡ ଇଆର୍ ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍ କିମ୍ବା ଆୟୋଗଙ୍କ କାର୍ଯ୍ୟାଳୟରେ ଆୟୋଗଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରକ୍ରିୟା ଅନୁଯାୟୀ ଯାଞ୍ଚ କରାଯାଇପାରିବ ।

୩. ଯଦି କୌଣସି ଆପତ୍ତି କିମ୍ବା ପରାମର୍ଶ ଥାଏ, ତେବେ ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ତୃତୀୟ ମହଲା, ଚନ୍ଦ୍ରଲୋକ ବିଲ୍ଡିଂ, ବିଶ୍ୱ ବାଣିଜ୍ୟ କେନ୍ଦ୍ର, ନୌରୋଜୀ ନଗର, ନୂଆଦିଲ୍ଲୀ-110029 ଙ୍କ ପାଖରେ, ଖବରକାଗଜରେ ବିଜ୍ଞପ୍ତି ପ୍ରକାଶିତ ହେବାର 15 ଦିନ ମଧ୍ୟରେ ଆବେଦନକାରୀ କିମ୍ବା ଏହାର ପ୍ରାଧିକୃତ ଏଜେଣ୍ଟଙ୍କୁ ଆପତ୍ତି (ଗୁଡ଼ିକ)/ପରାମର୍ଶ (ଗୁଡ଼ିକ)ର ନକଲ ସହିତ ଦାଖଲ କରି ପାରିବେ ।

ସ୍ଥାନ: ନୂଆଦିଲ୍ଲୀ
ତାରିଖ: 13.02.2026

ଶ୍ରୀ ଜି ଏସ ଆର ରାଓ
ପ୍ରୋଜେକ୍ଟ ଇନଚାର୍ଜ,
ଏସଆର ଏବଂ ଇଆର ପାୱାର ଟ୍ରାନ୍ସମିସନ୍ ଲିମିଟେଡ୍

### ଖାଦ୍ୟ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ଅଭାବକୁ ନେଇ ହାଇକୋର୍ଟଙ୍କ ଚିନ୍ତା

## ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଖାଦ୍ୟ ପରୀକ୍ଷାଗାର ଓ ବୈଷୟିକ କର୍ମଚାରୀ ନିଯୁକ୍ତି ପାଇଁ ନିର୍ଦ୍ଦେଶ

କଟକ,(ସବ୍ୟୁ): ରାଜ୍ୟରେ ଖାଦ୍ୟ ସୁରକ୍ଷା ଓ ଜନସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ଅଭାବକୁ ନେଇ ହାଇକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ୪କୋଟି ୭୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶା ପାଇଁ ମାତ୍ର ଗୋଟିଏ ଖାଦ୍ୟ ପରୀକ୍ଷାଗାର ରହିଥିବାରୁ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଖାଦ୍ୟ ପରୀକ୍ଷାଗାର ସ୍ଥାପନ ସହ ଆବଶ୍ୟକ ବୈଷୟିକ କର୍ମଚାରୀ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ ଏହି ଆଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଉପରେ ଜବାବ ରଖିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏବଂ ଖାଦ୍ୟ ଯୋଗଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମୀରା ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ, ଲୋକମାନଙ୍କୁ ସ୍ୱାସ୍ଥ୍ୟପଯୋଗୀ ଖାଦ୍ୟ ଯୋଗାଇବା ପାଇଁ ଯାହା ବ୍ୟବସ୍ଥା ରହିଛି ବର୍ତ୍ତମାନର ବ୍ୟବସ୍ଥା ତାହା ସହିତ ସମାନ ନୁହେଁ । ଖାଦ୍ୟର ଗୁଣବତ୍ତା ନିୟନ୍ତ୍ରଣ ଏବଂ ଉପଯୁକ୍ତ ଯାଞ୍ଚ ପାଇଁ ବର୍ତ୍ତମାନର ଭିତ୍ତି ଭୂମି ପର୍ଯ୍ୟାପ୍ତ ନୁହେଁ। ରାଜ୍ୟରେ ଖାଦ୍ୟର ମାନ ଯାଞ୍ଚ ଓ ନମୁନା ପରୀକ୍ଷଣରେ ବିଳମ୍ବ ହେଉଥିବାରୁ ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଅଦାଲତ ମୂହଁ ଦେଇଛନ୍ତି। ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ସମଗ୍ର ଓଡ଼ିଶାରେ କେବଳ ଗୋଟିଏ ମାତ୍ର ଖାଦ୍ୟ ପରୀକ୍ଷାଗାର ରହିଛି । ଜଣେ ମାତ୍ର ଚିଫ ଫୁଡ୍ ଆନାଲିଷ୍ଟ ଓ ସୀମିତ ସଂଖ୍ୟକ ବୈଷୟିକ କର୍ମଚାରୀଙ୍କୁ ନେଇ ପରୀକ୍ଷାଗାର ଚାଲିଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଦୋକାନ, ହୋଟେଲ ପ୍ରଭୃତିରୁ ଖାଦ୍ୟ ନମୁନା ସଂଗ୍ରହ କରନ୍ତି । ନମୁନା ପରୀକ୍ଷା ରିପୋର୍ଟ ବିଳମ୍ବ ହେଉଥିବାରୁ ମାମଲା ଆଇନଗତ ଭାବେ ଦୃଢ଼ ହୋଇ ପାରୁନାହିଁ । ମିଶ୍ରିତ ଓ ଗୁଣାତ୍ମକ ଖାଦ୍ୟରୁ ଫୁଡ୍ ପଏଜନିଂ ଭଳି ରୋଗ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ବିଶେଷକରି ଶିଶୁ, ଗର୍ଭବତୀ ମହିଳା ଓ ବୃଦ୍ଧଙ୍କ ଅଧିକ ପ୍ରଭାବ ପଡ଼େ । ପ୍ୟାକେଜ୍‌ଡ ଫୁଡ୍, ରେଷ୍ଟୁରାଣ୍ଟ ଓ ଷ୍ଟ୍ରିଟ ଫୁଡ୍‌ର ନିରୀକ୍ଷଣ ନିହାତି ଜରୁରୀ। ରାଜ୍ୟରେ ପରୀକ୍ଷାଗାର ସଂଖ୍ୟା କମ୍ ଥିବାରୁ ଖାଦ୍ୟ ପରୀକ୍ଷା ଯଥାସମ୍ଭବ ହୋଇପାରୁନାହିଁ । ଖାଲି ସେତିକି ନୁହେଁ ଯେଉଁ ଗୋଟିଏ ପରୀକ୍ଷାଗାର ଅଛି ସେଠାରେ ମଧ୍ୟ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି । ଜନସାଧାରଣଙ୍କ ଜୀବନ-ମରଣ ସହ ଏହା ଜଡ଼ିତ ଥିବାରୁ ଅଦାଲତ ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି । ତା'ଛଡ଼ା ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଖାଦ୍ୟ ପରୀକ୍ଷାଗାର ସ୍ଥାପନ କରି ଆବଶ୍ୟକ ସଂଖ୍ୟାରେ କର୍ମଚାରୀଙ୍କ ଦ୍ୱାରା ପରିଚାଳନା କରିବାକୁ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତୀୟ ଜନତା ପାର୍ଟି ପକ୍ଷରୁ ସମର୍ପଣ ଦିବସ

ଜଟଣୀ, (ସବ୍ୟୁ): ଭାରତୀୟ ଜନତା ପାର୍ଟି ପକ୍ଷରୁ ଯାଆଁଳା ପଞ୍ଚାୟତ ଅନ୍ତର୍ଗତ ହୋଟେଲ ଅତିଥି ପରିସରରେ ଭାରତୀୟ ଜନତା ଦଳର ଆଦର୍ଶ ମହାନ ଚିନ୍ତାନାୟକ ତଥା ଏକାତ୍ମ ମାନବ ଦର୍ଶନର ପ୍ରଣେତା ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ପବିତ୍ର ବଳିଦାନ ଦିବସ ଅବସରରେ ସମର୍ପଣ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ରାଜସ୍ୱ ଓ ଆପାଦକାଳୀନ ମନ୍ତ୍ରୀ ସୁରେଶଚନ୍ଦ୍ର ପୂଜାରୀ, ଜିଲ୍ଲା ବିଜେପି ସଭାପତି ବିଶ୍ୱରଂଜନ ବଡ଼ଜେନା, ବରିଷ୍ଠ ବିଜେପି ନେତା ସୁଦୀପ୍ତ ରାୟ, ଡ଼ ଉମାକାନ୍ତ ପଟ୍ଟନାୟକ, ସତୀଶ ଶର୍ମା, ରଶ୍ମିମୟୀ ପଟ୍ଟନାୟକ,ଡଃ ରୁଷି ପଟ୍ଟନାୟକଙ୍କ ସମେତ ନିର୍ବାଚନ ମଣ୍ଡଳୀର ବହୁ ଆଗଧାଡିର ନେତା, ନେତ୍ରୀ ଓ କର୍ମୀମାନେ ଉପସ୍ଥିତ ରହି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପୂର୍ବ ଶତ୍ରୁତାରୁ ଘରେ ଲଗେଇଲେ ନିଆଁ

ଭାପୁର(ସବ୍ୟୁ) :ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶତ୍ରୁପକ୍ଷ ପ୍ରକାଶ ବେହେରା ଅନ୍ୟ ତାରେଶ୍ୱର ଜେନା ଙ୍କ ଘରେ ନିଆଁ ଲଗେଇଥିବା ନେଇ ଅଭିଯୋଗ ହୋଇଛି । ବଡସହରା ପଞ୍ଚାୟତ ବାଦଭୂଇଁ ଗ୍ରାମର ପ୍ରକାଶ ବେହେରା ଏବଂ ତାରେଶ୍ୱର ଜେନାଙ୍କ ମଧ୍ୟରେ ଶତ୍ରୁତା ଲାଗିରହିଥିଲା । ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପ୍ରକାଶ ଙ୍କ ଶତ୍ରୁ ପରିବାର ତାରେଶ୍ୱରଙ୍କ ଘରେ ନିଆଁ ଲଗେଇଥିବା ନେଇ ଅଭିଯୋଗ ହୋଇଛି । ଖବରପାଇ ଭାପୁର ରୁ ଅଗ୍ନିଶମ ବାହିନୀ ଯାଇ ନିଆଁ କୁ ଆୟତ୍ତ କରିଥିଲେ ।

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**



**୰ ସୁଶୀଳା ତିରିଆ**
ପୂର୍ବତନ ସାଂସଦ (ରାଜ୍ୟସଭା ଓ ଲୋକସଭା)
ଆବିର୍ଭାବ - ୦୬/୦୨/୧୯୫୬
ତିରୋଧାନ - ୦୧/୦୨/୨୦୨୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କୁ ଅତୁଳା ସ୍ମୃତି ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା ।

ଶୋକ ସନ୍ତପ୍ତ
ପରିବାରବର୍ଗ ଏବଂ ଆତ୍ମୀୟ-ସ୍ୱଜନ

### 'ଭାରତ ବୋଧନ ଏଆଇ କନ୍‌କ୍ଲେଭ'ର ଶୁଭାରମ୍ଭ

# ଶିକ୍ଷା ପ୍ରକ୍ରିୟାକୁ ସହଜ କରିବ "ବୋଧନ ଏଆଇ" : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀ ଠାରେ ଆୟୋଜିତ 'ଭାରତ ବୋଧନ ଏଆଇ କନକ୍ଲେଭ'ରେ ଯୋଗଦେଇ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି। ଭାରତକୁ ଏକ 'ଏଆଇ ଲିଡର' ଦେଶ ଭାବେ ଗଢିତୋଳିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଦୋହରାଇ ସେ ଶିକ୍ଷା କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶିକ୍ଷା ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରିବା ପାଇଁ 'ବୋଧନ ଏଆଇ'ର ଶୁଭାରମ୍ଭ କରାଯାଇଛି। ଏହା ଶିକ୍ଷକମାନଙ୍କୁ ସହାୟତା କରିବା ସହ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନରେ ସହାୟକ ହେବ। ଏଆଇ କେବଳ ଇଂରାଜୀ ଭାଷାରେ ସୀମିତ ନ ରହି ଭାରତୀୟ ଭାଷାଗୁଡ଼ିକରେ ଉପଲବ୍ଧ ହେବା ଉଚିତ୍। ଏହା ଦ୍ୱାରା ଗ୍ରାମାଞ୍ଚଳର ଶେଷ ଧାଡ଼ିର ବିଦ୍ୟାର୍ଥୀ ମଧ୍ୟ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଭାରତକୁ ' ଏଆଇ -ପ୍ରସ୍ତୁତ' କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସେ ମଧ୍ୟ ନୈତିକ, ଦାୟିତ୍ୱସମ୍ପନ୍ନ ଏବଂ ସମାବେଶୀ ଏଆଇ ର ବିକାଶ ତଥା ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତର ଏଆଇ ନିଜସ୍ୱ ଶୈଳୀରେ ସମାବେଶୀ, ସଂରଚନାରେ ପରସ୍ପର ସହଯୋଗୀ ଏବଂ ସାମର୍ଥ୍ୟରେ ସାର୍ବଭୌମ ହେବ। ଛାତ୍ରଛାତ୍ରୀମାନଙ୍କୁ ସଶକ୍ତ କରିବା ଏବଂ ଶିକ୍ଷକମାନଙ୍କୁ ସହାୟତା କରିବା ପାଇଁ ଆମକୁ ଶିକ୍ଷା କ୍ଷେତ୍ରରେ ଏଆଇ କୁ ସାମିଲ କରିବାକୁ ହେବ। ଶିକ୍ଷାର ରୂପାନ୍ତରଣ ଏବଂ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ମୁଁ ସମସ୍ତ ଅଂଶୀଦାରମାନଙ୍କୁ ମାପଯୋଗ୍ୟ ଦାୟିତ୍ୱସମ୍ପନ୍ନ, ନୈତିକ, ସମାବେଶୀ ଏବଂ ଭାରତ-କେନ୍ଦ୍ରିତ ସାର୍ବଭୌମ ଏଆଇ ମଡେଲ୍ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଛନ୍ତି।

ଆଇଆଇଟି ବମ୍ବେ ଏବଂ ଆମେରିକାର କଲମ୍ବିଆ ୟୁନିଭରସିଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ମାନୁଫାକଚରିଂ କ୍ଷେତ୍ରରେ ଏଆଇର ବ୍ୟବହାର ପାଇଁ ଏକ ଯୁଗ୍ମ ଗବେଷଣା କେନ୍ଦ୍ର ସ୍ଥାପନ କରାଯିବ। ଏଆଇ ମାଧ୍ୟମରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଓ ନୂତନ ପାଠ୍ୟକ୍ରମର ସରଳିକରଣ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଆଗାମୀ ଦିନରେ ଦେଶର ୩୦ କୋଟି ଛାତ୍ରଛାତ୍ରୀ ଓ କୋଟି କୋଟି ଶିକ୍ଷକଙ୍କ ପାଇଁ ଏକ ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକଚର ନିର୍ମାଣ କରିବା ସରକାରଙ୍କ ଲକ୍ଷ୍ୟ । ସେ ଆହୁରି କହିଛନ୍ତି ଯେ ୨୦୩୫ ସୁଦ୍ଧା ଭାରତର ଅର୍ଥନୀତିରେ ଏଆଇର ଅବଦାନ ୧.୭ ଟ୍ରିଲିୟନ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି। ଏଆଇ କେବଳ ଏକ ଟେକ୍ନୋଲୋଜି ନୁହେଁ, ବରଂ ଏହା ଭାରତର 'ଆସ୍ପିରେସନାଲ୍ ଇଣ୍ଡିଆ' ବା ମାନବୀୟ ସମ୍ବଳର ଆକାଂକ୍ଷାକୁ ପୂରଣ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ । ଏହି ଅବସରରେ ସେ ଓଡ଼ିଶାର ଜଣେ ଯୁବକଙ୍କ ଦ୍ୱାରା ପ୍ରସ୍ତୁତ 'ଭତ୍ରୀ' (ଟ୍ରାଇବାଲ ଲାଙ୍ଗୁଏଜ୍) ଏଆଇ ମଡେଲର ଉଦାହରଣ ଦେଇ ଦେଶର ପ୍ରତିଭାକୁ ପ୍ରଶଂସା କରିଛନ୍ତି।

## ପ୍ରଥମ ବର୍ଷ ଜିଏନ୍ଏମ୍ ଏବଂ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଭିସ୍ୱାସ୍ ସ୍କୁଲ୍ ଏଣ୍ଡ କଲେଜ୍ ଅଫ୍ ନର୍ସିଂର ପ୍ରଥମ ବର୍ଷ ଜିଏନ୍ଏମ୍ ଏବଂ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଶପଥ ଗ୍ରହଣ ଉତ୍ସବ ମଲ୍ଟିପର୍ପୋଜ୍ ହଲ୍‌ରେ ଗମ୍ଭୀର ପରିବେଶରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ଦୀପ ପ୍ରଜ୍ୱଳନ ଓ ଗୋଷ୍ଠୀ ସଙ୍ଗୀତ ସହ ହୋଇଥିଲା। ପ୍ରଧାନାଚାର୍ଯ୍ୟ ପ୍ରଫେସର୍ ସତ୍ୟଭାମା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥିବୃନ୍ଦ ଓ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଉତ୍କଳ ହସ୍ପିଟାଲ୍, ଭୁବନେଶ୍ୱରର ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀମତୀ ମୋନାଲିଶା ପଣ୍ଡା ନର୍ସିଂ ଶପଥର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବିଷୟରେ ଅଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତିଗତ ନୀତି, କରୁଣା ଓ ଦାୟିତ୍ୱବୋଧ ସହ ରୋଗୀ ସେବା କରିବାକୁ ଆହ୍ୱାନ କରିଥିଲେ। ପରେ ସେ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ। ମୁଖ୍ୟ ଅତିଥି ଡା. ଏ. କେ. ବାହିନୀପତି, ପ୍ରଧାନାଚାର୍ଯ୍ୟ, ଭିସ୍ୱାସ୍ ପାରାମେଡିକାଲ୍ କଲେଜ୍, ଛାତ୍ରଛାତ୍ରୀମାନଙ୍କୁ ନର୍ସିଂ ପେଶା ଚୟନ କରିଥିବାରେ ପ୍ରଶଂସା କରିଥିଲେ ଏବଂ ସଂସ୍ଥାନର ଉତ୍କୃଷ୍ଟ ଶିକ୍ଷା ସୁବିଧା ବିଷୟରେ ଉଲ୍ଲେଖ କରିଥିଲେ। ସଚିବ ଡା. ନନ୍ଦିନୀ ଘରାଇ ଓ ଅଧ୍ୟକ୍ଷ ଡା. ପ୍ରଜ୍ଞାନ ରଞ୍ଜନ ଘରାଇଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା। ଶେଷରେ ଅତିଥି ସମ୍ମାନ ଓ ଧନ୍ୟବାଦ ଜ୍ଞାପନ ସହ ଉତ୍ସବର ସମାପନ ହୋଇଥିଲା।



### କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ

## ସମାଜସେବୀ ଚନ୍ଦନ କୁମାର ତ୍ରିପାଠୀ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର) : ବ୍ୟବସାୟ ସହ ସମାଜସେବା ପ୍ରତି ରୁଚି ରଖିଥିବା ଚନ୍ଦନ କୁମାର ତ୍ରିପାଠୀଙ୍କୁ ମିଳିଛି ସମ୍ବର୍ଦ୍ଧନା । କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ କଳିଙ୍ଗ ଭାରତୀ ଶିଶୁ ବିଦ୍ୟା ମନ୍ଦିରର ୨୧ତମ ବାର୍ଷିକ ସମାରୋହରେ ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡ. ବସନ୍ତ ମଞ୍ଜରୀ ନନ୍ଦ, ଇନ୍ଦିରା ଶୁଭଦର୍ଶିନୀ ପ୍ରସାଦ, ଡ. ବୈଜୟନ୍ତୀ ମିଶ୍ର, ସଞ୍ଜିତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତାଭବେ ସମାଜସେବୀ ଚନ୍ଦନ କୁମାର ତ୍ରିପାଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଅଞ୍ଜଳି ସାହୁ ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତରଞ୍ଜନ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶ୍ରୀ ତ୍ରିପାଠୀ ଯୋଗଦେଇ ଛାତ୍ର, ଛାତ୍ରୀମାନଙ୍କୁ ପ୍ରତିଦିନ ଖବରକାଗଜ ପଢିବା ଉଚିତ ବୋଲି କହିଥିଲେ । ନିୟମିତ ଖବରକାଗଜ ପଢିବା ଦ୍ୱାରା ଶବ୍ଦାବଳୀ, ସାଧାରଣ ଜ୍ଞାନ ଏବଂ ଯୋଗାଯୋଗ ଦକ୍ଷତାକୁ ଉନ୍ନତ କରେ ବୋଲି କହିବା ସହିତ ମୋବାଇଲ୍ ଫୋନ୍‌ର ଅତ୍ୟଧିକ ବ୍ୟବହାର କିପରି ଧ୍ୟାନ ହ୍ରାସ, ନିଦ୍ରାରେ ବାଧା ସୃଷ୍ଟି କରିବା ସହିତ ଚିନ୍ତା ସୃଷ୍ଟି କରିଥାଏ ବୋଲି ମଧ୍ୟ ଅବତାରଣା କରିଥିଲେ । ଶେଷରେ ଅତିଥିମାନେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



### ଏସସିବି ବଡ଼ମେଡ଼ିକାଲ ଅଧିକ୍ଷକଙ୍କ ଅଫିସ ଘେରିଲା କଂଗ୍ରେସ

କଟକ,(ସବ୍ୟୁ):କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲ (ଏସସିବି) ଓଡ଼ିଶାର ବଡ଼ ମେଡ଼ିକାଲ ଭାବରେ ପରିଚିତ ।ଏବେ ଏହା ବିଶ୍ୱ ସ୍ତରୀୟ ହେବାକୁ ଯାଉଛି ।ମାତ୍ର ଏଠି ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର ଲୋକ ଲୋଚନକୁ ଆସିଛି ।ରୋଗୀ ସେବାର ଚରମ ଅବହେଳା ସମ୍ପର୍କରେ କଟକ ନଗର କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ଓ କଂଗ୍ରେସ ନେତା ବିଶ୍ୱଜିତ୍ ମହାନ୍ତି ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ବଡ଼ମେଡ଼ିକାଲ ର ଅଧିକ୍ଷକ କାର୍ଯ୍ୟାଳୟ କୁ ଯାଇ ଅଧିକ୍ଷକ ଅନୁପସ୍ଥିତ ଥିବାରୁ ଅଫିସ ଘେରାଉ କରିବା ସହ ତାଙ୍କ ପ୍ରତିନିଧି ଭାବେ ବରିଷ୍ଠ ଅଧିକାରୀଙ୍କୁ ଦାବୀପତ୍ର ଦେଇଥିଲେ ।

## ବିଜେବି ଫ୍ରେଣ୍ଡସ୍ ' ର କର୍ମକର୍ତ୍ତା ନିର୍ବାଚନ, ୨୨ରେ ଭୋଟ

ଭୁବନେଶ୍ୱର (ସବ୍ୟୁ): ବିଜେବି କଲେଜର ପୁରାତନ ଛାତ୍ର ସଂସଦ ' ବିଜେବି ଫ୍ରେଣ୍ଡସ୍ ' ର କର୍ମକର୍ତ୍ତା ନିର୍ବାଚନ ୨୨ ମାର୍ଚ୍ଚ ୨୦୨୬ ରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର କାର୍ଯ୍ୟସାରଣୀ ନିମ୍ନଲିଖିତ ତାରିଖ ମାନଙ୍କରେ ଅନୁଷ୍ଠିତ ହେବ। ଏଣୁ ସମସ୍ତ ଆଜୀବନ ସଦସ୍ୟ ଓ ସଦସ୍ୟା ଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ପ୍ରକ୍ରିୟାକୁ ସଫଳ କରିବାକୁ ଅନୁରୋଧ କରାଯାଉଛି। ସମସ୍ତ ସଦସ୍ୟା ଓ ସଦସ୍ୟ ମାନଙ୍କ ତାଲିକା ବିଜେବି କଲେଜ ର ୱେବସାଇଟ www.bjbcollege.in ରେ ଉପଲବ୍ଧ ଅଛି। ଯଦି କୌଣସି ସଦସ୍ୟା ଓ ସଦସ୍ୟ ଙ୍କ ନାମ ସେଥିରେ ସ୍ଥାନିତ ହୋଇପାରିନାହିଁ, ସେହି ସଦସ୍ୟା/ ସଦସ୍ୟ ତାଙ୍କ ସଦସ୍ୟତାର ଉପଯୁକ୍ତ ପ୍ରମାଣ ( ଦେୟ ରସିଦ୍ ଏବଂ ପରିଚୟ ପ୍ରମାଣ ପତ୍ର) ପ୍ରଦାନ କରି ତା ୧୨-୧୭ ଫେବୃଆରୀ ୨୦୨୬ ଅପରାହ୍ନ ୩ଟା ରୁ ୫ ଘଟିକା ମଧ୍ୟରେ ବିଜେବି ଫ୍ରେଣ୍ଡସ୍ ର କାର୍ଯ୍ୟାଳୟ ରେ ପଞ୍ଜୀକୃତ କରିପାରିବେ। କାର୍ଯ୍ୟସୂଚି ଅନୁଯାୟୀ ୧୮ତାରିଖ ୫ଟା ସୁଦ୍ଧା ସଦସ୍ୟ ଓ ସଦସ୍ୟାମାନଙ୍କ ତାଲିକା ପ୍ରକାଶନ, ୧୯ତାରିଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମଧ୍ୟରେ ନାମାଙ୍କନପତ୍ର ଦାଖଲ ଓ ୨୨ତାରିଖ ସକାଳ ୮ଟା ଠାରୁ ସନ୍ଧ୍ୟା ୫ଟା କର୍ମକର୍ତ୍ତା ନିର୍ବାଚନ। ସେହିଭଳି ଭୋଟ ଗଣତି ସରିବା ପରେ ୨୨ତାରିଖ ଦିନ ଫଳାଫଳ ଘୋଷଣା କରାଯିବ ବୋଲି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ବିଜେବି ଫ୍ରେଣ୍ଡସ୍‌ର ଅଧ୍ୟକ୍ଷା ଜଣାଇଛନ୍ତି ।

## ଓଏସ-ସିଆଟି ଆଧାରିତ ଆଇଟି ପ୍ରଶିକ୍ଷଣ ଆରମ୍ଭ କଲେ କେନ୍ଦ୍ର ସଚିବ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ପ୍ରାଥମିକ କୃଷି ସମବାୟ ସମିତି ଗୁଡିକୁ ଡିଜିଟାଲ ଭାବେ ସୁଦୃଢ କରିବା ଉଦ୍ଦେଶ୍ୟରେ "ଓଏସ-




ସିଆଟି ମାଧ୍ୟମରେ ରାଜ୍ୟସ୍ତରୀୟ ଆଇଟି ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ" କାର୍ଯ୍ୟକ୍ରମ ଭୁବନେଶ୍ୱରର ଲୋକସେବା କନଭେନସନ୍ ହଲ୍‌ରେ ୧୨ ତାରିଖରେ ଶୁଭାରମ୍ଭ ହୋଇଛି। କେନ୍ଦ୍ର ସରକାର ସମବାୟ ମନ୍ତ୍ରଣାଳୟର ସଚିବ ଡ଼ଃ. ଅଶିଷ କୁମାର ଭୁଟାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକ ହେଉଛି ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର। ସେଠାରେ କାମ କରୁଥିବା କର୍ମଚାରୀମାନଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧି ପାଇଲେ ସମିତିମାନଙ୍କ କାର୍ଯ୍ୟପ୍ରଣାଳୀ ଅଧିକ ପାରଦର୍ଶୀ ଓ କାର୍ଯ୍ୟକ୍ଷମ ହେବ। କାର୍ଯ୍ୟକ୍ରମରେ ସମବାୟ ବିଭାଗର କମିଶନର ତଥା-ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରାରମ୍ଭିକ ଉଦ୍‌ବୋଧନ ରଖି ଏହି ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ ଯେ ଡିଜିଟାଲ ରେକର୍ଡ ରଖିବା, ଆର୍ଥିକ ପରିଚାଳନା ଓ ପ୍ରଶାସନିକ ପାରଦର୍ଶିତା ବୃଦ୍ଧି ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଆବଶ୍ୟକ। ଏହି ଅବସରରେ କେନ୍ଦ୍ର ସରକାର ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ, କେନ୍ଦ୍ର ସମବାୟ ନୀତି ବିଭାଗର ନିର୍ଦ୍ଦେଶକ ମୁକେଶ କୁମାର, ଓମଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ ଏବଂ ସ୍ୱତନ୍ତ୍ର ଶାସନ ସଚିବ ଡ଼ଃ. ପ୍ରଦୀପ କୁମାର ରାଉତ ଉପସ୍ଥିତ ଥିଲେ। ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ଼ଃ. ମନୋରଞ୍ଜନ ପୁଥାଲ ଓଏସ-ସିଆଟି ପ୍ରଶିକ୍ଷଣର ପାଠ୍ୟକ୍ରମ ଓ ଗଠନ ବିଷୟରେ ତଥ୍ୟ ଦେଇଥିଲେ। ସର୍ବଶେଷରେ ସିଦ୍ଧାର୍ଥ ଦାସ, ନିବନ୍ଧକ ସମବାୟ ସମିତି ସମୂହ ଅତିଥିମାନଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

### ନୂଆପଲ୍ଲୀ ଗଡସାହି ଲୁଟ୍ ମାମଲା

## ଲୁଟେରା ଗିରଫ : ଗହଣା, ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଗଡସାହି ଲୁଟ୍ ମାମଲାର ଲୁଟେରାକୁ ପୋଲିସ ଗିରଫ କରିଛି । ଗିରଫ ଲୁଟେରା ଅଶୋକ ବେହେରା (୨୩) ନିକଟରୁ ଖେଳନା ବନ୍ଧୁକ ଓ ଲୁଟ୍ ଗହଣା ଜବତ ହୋଇଥିବା ସୂଚନା ଦେଇଛନ୍ତି ଏସିପି । ଗଡସାହିରେ ରହୁଥିବା ମନୋଜ ବଳବନ୍ତ ରାୟଙ୍କ ମା' ଗତ ୪ ତାରିଖ ଦିନ ଭୋର୍ ସମୟରେ ଅଗଣା ଓଳାଇବା ପରେ ଫୁଲ ତୋଳୁଥିଲେ । ହଟାତ୍ ସେଠିକୁ ଜଣେ ଯୁବକ ବନ୍ଧୁକ ଧରି ପଶିଆସିବା ସହ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗହଣା ଦେବାକୁ ବାଧ କରିଥିଲା । ସେ ଭୟରେ କାନଫୁଲ ଓ ହାତରେ ପିନ୍ଧିଥିବା ଇମିଟେସନ ଚୁଡିକୁ ଦେଇଦେଇଥିଲେ । ଗହଣା ପାଇବା ପରେ ଲୁଟେରା ସେଠୁ ଖସି ପଳାଇଥିଲା । ଏକଥା ସେହି ମହିଳା ତାଙ୍କ ପୁଅକୁ କହିବା ପରେ ସେ ନୂଆପଲ୍ଲୀ ଥାନାକୁ ଯାଇ ଏତଲା କରିଥିଲେ । ଏତଲା ଆଧାରରେ ପୋଲିସ ସିସି କ୍ୟାମେରା ଯାଞ୍ଚ କରିବା ପରେ ଗୋଟିଏ ସ୍କୁଟର ନମ୍ବରରୁ ଲୁଟେରା ଅଶୋକର ସନ୍ଧାନ ମିଳିଲା । ଏତଲାକାରୀଙ୍କ ଘର ଠାରୁ ୨୦୦ ମିଟର ଦୂରରେ ଅଶୋକ ଆଣି ଆସିଥିବା ସ୍କୁଟରକୁ ଥୋଇ ଲୁଟ୍ କରିବାକୁ ଆସିଥିଲା । ମନୋଜଙ୍କ ମା'ଙ୍କୁ ସେ ଟାର୍ଗେଟ କରିବାର କାରଣ ପୂର୍ବରୁ ସେଠାରେ ରହୁଥିଲା ।

## ପୂର୍ବତନ ଜିଲ୍ଲା ଜଜ୍ ବ୍ରଜକିଶୋର ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର(ସବ୍ୟୁ): ପୂର୍ବତନ ଜିଲ୍ଲା ଜଜ୍ ବ୍ରଜକିଶୋର ପଟ୍ଟନାୟକଙ୍କ ଗତ ୧୦ ତାରିଖ ରାତ୍ର ୧ଟା ୫୪ ମିନିଟରେ ୮୮ ବର୍ଷ ବୟସରେ ପରଲୋକ ଘଟିଛି । ସେ ଜଣେ ଉଚ୍ଚକୋଟୀର ବିଚାର ବିଭାଗୀୟ ଅଧିକାରୀ ହିସାବରେ ସୁନାମ ଅର୍ଜନ କରିଥିଲେ । ଅବସର ଗ୍ରହଣ ପରେ ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ସେ ଢେଙ୍କାନାଳ ଓ ବଲାଙ୍ଗିର ଜିଲ୍ଲାରେ ଜିଲ୍ଲା ଜଜ୍ ତଥା ଏଡୁକେସନ ଟ୍ରିବ୍ୟୁନାଲଇର ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ ମୀରା ପଟ୍ଟନାୟକ, ଦୁଇ ପୁତ୍ର ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ବଳଦେବ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲା ଜଜ୍



ଦେବଦତ୍ତ ପଟ୍ଟନାୟକ, ବଡ ଝିଅ ଲୀନା ପଟ୍ଟନାୟକ, ମଝିଆ ଝିଅ ଗୀତା ମହାନ୍ତି, ଜାମାତା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଜ୍ୟୋତିଶ ମହାନ୍ତି, କନିଷ୍ଠ ଭ୍ରାତା ବୈକୁଣ୍ଠ ନାଥ ପଟ୍ଟନାୟକ ଓ ଅନ୍ୟାନ୍ୟ ପରିବାର ବର୍ଗ ତଥା ସ୍ଥାନୀୟ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ଥାନୀୟ ଜନପ୍ରତିନିଧି ଓ ଅଧିବାସୀମାନେ ଉପସ୍ଥିତ ରହି ତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ପୁରୀ ସ୍ୱର୍ଗଦ୍ୱାରରେ ଅନୁଷ୍ଠିତ ହୋଇଥିଲା । ସେଥିରେ ତାଙ୍କର ତିନି ପୁତୁରା ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଅଧୀକ୍ଷଣ ଯନ୍ତ୍ରୀ ମାନସ ରଂଜନ ପଟ୍ଟନାୟକ ଓ ମୁଖ୍ୟ ଯନ୍ତ୍ରୀ ତାପସ ରଂଜନ ପଟ୍ଟନାୟକ ଉପସ୍ଥିତ ଥିଲେ ।

### ମୁଖ୍ୟମନ୍ତ୍ରୀଙ୍କୁ ଅରୁଣଙ୍କ ଚିଠି

## ଆଦର୍ଶ ବିଦ୍ୟାଳୟରୁ ବିଧାୟକଙ୍କ କୋଟା ଉଠୁ

ଭୁବନେଶ୍ୱର (ସବ୍ୟୁ) : ଆଦର୍ଶ ବିଦ୍ୟାଳୟରେ ଥିବା କୋଟା ଉଚ୍ଛେଦ କରିବାକୁ ବିଧାୟକ ଅରୁଣ ସାହୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆଦର୍ଶ ବିଦ୍ୟାଳୟ ସ୍ଥାପନ ସମୟରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ନିର୍ବାଚିତ ବିଧାୟକମାନଙ୍କୁ ଉକ୍ତ ବିଦ୍ୟାଳୟରେ ପଢ଼ିବା ପାଇଁ ଦୁଇ ଜଣଙ୍କୁ ସୁପାରିଶ ନିମନ୍ତେ ବିଶେଷ ଅଧିକାର ଦିଆଯାଇଛି । ତେବେ ନିର୍ବାଚନମଣ୍ଡଳୀର ଶହ ଶହ ଅଭିଭାବକ ସୁପାରିଶ ପାଇଁ ଆସୁଛନ୍ତି । ତେବେ ସାଧାରଣ ଛାତ୍ରମାନେ ପ୍ରବେଶିକ ପରୀକ୍ଷା ଦେଇ ଅଧ୍ୟୟନ ନିମନ୍ତେ ଉତ୍ତୀର୍ଣ୍ଣ ହେଉଥିବାସ୍ଥଳେ ସୁପାରିଶ କରିବା ଦ୍ୱାରା ପାତର ଅନ୍ତର କଲାଭଳି ଅଭିଯୋଗ ହେଉଛି । ବିଦ୍ୟାଳୟର ପ୍ରବେଶ ପ୍ରକ୍ରିୟାକୁ ଆହୁରି ଉତ୍ତରଦାୟୀ କରିବା ପାଇଁ ଆମ ଉପରେ ନ୍ୟସ୍ତ ହୋଇଥିବା ବିଶେଷ ଅଧିକାରକୁ ପ୍ରତ୍ୟାହାର କରାଯାଉ । ଏହି ବିଦ୍ୟାଳୟ ସମ୍ପୃକ୍ତ ବ୍ଲକ୍‌ର ମେଧାବୀ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବିନା ଦ୍ୱିଧାରେ ପ୍ରବେଶିକା ପରୀକ୍ଷାରେ ନିଜ ସାମର୍ଥ୍ୟ ଅନୁସାରେ ପ୍ରସ୍ତୁତପୂର୍ବକ କୃତକାର୍ଯ୍ୟ ହେଉଛନ୍ତି । ଆଦର୍ଶ ତେଣୁ ଏହି କୋଟା ବ୍ୟବସ୍ଥାକୁ ବନ୍ଦ କରାଯାଉ ଓ ଦକ୍ଷ ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯାଉ ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ବନ୍ଧନ ବ୍ୟାଙ୍କର ଆମ୍ବୁଲାନ୍ସ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ବନ୍ଧନ ବ୍ୟାଙ୍କ ପକ୍ଷରୁ ଏହାର ସିଏସ୍‌ଆର କାର୍ଯ୍ୟକ୍ରମର



ଅଂଶ ଭାବେ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ଶ୍ରୀ ଶ୍ରୀବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସଜ୍ଜିତ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । ବନ୍ଧନ ବ୍ୟାଙ୍କର ଦଶମ ବର୍ଷ ପ୍ରତିଷ୍ଠା ଦିବସ ପାଳନର ଏକଅଂଶ ସ୍ୱରୂପ, ବ୍ୟାଙ୍କ ସାରା ଭାରତରେ ୧୮ଟି ସମ୍ପୂର୍ଣ୍ଣ ଉପକରଣ ଖଚିତ ଆମ୍ବୁଲାନ୍ସ ପ୍ରଦାନ କରିଛି । ବନ୍ଧନ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଏବଂ ଗବେଷଣା ମୁଖ୍ୟ ସିଦ୍ଧାର୍ଥ ସାନ୍ୟାଲଙ୍କ ଉପସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର, ଓଡ଼ିଶା କ୍ଷେତ୍ରୀୟ ନିର୍ଦ୍ଦେଶକ ଡକଫର ସାରଦା ପ୍ରସନ ମହାନ୍ତି, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କୁ ଆନୁଷ୍ଠାନିକ ଭାବରେ ଆମ୍ବୁଲାନ୍ସହସ୍ତାନ୍ତର କରାଯାଇଛି । ଏହି ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ବନ୍ଧନ ବ୍ୟାଙ୍କର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ ।

### ଓଡ଼ିଶା ପୂର୍ବ ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ନିବେଶ

# ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରରେ ଓଡ଼ିଶା ନବୀକରଣୀୟ ଶକ୍ତି ନିବେଶକ ସମ୍ମିଳନୀ ୨୦୨୬ ର ସଫଳ ଆୟୋଜନ ସହିତ ଓଡ଼ିଶା ଏହାର ସ୍ୱଚ୍ଛ ଶକ୍ତି ନେତୃତ୍ୱକୁ ସୁଦୃଢ଼ କରିଛି । ଗ୍ରୀଡ଼କୋ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟରେ ନବୀକରଣୀୟ ଶକ୍ତି ନିବେଶକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ନିର୍ଦ୍ଧାରକ, ନିବେଶକ, ବିକାଶକାରୀ, ଆର୍ଥିକ ପ୍ରତିଷ୍ଠାନ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଏକତ୍ରିତ ହୋଇଥିଲେ । ପରିବେଶ, ସ୍ଥାୟୀତ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଆଇ-ଫରେଷ୍ଟ ନଲେଜ ପାର୍ଟନର ଭାବରେ କାର୍ଯ୍ୟ କରିଥିଲା । ଓଡିଶାର ପ୍ରମୁଖ ନବୀକରଣୀୟ ଶକ୍ତି ସମ୍ମିଳନୀର ତୃତୀୟ ସଂସ୍କରଣ, ନିବେଶକଙ୍କ ବିଶ୍ୱାସ ସୃଷ୍ଟି କରିବା ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ ଦେଇଥିଲା । ଉଇଣ୍ଡ, ଡିସଟ୍ରିବ୍ୟୁଟେଡ଼ ନବୀକରଣୀୟ ଶକ୍ତି, କ୍ଷୁଦ୍ର ହାଇଡ୍ରୋ, କୃଷି , ଏଗ୍ରିଭୋଲଟାଇକ୍ସ ଓ ୱେଷ୍ଟ -ଟୁ -ଏନର୍ଜି ଏଗ୍ରିଭୋଲଟାଇକ୍,ଓ ୱେଷ୍ଟ ଟୁ ଏନର୍ଜି କ୍ଷେତ୍ରରେ ସୁଯୋଗ ସହ ୫,୦୦୦ ମେଗାୱାଟରୁ ଅଧିକ ଭାସମାନ ସୌର, ୧୮,୦୦୦ ମେଗାୱାଟ ପମ୍ପଡ୍ ଷ୍ଟୋରେଜ୍ ଏବଂ ୫୦୦ ମେଗାୱାଟ ବ୍ୟାଟେରୀ



ଷ୍ଟୋରେଜ୍ ପ୍ରକଳ୍ପ ଉନ୍ମୋଚିତ ହୋଇଛି । ଏହା ପୂର୍ବ ଭାରତର ସ୍ୱଚ୍ଛ ଶକ୍ତି ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଉଭା ହେବାର ଓଡ଼ିଶାର ରଣନୈତିକ ଉଦ୍ଦେଶ୍ୟକୁ ଗୁରୁତ୍ୱାରୋପ କରିଥିଲା । ଉପ-ମୁଖ୍ୟମନ୍ତ୍ରୀ ତଥା ଶକ୍ତି ଓ କୃଷି ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ । ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ, ଏସଇସିଆଇ ପରିଚାଳନା ନିର୍ଦ୍ଦେଶକ ଆକାଶ ତ୍ରିପାଠୀ ଓପିଟିସିଏଲ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଡକଫର ସତ୍ୟପ୍ରିୟ ରଥ, ପରିଚାଳନା ନିର୍ଦ୍ଦେଶକ, ଗ୍ରୀଡ଼କୋ ଲିମିଟେଡ୍ ଏବଂ ଡକଫର ଚନ୍ଦ୍ର ଭୂଷଣ, ସିଇଓ ଏବଂ ସଭାପତି, ଆଇ-ଫରେଷ୍ଟ ଏଥିରେ ଅଂଶଗ୍ରହଣ କରିଥିଲେ ।

ସମାବେଶରେ ଘରୋଇ କ୍ଷେତ୍ରର ପ୍ରବଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଡେଭଲପର ଏବଂ ନିବେଶକମାନେ ଓଡ଼ିଶାର ସ୍ୱଚ୍ଛ ଶକ୍ତି ପାଇପଲାଇନ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଉଦଘାଟନୀ ଅଧିବେଶନରେ ମତ ରଖି ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ଆମ ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରରେ ଓଡ଼ିଶା ଆଗୁଆ ରହିବା ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରୁଛି । ଭାରତ ୨୦୩୦ ସୁଦ୍ଧା ୫୦୦ ଜିଡ଼ବ୍ଲ୍ୟୁ ।ଅଣ-ଜୀବାଶ୍ମ ଶକ୍ତି ଲକ୍ଷ୍ୟ ରଖିଛି ଏବଂ ଓଡ଼ିଶା ଏଥିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଛି । ସୌର ଏବଂ କ୍ଷୁଦ୍ର ଜଳବିଦ୍ୟୁତ ସହିତ ପବନ ଶକ୍ତି ବିକାଶ ପାଇଁ, ଓଡ଼ିଶାର ଉପକୂଳ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି । ୨ ଦିନିଆ ନିବେଶକ ସମ୍ମିଳନୀ ଓଡ଼ିଶାର ନବୀକରଣୀୟ ଅଭିବୃଦ୍ଧିକୁ ସମର୍ଥନ କରିବା ସହ ଦେଶ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତ ରଖିଥିଲେ । ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ ଦେବ କହିଛନ୍ତି ଯେ ଓଡ଼ିଶାରେ ନବୀକରଣୀୟ କ୍ଷେତ୍ର ଏକ ନୀତିଗତ ଷ୍ଟାକରେ ସ୍ଥାପିତ, ଯାହାକୁ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ସମର୍ପିତ ସଂସ୍ଥାଗୁଡ଼ିକ ସମର୍ଥନ କରନ୍ତି । ଆମେ ଶିଳ୍ପ-ନେତୃତ୍ୱାଧୀନ ନବୀକରଣୀୟ ଅଭିବୃଦ୍ଧି ଉପରେ ସ୍ପଷ୍ଟ ଧ୍ୟାନ ଦେଉଛୁ । ନବୀକରଣୀୟ ଶକ୍ତି ଗ୍ରହଣ କେବଳ ଏକ ଜଳବାୟୁ ଜରୁରୀ ନୁହେଁ - ଏହା ଏକ ଅର୍ଥନୈତିକ ଶକ୍ତି । ଭାସମାନ ସୌର ଏବଂ ପବନ କ୍ଷେତ୍ରରେ ଓଡ଼ିଶାରେ ଯଥେଷ୍ଟ ସମ୍ଭାବନା ଅଛି, ଏବଂ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ମାଧ୍ୟମରେ ଏକ ପ୍ରମୁଖ ଷ୍ଟୋରେଜ୍ ହବ୍ ଭାବରେ ଉଭା ହୋଇପାରିବ । ଡ. ଚନ୍ଦ୍ର ଭୂଷଣ, ସିଇଓ ଏବଂ ସଭାପତି, ଆଇ-ଫରେଷ୍ଟ ଗୁରୁତ୍ୱାରୋପ କରିଥିଲେ ଯେ ପୂର୍ବ ଭାରତରେ ଅପାର ଅବ୍ୟବହୃତ ନବୀକରଣୀୟ ସମ୍ଭାବନା ରହିଛି । ଭାସମାନ ସୌର, ପମ୍ପଡ୍ ଷ୍ଟୋରେଜ୍ ଏବଂ ବ୍ୟାଟେରୀ ଷ୍ଟୋରେଜ୍ ସମାଧାନ ବିକାଶ ପାଇଁ ଓଡ଼ିଶାର ସକ୍ରିୟ ଆଭିମୁଖ୍ୟ ଭାରତର ପରବର୍ତ୍ତୀ ପର୍ଯ୍ୟାୟ ନବୀକରଣୀୟ ଶକ୍ତି ପ୍ରସାରଣର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ କାର୍ଯ୍ୟ କରିବ । କନକ୍ଲେଭରେ କ୍ଷୁଦ୍ର ଜଳବିଦ୍ୟୁତ, ବ୍ୟାଟେରୀ ସଂରକ୍ଷଣ ଏବଂ ବାୟୋମାସ ଶକ୍ତି ଉପରେ ପ୍ରଯୁକ୍ତିବିଦ୍ୟା-ନିର୍ଦ୍ଦିଷ୍ଟ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା ।

## ଭିଜିଲାନ୍ସ ଜାଲରେ ଅତିରିକ୍ତ ତହସିଲଦାରଙ୍କ ସହ ୩ ରାଜସ୍ୱ ନିରୀକ୍ଷକ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ବେଲଗୁଣ୍ଠା ତହସିଲ କାର୍ଯ୍ୟାଳୟରେ ଗୁରୁବାର ଦିବା ପ୍ରାୟ ୨ଟା ସମୟରେ ଭିଜିଲାନ୍ସ ଟିମ୍ ଚଢାଉ କରିଛି। ଜଣେ ବାଲି ବ୍ୟବସାୟଙ୍କ ବାଲି ଗାଡ଼ି ଛାଡ଼ିବା ପାଇଁ ରସିଦ୍ ଠାରୁ ଅଧିକ ଟଙ୍କା ମାଗି ନେଇଥିବା ଅଭିଯୋଗରେ ଅତିରିକ୍ତ ତହସିଲଦାରଙ୍କ ସମେତ ଆଉ ୩ ଜଣ ରାଜସ୍ୱ ନିରୀକ୍ଷକଙ୍କୁ ଭିଜିଲାନ୍ସ ଟିମ୍ ତଦନ୍ତ ପାଇଁ ବ୍ରହ୍ମପୁର ନେଇଯାଇଛି । ଘଟଣାରୁ ପ୍ରକାଶ ଯେ ନୂଆଗାଁ ନଦୀରୁ ଧୂମୁଛାଇର ଜଣେ ଟ୍ରାକ୍ଟର ଗାଡି ମାଲିକ ବେନିୟମ ଭାବେ ବାଲି ଉଠାଇ ନେଉଥିଲେ। ଏନେଇ ରାଜସ୍ୱ ବିଭାଗ କର୍ମଚାରୀମାନେ ଟ୍ରାକ୍ଟରକୁ ଜବତ କରି ନେବାସହ ଏନେଇ ୩୦ ହଜାର ଟଙ୍କା ଜରିମାନା ପକାଇଥିଲେ । ଏହାପରେ କିଛି କର୍ମଚାରୀ ଜରିମାନା ଅର୍ଥ ଠାରୁ ଅଧିକ ଟଙ୍କା ଟ୍ରାକ୍ଟର ମାଲିକଙ୍କୁ ଦାବି କରିଥିଲେ। ଫଳରେ ଟ୍ରାକ୍ଟର ମାଲିକ ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଆଜି ଅର୍ଥାତ ଗୁରୁବାର ପୂର୍ବ ଯୋଜନା ପ୍ରକାରେ ଟ୍ରାକ୍ଟର ମାଲିକ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ରସିଦ ଠାରୁ ଅଧିକ ଟଙ୍କା ଦେଇଥିଲେ । ଏହି ସମୟରେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଜଣେ କର୍ମଚାରୀଙ୍କ ଠାରୁ ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଏହି ମାମଲାରେ ଅତିରିକ୍ତ ତହସିଲଦାରଙ୍କ ସମେତ ଆଉ ୨ ଜଣ ରାଜସ୍ୱ ନିରୀକ୍ଷକ ଜଡ଼ିତ ଥିବା ଆଶଙ୍କାରେ ସେମାନଙ୍କୁ ଭିଜିଲାନ୍ସ ଟିମ୍ ଉଠାଇ ନେଇଥିବା ସୂଚନା ରହିଛି ।

## ଭାରତ ବନ୍ଦ ମୟୂରଭଞ୍ଜ ଜିଲ୍ଲାରେ ସଫଳ




ବାରିପଦା, (ସବ୍ୟୁ) : ଗୁରୁବାର ଭାରତ ବନ୍ଦ ମୟୂରଭଞ୍ଜ ଜିଲ୍ଲା ତଥା ବାରିପଦା ସହରରେ ପ୍ରଭାବ ଦେଖିବାକୁ ମିଳିଥିଲା । ଏହି ବନ୍ଦ ଡାକରାରେ ଗାଡିମଟର, ଦୋକାନବଜାର, ସରକାରୀ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା । ଉଭୟ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର କର୍ପୋରେଟ ସ୍ୱାର୍ଥରେ ଦେଶର ସାର୍ବଜନୀନ ସମ୍ପତ୍ତି, ଅମୂଲ୍ୟ ପ୍ରାକୃତିକ ସମ୍ପଦ ଓ ଜମି ଟେକି ଦେଇ ଶ୍ରମିକ, କୃଷକ, କର୍ମଚାରୀ, ଚାଷୀ, ଗ୍ରାମୀଣ ଗରିବ ଓ ମଧ୍ୟବର୍ଗୀୟ ଜନସାଧାରଣଙ୍କ ଅଧିକାର ଛଡ଼ାଇ ନେଉଥିବାରୁ ଆଜି ଏହା ବିରୁଦ୍ଧରେ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମିଳିତ ମଞ୍ଚ, ସଂଯୁକ୍ତ କିଷାନ୍ ମୋର୍ଚ୍ଚା ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡ ରଦ୍ଦ କରିବା, ଏମ୍‌ଏସପିର ଆଇନ୍ ଗତ ଗ୍ୟାରେଣ୍ଟି, ମନରେଗା ଯୋଜନାର ପୁନର୍ବାହଲ, ଦରଦାମ ବୃଦ୍ଧିକୁ ବନ୍ଦ ରଖିବା, ସ୍କିମ ଓରକର ମାନଙ୍କୁ ଓରକର ମାନ୍ୟତା, ଶ୍ରମିକ କର୍ମଚାରୀ ବିରୋଧୀ ଶ୍ରମ ଶକ୍ତି ନୀତି– ୨୦୨୫ ପ୍ରତ୍ୟାହାର, ସର୍ବନିମ୍ନ ମାସିକ ମଜୁରୀ ୨୬ହଜାର ଟଙ୍କା ପ୍ରଦାନ, ପୁରୁଣା ପେନସନ ସ୍କିମର ପୁନଃ ପ୍ରଚଳନ, ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ପ୍ରଦାନ, ମହିଳା ଶ୍ରମିକ କର୍ମଚାରୀମାନଙ୍କୁ ରାତ୍ରୀକାଳୀନ କାର୍ଯ୍ୟାଦେଶ ବାତିଲ୍, ଦୈନିକ ୧୦ ଘଣ୍ଟିଆ ଶ୍ରମ ଦିବସ ରଦ୍ଦ, ମହିଳା ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କ ସମେତ ସାଧାରଣ ମଣିଷର ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଆଦି ଦାବି ନେଇ ଭାରତ ବନ୍ଦ ଡାକରା ସଫଳ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦେଶବ୍ୟାପୀ ସମର୍ଥନ ରହିଥିଲା। ଏହି ପରିପ୍ରେକ୍ଷୀରେ ବାରିପଦା ରେଳଷ୍ଟେସନରୁ ମିଳିତ ମଞ୍ଚ ପକ୍ଷରୁ ଏଆଇଟିୟୁସି ତଥା ସିପିଆଇ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି କୃଷ୍ଣଚନ୍ଦ୍ର ଗୋଲେଇ, ମୁଖ୍ୟ ବଜାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସିଆଇଟିୟୁର ଜିଲ୍ଲା ସଭାପତି ରବି ଗୋସ୍ୱାମୀ, ରଘୁନାଥ ପଣ୍ଡା, କଂଗ୍ରେସ ପକ୍ଷରୁ ଶାନ୍ତନୁ ପାଲ, ନିର୍ମଳ ଚନ୍ଦ୍ର ପ୍ରଧାନ, ଏଆଇୟୁଟିୟୁସି ପକ୍ଷରୁ ପିତାମ୍ବର ନାଏକ, ସୁରେଶ ନାଏକ, ଏଆଇଡିଏସ୍‌ଓ ର ଫୁଲଚାନ୍ଦ ଲୋହାର, ଯତୀନ ବାନ୍ଦ୍ରା, ଘାସିରାମ ସାମାଡ, ସିପିଆଇ ପକ୍ଷରୁ ଶ୍ରୀକାନ୍ତ ସାମଲ, ଏଆଇଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ପ୍ରଫୁଲ୍ଲ ମହାନ୍ତି, ମହେଶ୍ୱର ବେହେରା, ମୟୂରଭଞ୍ଜ ପରିବହନ ଶ୍ରମିକ ସଂଘ ପକ୍ଷରୁ ମନୋରଞ୍ଜନ ପରିଡ଼ା, ଗଙ୍ଗାଧର ସାମଲ, ସୁବାସ ତ୍ରିପାଠୀ, ଅଶୋକ ଭଞ୍ଜଦେଓ, ଜୀବନ ମହାକୁଡ଼, ଅଶୋକ ବେହେରା, ବିଏସ୍‌ଏନ୍‌ଏଲ୍ ପକ୍ଷରୁ ସେକ ରିଜୁଆନ, ଇପିଏଫ ପେନସନ ସଂଘ ପକ୍ଷରୁ ମଦନ ମୋହନ ଜେନା, ଗୋପାଳ ଚନ୍ଦ୍ର ଦାସ, ମୀନତି ପାଣିଗ୍ରାହୀ, ମେନକା ଦାଶ, ସୁବାସିନୀ ଜେନା, ସଂଯୁକ୍ତା ଗିରି, ପର୍ଶୁ ମହାନ୍ତ, ଦୁଲାଲ ମହାନ୍ତ, ସାଧୁଚରଣ ବାରିକ୍, ଜଗଦୀଶ ପରିଡ଼ା, ଚମ୍ପା ପାତ୍ର, ସିଆଇଟିୟୁ ପାଚିକା ସଂଘ ପକ୍ଷରୁ କୁଞ୍ଜଲତା ମହାନ୍ତ, ରଞ୍ଜିତା ରାଉତ, ଆହ୍ଲାଦି ହେମ୍ବ୍ରମ୍, ଜୟମଣୀ, ଗାୟତ୍ରୀ ମହାପାତ୍ର, ସାବନା ଅଲଥନି, ସୁଲୋଚନା, ରେବତୀ ମହାନ୍ତ, ସରସ୍ୱତୀ ଓଝା, ଦୁଲି, ପ୍ରଭାତୀ, ଜୟନ୍ତୀ ମହାନ୍ତ, ରଞ୍ଜୁଲତା ଦାସ, ଲବଙ୍ଗ ଲତା, ମିନାକ୍ଷୀ, ଶାନ୍ତିଲତା ସିଂ, ଅଞ୍ଜଳୀ ମୁଖୀ, ସେଲମଣୀ, ସଜନୀ, ସରଜୁଲତା ବେହେରା, ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଲକି ମହାନ୍ତ, ବବିନ ମହାନ୍ତ, ରଞ୍ଜନା ନାଏକ, ବନି ସିଂ, ମାଳତୀ ସିଂ, ରୋହିଦାସ, ବାବୁଲି ମହାନ୍ତ, ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ପକ୍ଷରୁ ଜିଲ୍ଲା ସଭାପତି ପୂର୍ଣ୍ଣିମା ପଣ୍ଡା, ମଧୁସ୍ମିତା ମହାନ୍ତ, ସେବତୀ ନାଏକ, ଆଇଏନଟିୟୁସିରୁ ଭବାନୀ ସାହୁ, ଏଆଇଟିୟୁସି ପକ୍ଷରୁ ସରୋଜ ମହାନ୍ତ, ଅଙ୍ଗିରା ମହାନ୍ତ, ଦୀପକ, ତରୁଣ ମହାନ୍ତ, ମୁକେଶ ମହାନ୍ତ, ପ୍ରକାଶ ଘଡ଼େଇ, ଦେବେନ୍ଦ୍ର ବେହେରା, ଶତ୍ରୁଘ୍ନ ପ୍ରଧାନ, ସଦାନନ୍ଦ ପାତ୍ର, ବିଜୁ, କଂଗ୍ରେସର ବନମାଳୀ ବାରିକ୍, ଜୀବନ ବିମା ସଂଘ ପକ୍ଷରୁ ଶ୍ୟାମ ମାରାଣ୍ଡି, ଶାନ୍ତିଲତା ସିଂ, ଅଶ୍ରୁ ପକ୍ଷରୁ ଦେବକାନ୍ତ ମହାପାତ୍ର, ସତ୍ୟଜିତ ଦାସ, ସୁବ୍ରତ ଲେଙ୍କା, ସମେତ ଏଆଇବିଇଏ, ବେଫି, ସିଡିଆଇଏ ସଂଗଠନ ସାମିଲ ଥିଲେ। ଏଚ୍‌ଏମ୍‌ଏସ ପକ୍ଷରୁ ସିଂଗ୍‌ଲତା ମାଝୀ ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ। ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଦେବାଶିଷ ମହାନ୍ତି ଓ ଜୀତେନ୍ଦ୍ର ମହାନ୍ତି ଧର୍ମଘଟ ସ୍ଥଳରେ ପହଞ୍ଚି ସମର୍ଥନ ଦେଇଥିଲେ।

## ଗଞ୍ଜାମ ଜିଲ୍ଲାରେ ଭାରତ ବନ୍ଦ, ଜୀବନ ଯାତ୍ରା ଠପ୍

ବ୍ରହ୍ମପୁର, (ସବ୍ୟୁ): ଶ୍ରମିକ ସଙ୍ଗଠନ ବସ ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇ ଯାଇଛି। ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ସହରାଞ୍ଚଳରେ ବନ୍ଦ ଡାକରା ପ୍ରଭାବ ପଡିଛି। ସିପିଏମ, ସିପିଆଇ, ସିଟୁ, ହିନ୍ଦ ମଝଦୁର ସଂଘ, ଏଆଇଟିୟୁସି, ଏଆଇଓ୍ୱଇଏଫ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ରେଳ ଷ୍ଟେସନ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ମୁଖ୍ୟ ଡାକ ଘର, ବିଏସ ଜନ ଏଲ, ଷ୍ଟେଟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ, ଆରଡ଼ିସି କାର୍ଯ୍ୟଳୟ, କୋର୍ଟ, ଟିପିଏସଓଡିଏଲ, ତହସିଲ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକ ମାରଣ ନୀତି ବିରୁଦ୍ଧ କରି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ମିଳିତ ଭାବେ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସଫଳ କରିବା ସହିତ ଶ୍ରମିକ ମାନଙ୍କ ନିମନ୍ତେ ଶ୍ରମକୋଡ଼ ବାତିଲ, ମନରେଗାର ପୁନଃ ପ୍ରଚଳନ, ଫସଲର ମୁଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ, ସରକାରୀ ସମ୍ପତ୍ତିର ବିକ୍ରି ବନ୍ଦ କରିବା, ଦରଦାମ ନିୟନ୍ତ୍ରଣ କରିବା, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା କରିବା ଦାବିରେ ଧର୍ମଘଟ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ବ୍ରହ୍ମପୁର ସହର ସମେତ ଗଞ୍ଜାମ ଜିଲ୍ଲାର ଜନସାଧାରଣ ସାହାଯ୍ୟ ଓ ସହଯୋଗ କରିଥିଲେ। ସମସ୍ତଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ପ୍ରଶାନ୍ତ ପାଟଯୋଶୀ, ପ୍ରଦୀପ ସେଠି, ଭୋକଲି ସେଠି, ସୋମନାଥ ବେହେରା, ସତ୍ୟ ତ୍ରିପାଠୀ, ପ୍ରତାପ ଚୌଧୁରୀ, ଶିବପ୍ରସାଦ ମହାପାତ୍ର, ଗୋପାଳ ପାଣିଗ୍ରାହୀ, ବାବୁଲା ନାୟକ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
## ଦଶମ, ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନିଷ୍କ୍ରମଣ ଉତ୍ସବ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସରସତୀ ଶିଶୁ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ଦଶମ ଶ୍ରେଣୀ, ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନିଷ୍କ୍ରମଣ ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ, ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଆଗାମୀ ବୋର୍ଡ଼ ପରୀକ୍ଷାରେ ଉତ୍କର୍ଷତା ପ୍ରତିପାଦନ କରିବା ନିମନ୍ତେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ଦ୍ୱାରା ଅକ୍ଷତ ସିଞ୍ଚନ ପୂର୍ବକ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କ ଠାରେ ଅଖଣ୍ଡଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଛାତ୍ରଛାତ୍ରୀମାନେ ଆଶୀର୍ବାଦ ଭିକ୍ଷା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାମନ୍ଦିରର ଅଧକ୍ଷ ଶ୍ରୀଯୁକ୍ତ ଏସ୍. ମୋହନ ରାଓ ନିମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ନାରାୟଣ ପଣ୍ଡା ଓ ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ ସାଗତ ଭାଷଣ ପ୍ରଦାନ କରିଥିଲେ । ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମୁଖ୍ୟଅତିଥିଭାବେ ବ୍ରହ୍ମପୁର ମାଧ୍ୟମିକ ଶିକ୍ଷାପରିଷଦର ପ୍ରାକ୍ତନ ଉପସଚିବ ଡଃ. କୁଳମଣି ଓଝା ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ପବିତ୍ର ମୋହନ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସଫଳ ଛାତ୍ରଛାତ୍ରୀଙ୍କ ଅନୁଭୂତି କଥନ ମଧ୍ୟରେ ବିଜ୍ଞାନ ବିଭାଗର ସୁଶ୍ରୀ ଶ୍ରୀୟାଲିସା ଦେବୀ, ଶ୍ରୀମାନ୍ ଆଶୁତୋଷ ସେଠୀ ଏବଂ ସୁଶ୍ରୀ ଅର୍ପିତା ଆଚାର୍ଯ୍ୟ ନିଜ ନିଜର ଶୈକ୍ଷିକ ଅନୁଭୂତି ଅତି ସୁନ୍ଦର ଭାବେ କନିଷ୍ଠ ଛାତ୍ରଛାତ୍ରୀ ଭାଇଭଉଣୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଭାବେ ଅନୁଷ୍ଠାନର ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା ନିଜର ଅଭିଭାଷଣ ପ୍ରଦାନ କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଜଣେ ଉତ୍ତମ ନାଗରିକ ଭାବେ ନିଜକୁ ପ୍ରସ୍ତୁତ କରାଇବା ପାଇଁ ଶପଥପାଠ କରାଇଥିଲେ । କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ସରାଜ୍ୟ ମାଝି ଓ ସହ ପ୍ରଧାନାଚାର୍ଯ୍ୟ ଜଟେଶ୍ୱର କର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଅତିଥ, ଗୁରୁଜୀ, ଗୁରୁମା ଓ ଛାତ୍ରଛତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢ଼ୀ, କେ. ଭେଙ୍କଟ ରାଓ ପ୍ରମୁଖଙ୍କ ସହିତ ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ପୂର୍ବତନ ଆଚାର୍ଯ୍ୟ ସୁଶ୍ରୀ ଦେବକୀ ସୁବୁଦ୍ଧି, ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପିର ବିଶାଳ ଯୁବ ସମାବେଶ



ଧରାକୋଟ, (ସବ୍ୟୁ): ଧରାକୋଟ ସ୍ଥିତ ଶାନ୍ତି ଝରରେ ଆସିକା ସାଂସଦଙ୍କ ପ୍ରତିନିଧି ମୁନା ପ୍ରଧାନଙ୍କ ନେତୃତ୍ୱରେ ବିଜେପିର ଏକ ବିଶାଳ ଯୁବ ସମାବେଶ ଅନୁଷ୍ଠିତ ହୋଇଥିଲା। ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନରେ ଦଳ ସମସ୍ତ ବ୍ଲକ, ପଞ୍ଚାୟତ ଓ ୱାର୍ଡରେ ସମସ୍ତ ଆସନ ଅକ୍ତିଆର କରିବ ଓ ଦଳକୁ ତୃଣ ମୂଳସ୍ତରରେ ମଜବୁତ କରିବା ପାଇଁ ବିସ୍ତୃତ ଆଲୋଚନା କରିଥିଲେ। ବକ୍ତାମାନେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଆଜିଠୁ ରଣ କୌଶଳ କରି ଦଳକୁ ସଂଗଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ଆସିକା ସାଂସଦଙ୍କ ପ୍ରତିନିଧି ମୁନା ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ହୃଷୀକେଶ ସାହୁ, ଜିଲ୍ଲା ଉପ ସଭାପତି ଗୋପାଳ କୃଷ୍ଣ ମଲ୍ଲିକ, ଯୁବ ନେତା–ଚିନ୍ମୟୀ ରେଡ୍ଡୀ, ମିଲୁ ସ୍ୱାଇଁ, ରୋଷନ୍ ଖୁଣ୍ଟିଆ, ଲାଲକୃଷ୍ଣ ପ୍ରଧାନ, ଅଜିତ କୁମାର ଜେନା, ଆଦିବାସୀ ନେତା ବୁଦ୍ଧିଆ ନାୟକ, ପୂର୍ବତନ ମଣ୍ଡଳ ସଭାପତି ଅଶୋକ ନାୟକ, କାହ୍ନୁ ନାୟକଙ୍କ ସମେତ ବେଜେପିର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ୨୯ କିଲୋ ଗଞ୍ଜେଇ ସହ ବାଇକ ଜବତ : ଦୁଇ ଗିରଫ

ଭଞ୍ଜନଗର, (ସବ୍ୟୁ): କନ୍ଧମାଳରୁ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଭଞ୍ଜନଗର ପୁଲିସ ବାଇକ ସହ ୨୯ କେଜି ଗଞ୍ଜେଇ ଓ ୧୩୫୦ ଟଙ୍କା ଜବତ କରିଛି। ଏହି ଘଟଣାରେ ପୁଲିସ କନ୍ଧମାଳ ଜିଲ୍ଲା ଶଲାଗୁଡାର ନରେଶ କହଁର ଓ ଗଞ୍ଜାମ ଜିଲ୍ଲା ତାରସିଂର ଭିକାରୀ ଦଳବେହେରାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିବନାନନ୍ଦ ଜେନା ସୁଚନା ଦେଇଛନ୍ତି। ଖବର ନେବାରେ, ଗତକାଲି ଭଞ୍ଜନଗର ଫୁଲବାଣୀ ରାସ୍ତା ନିଧିଆପଲ୍ଲୀ ଛକରେ ଏସଆଇ ଲିପିନା ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସ ଟିମ୍ ଯାନବାହାନ ଯାଞ୍ଚ କରୁଥିଲେ। ଏହି ସମୟରେ ଗିରଫ ଯୁବକ କନ୍ଧମାଳ ଜିଲ୍ଲାରୁ ବେଆଇନ ଗଞ୍ଜେଇ ଧରି ବାଇକ୍ ଯୋଗେ ଭଞ୍ଜନଗର ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ ଖାରିଗୁଡା ନିକଟରେ ପୁଲିସ ଟିମ୍ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏକ ଜରି ବ୍ୟାଗ୍‌ରୁ ୨୯ କେଜି ଗଞ୍ଜେଇ ବାହାରିଥିଲା। ପରେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଅବିନାଶ ମହାରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇ ୧୨୩/୨୬ରେ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଜେନା ସୁଚନା ଦେଇଛନ୍ତି ।

## କେନ୍ଦ୍ର ବଜେଟ୍‌ରେ କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇ ଆତ୍ମନିର୍ଭର ଭାରତ ଗଠନର ପରିକଳ୍ପନା କରାଯାଇଛି : ବିଜେପି କୃଷକ ମୋର୍ଚ୍ଚା

ଭଞ୍ଜନଗର, (ସବ୍ୟୁ): ଚଳିତ ୨୦୨୬/୨୭ବର୍ଷର କେନ୍ଦ୍ରୀୟ ବଜେଟ୍ କୁ ନେଇ ଭଞ୍ଜନଗର ବିଜେପି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେପି ସାମାଜିକ ଗଣମାଧ୍ୟମ ସଂଯୋଜକ ତଥା ବଜେଟ୍ ପ୍ରଚାର କମିଟି ସଦସ୍ୟ ପ୍ରଦୀପ କୁମାର ସାହୁ ଏଥିରେ ଯୋଗଦେଇ ଚଳିତ ବର୍ଷର କେନ୍ଦ୍ର ବଜେଟ୍ ଏକ ଲୋକାଭିମୁଖୀ ତଥା ବିକଶିତ ଭାରତର ପରିକଳ୍ପନା ବୋଲି କହିଛନ୍ତି। ଚାଷୀ, ମହିଳା, ଯୁବ ବର୍ଗ, ବ୍ୟବସାୟୀ, ମଧ୍ୟବିତ୍ତ, ଏମଏସଏମଇ, ନିଯୁକ୍ତି, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ପ୍ରତିରକ୍ଷା ଆଦି ସବୁ କ୍ଷେତ୍ରକୁ ଏହି ବଜେଟ୍‌ରେ ଗୁରୁତ୍ୱ ଦେଇଛନ୍ତି। ଓଡିଶା ପାଇଁ ଚଳିତ କେନ୍ଦ୍ର ବଜେଟରେ ସରକାର ଏକ ଲକ୍ଷ ୬୨ ହଜାର ୬୭୧ କୋଟିର ସ୍ୱତନ୍ତ୍ର ବଜେଟ୍ ଆଣିଥିବା ବେଳେ ଏଥିରେ କୃଷି କ୍ଷେତ୍ର କୁ ବିଶେଷ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଚାଷୀଙ୍କୁ ଫସଲ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, କୃଷିଭିତ୍ତିକ ଗବେଷଣା ଆଦି ପାଇଁ ବଜେଟ୍‌ରେ ବ୍ୟୟବରାଦ କରାଯାଇଛି। ଫଳରେ ଓଡିଶା ଭଳି ଏକ କୃଷି ପ୍ରଧାନ ରାଜ୍ୟ ବିଶେଷ ଉପକୃତ ହେବ। ରାଜ୍ୟ ବିଜେପି ସରକାର ଏବେ ଚାଷୀଙ୍କୁ ଧାନରେ ସର୍ବାଧିକ ୮ ଶହ ଟଙ୍କାର ଇନ୍‌ପୁଟ୍ ସବସିଡି ପ୍ରଦାନ କରି ଚାଷୀଙ୍କ ପ୍ରତି ସରକାରଙ୍କ କେତେ ଦରଦ ରହିଛି ତାକୁ ପ୍ରମାଣିତ କରି ଦେଖାଇଛନ୍ତି। ଆଉ କେନ୍ଦ୍ର ବଜେଟ୍ ଓଡିଶାର କୃଷି କ୍ଷେତ୍ରକୁ ଆହୁରି ଅଧିକ ମଜବୁତ କରିବ ବୋଲି ସଂଯୋଜକ ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଭଞ୍ଜନଗର ସାଂଗଠନିକ ଜିଲ୍ଲା ସଭାପତି ନୀଳମାଧବ ପାତ୍ର, ସାଧାରଣ ସଂପାଦକ ସନ୍ତୋଷ ପାଳ, ଜିଲ୍ଲା ସଂପାଦକ ମାନସ ଜେନା, ଏନଏସି ମଣ୍ଡଳ ସଭାପତି ସନ୍ଦୀପ ଭୂୟାଁ ଓ ଶିବପ୍ରସାଦ ମହାପାତ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ ।

## ବାରିପଦାରେ ଦିନ ଦ୍ୱିପ୍ରହରରେ ଗୁଣ୍ଡାଗର୍ଦ୍ଦି
## ଭୁଜାଲି ମାଡରେ ଜଣେ ଗୁରୁତର

ବାରିପଦା, (ସବ୍ୟୁ) : ବାରିପଦା ଟାଉନ ଥାନା ନିକଟସ୍ଥ କଲେଜ ଛକରେ ଦିନ ଦ୍ୱିପ୍ରହରରେ ରାଜରାସ୍ତା ଉପରେ ଚାଲିଥିଲା ଗୁଣ୍ଡାଗର୍ଦ୍ଦି ଓ ଉଡୁଥିଲା ଭୁଜାଲି ଓ ପଥର ମାଡ । ଏହି ଘଟଣାରେ ବାରିପଦା ସହର ୱାର୍ଡ ନମ୍ବର ୫ ଅଞ୍ଚଳର ହିମାଂଶୁ ବାରିକ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଗୁରୁବାର ବାରିପଦାରେ ଭାରତ ବନ୍ଦ ପ୍ରଭାବରେ ରାସ୍ତାଘାଟ ଶୁନଶାନ ପରିଲିଖିତ ହୋଇଥିଲା । ହଠାତ୍ ଟାଉନ ଥାନା ନିକଟସ୍ଥ କଲେଜ ଛକରେ ହିମାଂଶୁ ସହ ୪/୫ଜଣ ଠିଆ ହୋଇଥିବାବେଳେ ହଠାତ୍ ଏକ ଅସାମାଜିକ ଯୁବକ ଆସି ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ରାଜରାସ୍ତା ପାଲଟିଯାଇଥିଲା ରଣକ୍ଷେତ୍ର, ଭୁଜାଲି ଘୁରିବା ସହ ପଥର ମାଡ ହୋଇଥିଲା । ସେହି ରାସ୍ତାଦେଇ ଯାଉଥିବା ସାଧାରଣ ଲୋକେ ଭୟଭୀତ ହୋଇପଡିଥିଲେ । ଅନ୍ୟପକ୍ଷରେ ଛୁରା ମାଡରେ ହିମାଂଶୁ ଆହତ ହୋଇଥିଲେ । ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ଗୁଣ୍ଡାଗର୍ଦ୍ଦ କରିଥିବା ଅସାମାଜିକ ଯୁବକ ମାନେ ସେଠାରୁ ଛୁ ମାରିଥିଲେ । ଏନେଇ ହିମାଂଶୁଙ୍କ ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନାରେ ୯୮/୨୬ ମାମଲା ରୁଜୁ ହୋଇ ଘଟଣାର ପଙ୍ଖାନୁପଙ୍ଖ ତଦନ୍ତ ଚାଲିଛି ।

## ମେଘାସନୀ ମହୋତ୍ସବ–୨୦୨୬ ଉଦ୍‌ଯାପିତ
## ସବାଇ ଘାସ ପ୍ରସ୍ତୁତ ସାମଗ୍ରୀ ଷ୍ଟଲରେ ଗହଳି



ବାରିପଦା, (ସବ୍ୟୁ) : ମେଘାସନୀ ମହୋତ୍ସବ–୨୦୨୬ ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ଏଠାକୁ ଆସିଥିବା ବିଭିନ୍ନ ଷ୍ଟଲ୍ ବୁଲି ଦେଖିଛନ୍ତି। ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ହାତ ନିର୍ମାଣ ସାମଗ୍ରୀକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ। ଆଜିର ସଂଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଞ୍ଚଳିକ ସଂଗୀତ ପରିବେଷଣ ହୋଇଛି। ଏଇ ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଏକ କଳା, ସଂସ୍କୃତିର ସଂପନ୍ନ ଜିଲ୍ଲା, ଲୋକକଳା ଓ ପ୍ରାଚୀନ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଏହିପରି ମେଳା ସମର୍ପିତ । ଆଜିର ଏହି ମେଳା ସଭିଙ୍କୁ ଏକାଠି କରିବାରେ ସହାୟକ ହୋଇଛି। ମୟୂରଭଞ୍ଜର କଳା, ସଂସ୍କୃତିକୁ ସୁଦୂର ପ୍ରସାରୀ କରିବାରେ ଏହି ମେଳା ସହାୟକ ହୋଇଛି। ଗ୍ରାମୀଣ ଅର୍ଥନୀତିର ବିକାଶର ସହ ଆତ୍ମନିର୍ଭର ସ୍ୱପ୍ନ ଏହାଦ୍ୱାରା ପୂରଣ ହୋଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସୁଶ୍ରୀ ସଞ୍ଜଲୀ ମୁର୍ମୁ ଯୋଗ ଦେଇ ମାଆ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଉଚ୍ଚ ପ୍ରଶଂସା କରି ପରିବାର ପ୍ରତିପୋଷଣ ପାଇଁ ସେମାନେ ଆଗକୁ ଉଦାହରଣ ସୃଷ୍ଟି କରିବେ ବୋଲି କହିଛନ୍ତି। ଆଜିର ସଂଧ୍ୟାରେ କଳା, ସଂଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଛି। ଆଜିର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନାରେ ପ୍ରମୁଖ ଭୂମିକାରେ ଉପଜିଲ୍ଲାପାଳ ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ରହି ନିଆରା ସଂଳାପରେ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ପ୍ରଦର୍ଶନ ଷ୍ଟଲ ମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଏୟାର ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ




ବ୍ରହ୍ମପୁର, (ସବ୍ୟୁ): ଆର୍ମି ଏୟାର ଡିଫେନ୍ସ କଲେଜ (ଏଏଡିସି) ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଫେବ୍ରୁଆରି ୧୨–୧୩ ତାରିଖରେ ଏୟାର ଡିଫେନ୍ସ ଆଣ୍ଡ ସିକ୍ୟୁରିଟି (ଆଇସିଏଡିଏସ୍–୨୦୨୬) ସମ୍ମିଳନୀର ସଫଳ ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ୩୫୦ରୁ ଅଧିକ ବିଷୟବସ୍ତୁ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୫୭ ଟିକୁ ଆଇଇଇଇ ସମ୍ମିଳନୀରେ ପ୍ରକାଶ ପାଇଁ ଗ୍ରହଣ କରାଯାଇଥିଲା। ଷ୍ଟିଫେନ୍ ହକିଂ ସିନେପ୍ଲେକ୍ସରେ ଆୟୋଜିତ ଏହି ସମ୍ମିଳନୀର ଉଦଘାଟନୀ ଉତ୍ସବରେ ଡିଆରଡିଓ ବେଙ୍ଗାଲୁର ର ମହାନିର୍ଦ୍ଦେଶକ ଡ଼. ବିନୟ କେ. ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେକାନିକାଲ ଏୟାର ଡିଫେନ୍ସ ବ୍ରିଗେଡିୟର ସିଦ୍ଧାର୍ଥ ମଲିକ, ଆର୍ମି ଏୟାର ଡିଫେନ୍ସ କଲେଜ ଗୋପାଳପୁରର କମାଣ୍ଡର କର୍ଣ୍ଣେଲ ମନୋଜ ଯାଦବ, ବୈଜ୍ଞାନିକ 'ଜି' ତଥା ଆଇଟିଆର ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ମେଜର ଜେନେରାଲ ଅତନୁ କେ. ପଟ୍ଟନାୟକ (ଅବସରପ୍ରାପ୍ତ) ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଅଧକ୍ଷ ତଥା ପ୍ରତିଷ୍ଠାତା ଡକ୍ଟର ସୁକାନ୍ତ କେ ମହାପାତ୍ର ଉଦଘାଟନୀ ଭାଷଣ ଏବଂ କୁଳପତି ଡ଼ଃ ପ୍ରିୟଦର୍ଶନ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ସମାନ୍ତରାଳ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ମନୋନୀତ ଲେଖକମାନେ ଅନୁମୋଦିତ ସମ୍ମିଳନୀ ଉପ–ବିଷୟ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏକ ଭେଣ୍ଡର ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା, ଯାହା ପ୍ରତିରକ୍ଷା ସମ୍ବନ୍ଧୀୟ ପ୍ରଯୁକ୍ତି ଏବଂ ଗବେଷଣା ପଦକ୍ଷେପ ପ୍ରଦର୍ଶନ ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏହି ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା ମୁଖ୍ୟବକ୍ତା ମାଲେସିଆର ଟେଲର ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ନୁର ଜମାନ ଝାଞ୍ଜି, ମୁଖ୍ୟବକ୍ତା ଭାବେ ତୁର୍କୀର କାପାଡୋସିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଅଲିୟସ ଯୋଗ ଦେଇଥିଲେ। ଅଂଶୁମାନ ରାୟ, ରୋମ୍ସ ଇଣ୍ଟେଲ୍ (ହାଇବ୍ରିଡ୍ ମୋଡ୍), ବାଙ୍ଗାଲୋରର ବରିଷ୍ଠ ବୈଜ୍ଞାନିକ ବରିଷ୍ଠ ପ୍ରମୁଖ ବୈଜ୍ଞାନିକ, ସିଏସ୍‌ଆଇଆର ଏନଏଲ ଡ଼. ବାଲାମତୀ ଚୌଧୁରୀ ଯୋଗ ଦେଇଥିଲେ । ଏହି ସମ୍ମିଳନୀକୁ ଡିଆରଡିଓ ପକ୍ଷରୁ ପ୍ରାୟୋଜିତ କରାଯାଇଥିଲା। ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ, ଡ଼ ମାନସ ପାତ୍ର, ଡ.ପ୍ରୀତି ରଞ୍ଜନ ସାହୁ, ଡ. ମାନବେନ୍ଦ୍ର ପାତ୍ର, ଡ଼. ସସ୍ମିତା ପାଢ଼ୀ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ଗାୟତ୍ରୀ ପଣ୍ଡା, ଡ଼. ଚାରୁଲତା ପଲାଇ, ଡ. ରତିକାନ୍ତ ନାୟକ, ପ୍ର ଦୁର୍ଗା ମାଧବ ପାଢ଼ୀ, ପିତାମ୍ବର ସାହୁ, ସୌମ୍ୟା ମୁଦୁଲି, ସନ୍ତୋଷ ନାୟକ, ପ୍ରଣୟ ରଥ, ସୁରେଶ ମହାପାତ୍ର, ସଚିନ୍ଦ୍ର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଏହି ସମ୍ମିଳନୀକୁ ଡ. ଆକାଂକ୍ଷା ପଟ୍ଟନାୟକ ଏବଂ କ୍ୟାପଟେନ ଆୟୁଷ ମୁଦଗଲ ସଂଯୋଜନା କରିଥିଲେ।

# ଆଧ୍ୟାତ୍ମିକ ପତ୍ରିକା ପ୍ରୀତିର ପ୍ରୟାସର ବାର୍ଷିକ ଉତ୍ସବ



ହିନ୍ଦୋଳ, (ସବ୍ୟୁ) : କବି ଶ୍ରୀକୃଷ୍ଣ ଦାସ ଅଭୟ କୁମାର ଆଚାର୍ଯ୍ୟଙ୍କ ସମ୍ପାଦନାରେ ହିନ୍ଦୋଳରୁ ପ୍ରକାଶ ପାଉ ଆସୁଥିବା ଭକ୍ତି ରସାମୃତ ଅର୍ଦ୍ଧ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା ପ୍ରୀତିର ପ୍ରୟାସର ୨୦ ତମ ସଂସ୍କରଣ ଉନ୍ମୋଚନ ଓ ବାର୍ଷିକ ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଅନୁଗୋଳ ଢେଙ୍କାନାଳ ସମେତ ରାଜ୍ୟର ୧୦ ଜଣ ସୁନାମ ଧନ୍ୟ କବି ଓ କବୟିତ୍ରୀଙ୍କୁ ୨୭ ମହିଳା ପାଇଁ ବିଭିନ୍ନ ପ୍ରତିଭାରେ ସମ୍ମାନିତ କରା ଯାଇଛି । ହିନ୍ଦୋଳ ଉପଖଣ୍ଡ ରାସୋଳ ଶିଶୁ ମନ୍ଦିର ଠାରେ ଆୟୋଜିତ କାର୍ଯ୍ୟକ୍ରମ ଓ ଭକ୍ତି କବିତା ପାଠ ଉତ୍ସବରେ ଏହି ଅବସରରେ କବି ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇ ଥିଲା । ଡ଼ଃ କୈଳାସ ଚନ୍ଦ୍ର ପାଣିଙ୍କୁ କୌସ୍ତୁଭ ମଣି ସମ୍ମାନ, ଆକୁଳି ଚନ୍ଦ୍ର ସାହୁ ଶତାୟୋତୀର୍ଥ ସମ୍ମାନ, ଶ୍ରୀରାମ ରାଉତ ପଞ୍ଚ ଜନ୍ୟ ସମ୍ମାନ, ଅଖିଳ କୁମାର ପୃଷ୍ଟି ମଧୁ କୋକିଳ ସ୍ମୃତି ସମ୍ମାନ, ଆଦିତ୍ୟ କୁମାର ଆଚାର୍ଯ୍ୟ ଓ ମଧୁସୂଦନ ଶତପଥୀଙ୍କୁ ପ୍ରୀତିର ପ୍ରୟାସ ସମ୍ମାନ, ସୁମନ୍ତ କୁମାର ଜେନା ଓ ପୁଣ୍ୟ ଶ୍ଳୋକ ପତିଙ୍କୁ ଭଗିରଥ ଯୁବ ପ୍ରତିଭା ସମ୍ମାନ, ପୁଷ୍ପା ଅପରାଜିତା ସାମନ୍ତ ଓ ସୁଶ୍ରୀ ହୋୟାନ ବି ସତ୍ପଥୀଙ୍କୁ ଭାରତୀ ପ୍ରତିଭା ସମ୍ମାନରେ ସମ୍ମାନିତ କରା ଯାଇ ଥିଲା । କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ କୈଳାସ ଚନ୍ଦ୍ର ପାଣି, ମୁଖ୍ୟବକ୍ତା ଭାବେ ଶ୍ରୀରାମ ରାଉତ ଏବଂ ସମ୍ମାନିତ ଅତିଥି ଭାବେ କବି ବାହାଦୁର ପାଙ୍କଜାକ୍ଷୀ, ହିନ୍ଦୋଳ ଶ୍ରୀ ରାମ ଚରିତ ମାନସ କମିଟିର ସଭାପତି ହେମନ୍ତ କୁମାର ପାଣି ଗ୍ରାହି, କବୟିତ୍ରୀ ମିନତି ସାମଲ ଯୋଗ ଦେଇ ଥିଲେ । ଏଥିରେ ରାଜ୍ୟର ବହୁ ଲବ୍ଧ ପ୍ରତିଷ୍ଠିତ କବି ଓ କବୟିତ୍ରୀ ଯୋଗଦେଇ କବିତା ଆବୃତ୍ତି କରିଥିଲେ । ସମାଜ ସେବୀ କବି ରଜିକାନ୍ତ ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଢେଙ୍କାନାଳରେ ଭାରତ ବନ୍ଦ ସଫଳ

ଢେଙ୍କାନାଳ, (ସବ୍ୟୁ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ, ସଂଯୁକ୍ତ କୃଷକ ମୋର୍ଚ୍ଚା, ସ୍ୱାଧୀନ ଶ୍ରମିକ ଫେଡେରେସନ, ବିଦ୍ୟୁତ ଉପଭୋକ୍ତା ମହାସଂଘର ମିଳିତ ଡାକରାରେ କରାଯାଇଥିବା ଭାରତ ବନ୍ଦ ଢେଙ୍କାନାଳରେ ସଫଳ ହୋଇଛି। ମୁଖ୍ୟତଃ ୮ଘଂଟା ଶ୍ରମକୁ ୧୨ଘଂଟା କରିବା, ମାଲିକ ମାନଙ୍କ ସପକ୍ଷରେ ଶ୍ରମ ଆଇନ ଗୁଡିକରେ ପରିବର୍ତନ କରିବା, ବସ୍ତୁତଃ ଅତି କମ ମଜୁରୀରେ କାମ କରୁଥିବା ଆଶା, ପାଚିକା, ଅଙ୍ଗନବାଡି ଶ୍ରମିକଙ୍କ ସମେତ ସବୁ ସ୍କିମ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା, ସବୁ ସରକାରୀ କର୍ମଚାରୀମାନଙ୍କୁ ପୁରୁଣା ପେନସନ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା, ସର୍ବନିମ୍ନ ପେନସନ ୯ ହଜାର ଟଙ୍କା କରିବା, ନିୟମିତ କାର୍ଯ୍ୟ ଗୁଡିକରେ ଠିକା ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ କରିବା, ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ରେ ନିଯୁକ୍ତି ଦେବା, କୃଷକଙ୍କ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ କରିବା, ଚାଷୀ ଫସଲକୁ ବଣ୍ୟ ଜନ୍ତୁ, ହାତୀ, ମାଙ୍କଡ, ବାରାହା ଓ ଷଣ୍ଢ ମାନଙ୍କ କବଳରୁ ରୋକିବା, ନୂତନ ବିଦ୍ୟୁତ ଆଇନରେ ବିଦ୍ୟୁତ ବିଭାଗ ଗୁଡିକୁ ଘରୋଇ ମାଲିକମାନଙ୍କୁ ଟେକିଦେବାର ପ୍ରସ୍ତାବ ବାତିଲ କରିବା, ବ୍ୟାଙ୍କ, ବୀମା କମ୍ପାନୀ ଗୁଡିକରେ ଶତପ୍ରତିଶତ ବିଦେଶୀ ପୁଞ୍ଜିକୁ ଅନୁମତି ଦେବା ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶ କରି ଦେଶର ୮୦ଲକ୍ଷ ଖୁଚୁରା ବ୍ୟବସାୟୀ ଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲିଦେବା, ଓଡିଶା ସରକାର ଦେଇଥିବା ପ୍ରତିଶ୍ରୁତି ମୁତାବକ ୩୦୦ୟୁନିଟ ବିଜୁଳି ମାଗଣା ଦେବା, ଟାଟା ପାୱାରର ଅତିରିକ୍ତ ସଂଯୋଗ ଟଙ୍କା ଦାବି



ବାତିଲ କରିବା, ସ୍ମାର୍ଟ ମିଟର କିଣିବା ପାଇଁ ଆମ ଟିକସ ଟଙ୍କାରୁ ଅବାନ୍ତର ଦେବା, ସ୍ମାର୍ଟ ମିଟର ଲଗାଇବାକୁ ଉପଭୋକ୍ତା ମାନଙ୍କୁ ବାଧ କରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା, ବଲକ ପୁରର ରିଜାଏନ୍ସ କମ୍ପାନୀ ଜମି ଦେଇଥିବା ପରିବାର ଗୁଡିକୁ ନିର୍ଯାତନା ଦେବା, ବ୍ୟାପକ ପ୍ରଦୂଷଣକୁ ରୋକିବା, ରିଲାଏନ୍ସର ଶ୍ରମିକ ମାନଙ୍କୁ ବକେୟା ପ୍ରାପ୍ୟ ନ ଦେବା, ଇତ୍ୟାଦିର ପ୍ରତିବାଦ କରି ମୁଖ୍ୟ ଶୋଭାଯାତ୍ରା ବାଜିତୋଳ ଛକ ଠାରୁ ବାହାରିଥିଲା। କୃଷକ ସଭା ଜିଲ୍ଲା ସମ୍ପାଦକ ସରୋଜ ଶତପଥି, ଆଇ.ଏନ.ଟି.ୟୁ.ସି ର ନେତା ଅଯୋଧ୍ୟା ସାହୁ, ଏଲ. ପି. ଏଫର ସ୍ୱରୂପାନନ୍ଦ ଦାଶ, ସି.ଆଇ.ଟି.ୟୁ. ଜିଲ୍ଲା ସମ୍ପାଦକ ସର୍ବଂଜ୍ଞ ସାହୁ, ଏ.ଟି.ୟୁ.ସି.ର ବରିଷ୍ଠ ନେତା ରବିରଥ, ଏ.ଆଇ.ସି.ସି.ଟି.ୟୁ ର ନେତା ଶ୍ରୀନିବାସ ସାହୁ, ଜିଲ୍ଲା କଂଗ୍ରେସର ସଭାପତି ଛବିରାଜ ବିଶ୍ୱାଳ, ପୂର୍ବତନ ସଭାପତି ସୁନୀଲ ଦାଶଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ । ଆନ୍ଦୋଳନ କାରୀମାନେ ମୁଖ୍ୟ ରାସ୍ତାରେ ଦୋକାନ ବଜାର ଇତ୍ୟାଦି ବନ୍ଦ କରିବାକୁ ଅନୁରୋଧ କରି ଯୋଗାନ ମାନ ଦେଇ ମୁଖ୍ୟ ରାସ୍ତା ଅବରୋଧ କରି ଚାଲିଥିଲେ। ଏହି ଆନ୍ଦୋଳନ ପ୍ରତି ଢେଙ୍କାନାଳ ବାର ଆସୋସିଏସନ ସମ୍ପୂର୍ଣ ସମର୍ଥନ କରିଥିଲେ। ଶେଷରେ ଶୋଭାଯାତ୍ରା ସବୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣା ଓ ସଭା କରାଯାଇଥିଲା। ଏହି ଆନ୍ଦୋଳନ ପ୍ରତି ଜନଗଣଙ୍କର ସ୍ୱତଃ ସମର୍ଥନ ରହିଥିଲା ଦୋକାନ ବଜାର, ବ୍ୟାଙ୍କ ବୀମା, ଘରୋଇ ବ୍ୟାଙ୍କ ଇତ୍ୟାଦିକୁ ଆନ୍ଦୋଳନ କାରି ମନେ ବନ୍ଦ କରିଥିଲେ। ବନ୍ଦ ସଫଳ ହୋଇଛି ବୋଲି ଆନ୍ଦୋଳନ କାରୀମାନେ ଦାବି କରିଛନ୍ତି।

# ସାପଘରା ଠାରେ ନବ ନିର୍ମିତ ଗୋଣ୍ଡ ଭବନ ଲୋକାର୍ପିତ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ସାପଘରା ପଂଚାୟତ ରେ ଗୋଣ୍ଡ ଗ୍ରାମ ଗୋଣ୍ଡ ମହାସଭା ଖମାର ପୁଞ୍ଜ ଆନୁକୂଲ୍ୟରେ ସାପଘରା ଖେଳ ପଡିଆ ନିକଟରେ ନିର୍ମାଣ ହୋଇଥିବା ନୂତନ ଗୋଣ୍ଡ ଭବନକୁ ବୁଧବାର ଦିନ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ନୂତନ ଗୃହ ଲୋକାର୍ପଣ କରାଯାଇଛି । ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ଗୋଣ୍ଡ ସମ୍ପ୍ରଦାୟର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପୁଷ୍ପମାଳ ଦେଇ ଧୂପ ଜଳାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ପରେ ସଭା ଆରମ୍ଭ ହୋଇଥିଲା । ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏଁ,ଗୋଣ୍ଡ ଗ୍ରାମ ବିକାଶ ଜିଲ୍ଲା ସଭାପତି ସଦାଶିବ ନାୟକ, କେନ୍ଦ୍ର କମିଟି ସଭାପତି ପ୍ରଶ୍ନ କୁମାର ନାୟକ, ବିଜେପି ଦଳର ପୂର୍ବତନ ଜିଲ୍ଲା ସଭାପତି ବିଲେଶ୍ୱର ପ୍ରଧାନ, ସଂଗଠକ ପ୍ୟାରୀମୋହନ ନାୟକ,ଖମାର ପୁଞ୍ଜ ସଭାପତି ମାଗୁଣି ଚରଣ ନାୟକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ବସନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଗୋଣ୍ଡ ସମାଜ ର ପୂର୍ବ ଇତିହାସ ସାଂସ୍କୃତିକ ଐତିହ୍ୟ ପରମ୍ପରା ତଥା ଗୋଣ୍ଡ ଜାତିର ଉନ୍ନତି ର ଉପାୟ ଉପରେ ବିଷଦ ଭାବେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ତତ ସହିତ ଓଡିଶା ର ୨୦ କୋଟି ଜିଲାରେ ଗୋଣ୍ଡ ସମ୍ପ୍ରଦାୟ ର ତିନି ଗୋଷ୍ଠୀ ଯଥା ଗୋଣ୍ଡ ସାଂସ୍କୃତିକ ସମାଜ, ସଢ଼ଙ୍ଗୀ ଗୋଣ୍ଡ ସମାଜ ଓ ଗୋଣ୍ଡ ଗ୍ରାମ ଗୋଣ୍ଡ ମହାସଭା ମିଳିତ ଉଦ୍ୟମ ରେ ଓଡିଶା ରେ ଗୋଣ୍ଡ ଭବନ ନିର୍ମାଣ କୁ ସରକାର ୩ କୋଟି ଟଙ୍କା ବ୍ୟୟ କରାଦ ଦେଇଥିବା କଥା ପରିପ୍ରକାଶ କରିଥିଲେ । ମଧ୍ୟାହ୍ନ ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ପରେ ପ୍ରତ୍ୟେକ ପୁଞ୍ଜ ର ପ୍ରତିନିଧି ମାନଙ୍କୁ ସମର୍ଦ୍ଧିତ କରାଯାଇଥିଲା ।

# ଶିକ୍ଷକଙ୍କ ପରଲୋକ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ସନ୍ନିକଟ ଜିରିଡାମାଳି ଗ୍ରାମର ଶିକ୍ଷକ ବିଜୟ କୁମାର ମହାଳିକ (୫୦)ଙ୍କ ପରଲୋକ ହୋଇଯାଇଛି । ସେ କିଛିଦିନ ତଳେ ହୃଦଘାତର ଶିକାର ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଅପରେସନ ହୋଇ ଚିକିତ୍ସିତ ହେଉଥିଲେ । ତେବେ ଗୁରୁବାର ହଠାତ୍ ତାଙ୍କର ମୃତ୍ୟୁ ହୋଇଛି । ବିଜୟ କୁମାର ମହାଳିକ ଦୀର୍ଘ ବର୍ଷ ଧରି କାମାକ୍ଷାନଗର ଓ ପରଜଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିବା ବେଳେ ଏବେ ସେ ପରଜଙ୍ଗ ବ୍ଲକର ବଡଝରା ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଜଣେ ଛାତ୍ର ବତ୍ସଳ, ସ୍ନେହୀ ଅମାୟିକ ବ୍ୟକ୍ତି ଭାବରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ଅକାଳ ମୃତ୍ୟୁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ବିଜୟଙ୍କ ମର ଶରୀର ଭୁବନେଶ୍ୱରରୁ ନିଜ ଗ୍ରାମ ଜିରିଡାମାଳି ରେ ପହଞ୍ଚିବାପରେ ଶେଷ ଦର୍ଶନ ପାଇଁ ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରୁ ଶିକ୍ଷକ, ଶିକ୍ଷୟିତ୍ରୀମାନେ ପହଞ୍ଚି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଏନଟିପିସି, କଣିହାଁରେ ସାଧାରଣ ଧର୍ମଘଟ ସଫଳ

କଣିହାଁ, (ସବ୍ୟୁ) : ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ, ବିଦ୍ୟୁତ ସଂଶୋଧନ ବିଲ ୨୦୨୫ ବାତିଲ, ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଇବା ବନ୍ଦ, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା ନିର୍ଦ୍ଧାରଣ କରିବା, ପୁରୁଣା ପେନସନ ସ୍କିମ ପୁନଃପ୍ରଚଳନ କରିବା, ସର୍ବନିମ୍ନ ପେନସନ ମାସିକ ୧୦ହଜାର ଟଙ୍କା କରିବା,ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ରର ଦରବୃଦ୍ଧି ବନ୍ଦ କରିବା, ଖୁଚୁରା ବ୍ୟବସାୟରେ ଏଫ୍.ଡି. ଆଇ ବନ୍ଦ କରିବା, ପାଚିକା-ସହାୟିକା,ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବା ଏବଂ ପି.ଏଫ୍, ବୋନସ, ଇ.ଏସ୍.ଆଇ.ସି କ୍ଷେତ୍ରରେ ସର୍ବୋଚ୍ଚ ମଜୁରୀ ସୀମା(ସିଲିଂ) ଉଚ୍ଛେଦ କରିବା ଆଦି ଦାବିରେ ଏନଟିପିସି କଣିହାଁ ରେ ସାଧାରଣ ଧର୍ମଘଟ ଅନୁଷ୍ଠିତ ହୋଇଥିଲା । ଏନ.ଟି.ପି.ସି ଶ୍ରମିକ ସଂଘ, ସାଧାରଣ ସଂପାଦକ ସତ୍ୟାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ପ୍ରଧାନ, ସଞ୍ଜୟ କୁମାର ସାହୁ, ଏନଟିପିସି ଏମ୍ପ୍ଲୋଇଜ ୟୁନିୟନ ସାଧାରଣ ସଂପାଦକ ସୁଶୀଲ ବେହେରା, ଶିବରାମ ଦାସ, ବିମଳ କୁମାର ପ୍ରଧାନ,ଦୁଃଖବନ୍ଧୁ ନାଏକ, ବିଜୟ ନାଏକ, ଏଚ୍ ଏମ୍ ଏସ୍ ନେତା ପ୍ରସନ୍ନ କୁମାର ପାଣି , ଏଆଇୟୁଟିୟୁସି ଜିଲ୍ଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁ, ୟୁନାଇଟେଡ ଏମ୍ପ୍ଲୋଇଜ ୟୁନିୟନ ର ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ସାହୁ, ଦୁଃଖିଶ୍ୟାମ ମଲ୍ଲିକ, ପ୍ରଦୀପ କୁମାର ପ୍ରଧାନ, ଟୁନା ନାଏକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଗନ୍ଧର୍ବ ନାଏକ, ସୁନିଆ ନାଏକ, ନିଳାମ୍ବର ତିରିଆ, ନରେଶ ପ୍ରଧାନ, ଗୋବିନ୍ଦ ଭୁତିଆ, ମିଥୁନ ଗୋଛାୟତ, ବାବୁଲା ବେହେରା, ଦୁଶାସନ ବେହେରା, ବସନ୍ତ ପ୍ରଧାନ' ସୁନିଆଁ ନାଏକ, ବିରେନ୍ଦ୍ର ନାଏକ ପ୍ରମୁଖଙ୍କ ନେତୃତ୍ୱରେ ଏନଟିପିସି କଣିହାଁ ମେନ ଗେଟ୍ ସମ୍ମୁଖ ବାଇପାସ ଛକଠାରେ ସକାଳ ୬ଟାରୁ ଏହି ଧର୍ମଘଟ ହୋଇଥିଲା । ଧର୍ମଘଟରେ ଏନଟିପିସି କଣିହାଁର ସ୍ଥାୟୀ କର୍ମଚାରୀ ଓ ଠିକାଶ୍ରମିକମାନେ ସାମିଲ ଥିଲେଛ ଫଳରେ ଏନଟିପିସି କାରଖାନାକୁ ଭାରୀଯାନ ଚଳାଚଳ ବନ୍ଦ ଥିବାବେଳେ ଶ୍ରମିକ କର୍ମଚାରୀ ମାନେ କାରଖାନା ଭିତରକୁ ଯିବା ବାଧାପ୍ରାପ୍ତ ହୋଇଥିଲା । ଏହି ଧର୍ମଘଟକୁ କୃଷକ ସଂଗଠନ, ଏନଟିପିସି ବଣିକ ସଂଘ, ପିଟିଏସ,ସାପ୍ତାହିକ ମାର୍କେଟ, ଛାତ୍ର , ଯୁବକ, ମହିଳା ସମର୍ଥନ କରିଥିବାରୁ ବନ୍ଦ ସଫଳ ହୋଇଥିଲା । ଉକ୍ତ ଧର୍ମଘଟ ଯୋଗୁଁ କଣିହାଁ କୋଇଲା ଖଣି ମଧ୍ୟ ବନ୍ଦ ରହିଥିଲା । କଣିହାଁ କୋଇଲା ଖଣି ଟାଇମିଂ ଅଫିସ ସମ୍ମୁଖରେ ଆଇଏନଟିୟୁସି ଓସିଏମଏସ ର ରଣଜିତ ସାମଲ, ଗୌତମ ଦେହୁରି, ଧର୍ମେନ୍ଦ୍ର ପ୍ରଧାନ, ଦ୍ୱିଲୋକ ସାହୁ, ଦେବଦତ୍ତ ପ୍ରାସାଦ ପ୍ରଧାନ, ସତ୍ୟାନନ୍ଦ ସାହୁ ବିମଳ ପ୍ରଧାନ, ଶାନ୍ତିଲତା ବେହେରା, ଏଚ ଏମ ଏସ ୟୁନିୟନର ଦୁଷ୍ମନ୍ତ ପ୍ରଧାନ, ଜ୍ଞାନେନ୍ଦ୍ର ପ୍ରଧାନ ପ୍ରମୁଖ ଅନେକ କର୍ମକର୍ତ୍ତା ବସି ରହି ଆନ୍ଦୋଳନ ଚଳାଇଥିଲେ ।

# ବିଦ୍ୟାଳୟରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ଶିବିର

ପାଲଲହଡା, (ସବ୍ୟୁ) : ଗୁରୁବାର ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟ ଠାରେ ଛାତ୍ର ଛାତ୍ରୀମାନଙ୍କୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ) ଏବଂ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ଼ (ଓକେସିଏଲ), ଭୁବନେଶ୍ୱର ସହଯୋଗରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପାଲଲହଡା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସୁନନ୍ଦା ପ୍ରଧାନ ଓ ଓଡିଶା ନଲେଜ କର୍ପୋରେସନ ର ଜିଲ୍ଲା ସଂଯୋଜକ ଯୋଗ ଦେଇଥିଲେ । ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ୩ଗୋଟି ମାର୍ଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଥମଟି ହେଲା ଆଇଓଟି ଯଥା ଆଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ବିଭିନ୍ନ ଉପକରଣ, ଯନ୍ତ୍ର ଓ ବସ୍ତୁଗୁଡିକୁ ଇଣ୍ଟରନେଟ୍ ସହିତ ସଂଯୋଗ କରିବା, ୨ୟଟି ହେଲା କୃତ୍ରିମ ବୁଦ୍ଧିମତା ଓ ତୃତୀୟଟି ହେଲା ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାରା ରାଜ୍ୟରେ ଶହେଟି ହାଇସ୍କୁଲର ବାର ହଜାର ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ , ଅନୁଗୁଳ ଜିଲ୍ଲାର ଚାରିଟି ଉପଖଣ୍ଡର ୫ ଗୋଟି ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗତ ୭ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିବାବେଳେ ପ୍ରଥମ ଆଠମଲ୍ଲିକ ଉପଖଣ୍ଡର ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ , ଅନୁଗୁଳର ସରକାରୀ ଉଚ୍ଚ ବିଦ୍ୟାଳୟ , ପିଟିସି ଉଚ୍ଚ ବିଦ୍ୟାଳୟ,ତାଳଚେର ଉପଖଣ୍ଡର ଯୁବରାଜ ଉଚ୍ଚ ବିଦ୍ୟାଳୟ ଏବଂ ଶେଷରେ ଗୁରୁବାର ପାଲଲହଡା ଉପଖଣ୍ଡର ମହତାବ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଉଦଯାପନୀ ହୋଇଥିଲା ।

# ସର୍ବଭାରତୀୟ ଗଣେଶ ମେମୋରିଆଲ କ୍ରିକେଟ ରାଉରକେଲା ଏକାଦଶ ଓ ଜାମସେଦପୁର ଏକାଦଶ ବିଜୟୀ

ପାଲଲହଡା, (ସବ୍ୟୁ) :ଆଜିଠାରୁ ପାଲଲହଡା ଷ୍ଟାଡିଅମ ଠାରେ ଆରମ୍ଭ ହୋଇଥିବା ସବଭାରତୀୟ ଟି୨୦ ପ୍ରଥମ ଗଣେଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଥିବା ବେଳେ ପ୍ରଥମ ଦିନରେ ରାଉରକେଲା ଏକାଦଶ ଝାରସୁଗୁଡା ଏକାଦଶକୁ ୨୭ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା ବେଳେ ଜାମସେଦପୁର ଏକାଦଶ ଆୟୋଜକ ଶାସନ ସାହି ଶ୍ରୀରାମ କ୍ରିକେଟ କ୍ଲବ କୁ ୮୧ରନରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି ।ଆଜିର ମ୍ୟାଚ କୁ ଅଂପେୟାର ଭାବେ ରଞ୍ଜିତ କୁମାର ସାମଲ,ମାଧବ ସାହୁ, ସନ୍ତୋଷ ଦଳବେହେରା ଓ ସଂଜୟ ସାହୁ ପରିଚାଳନା କରିଥିବା ବେଳେ ସ୍କୋରର ଦାଇତ୍ୱରେ ଶିବପ୍ରସାଦ ସାମଲ, ବିଶ୍ୱଜିତ ମହାନ୍ତି ଓ ଭୂପେନ କୁମାର ନାଏକ ଦାୟିତ୍ୱ ନିର୍ବାହ କରିଥିଲେ କୁଖେଳର ଧାରବିବରଣୀ ଦାୟିତ୍ୱ ବରିଷ୍ଠ ଖେଳାଳି ତଥା ପାଲଲହଡା ଅଥଲେଟିକ ଆସୋସିଏସନର ନବ ନିଯୁକ୍ତ ସମ୍ପାଦକ ଅଭୟ କୁମାର ନାଏକ ନିର୍ବାହ କରିଥିଲେ ଆୟୋଜକ ଶ୍ରୀରାମ କ୍ରିକେଟ କ୍ଲବ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଙ୍କ ଅଧକ୍ଷତା ରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।

# ଦିନଦୟାଲ ଉପାଧ୍ୟାୟଙ୍କ ପୂଣ୍ୟତିଥି ପାଳିତ

ତାଳଚେର, (ସବ୍ୟୁ) : ମହାନ ଚିନ୍ତାନାୟକ, ଏକାତ୍ମ ମାନବବାଦ ଦର୍ଶନ ର ପ୍ରଣେତା ପଣ୍ଡିତ ଦିନ ଦୟାଲ ଉପ୍ଧାୟଙ୍କର ପୂଣ୍ୟ ତିଥି ବୁଧବାର ପାଳିତ ହୋଇଯାଇଛି । ବିଜେପି ତାଳଚେର ପୌର ମଣ୍ଡଳ ପକ୍ଷରୁ ଦେଉଳବେଡା ବିଏମଏସ କାର୍ଯ୍ୟାଳୟ ରେ ଦିନଦୟାଲଙ୍କ ପୂଣ୍ୟତିଥି କୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । ମଣ୍ଡଳ ସଭାପତି ରାଜେଶ ଦଳେଇ -ସଂଯୋଜକ ପର୍ଶୁରାମ ବାରିକ ଯୋଗଦେଇ ପଣ୍ଡିତ ଦିନଦୟାଲଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଦିନଦୟାଲଙ୍କ ଏକାତ୍ମ ମାନବବାଦ ତଥା ଅନ୍ତୋଦୟ ଲକ୍ଷ ଅନ୍ତୋଦୟ ପଥ ଅନ୍ତୋଦୟ ଓ ପଣ ଅନ୍ତୋଦୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସ୍ୱୟଂ ସେବକରୁ କାର୍ଯ୍ୟ ଆରମ୍ଭ କରି ଜନସଙ୍ଘ କୁ ରେ କାର୍ଯ୍ୟ କରିଥିଲେ । ଏକାତ୍ମ ମାନବ ବାଦ ସୃଷ୍ଟି ବେଷ୍ଟି ପାରମେଷ୍ଟି ଉପରେ ଆଧାରିତ ସେ ବିଷୟରେ ଆଲୋଚନା କରିଥିଲେ । ଆଜିର କାର୍ଯ୍ୟକ୍ରମ ରେ ଆଇନଜୀବୀ ଅଖିଳ ସାମଲ, ଶମ୍ଭୁନାଥ ବେହେରା, ଯାଇବିନନ୍ଦ, ଓ ଗଦାଧର ସାମଲ, ପୂର୍ଣଚନ୍ଦ୍ର ବେହେରା, ବିଜୟ ନାଏକ, ରିତେଶ ସାହୁ, ସୁକାନ୍ତ ରାୟ, ତ୍ରିନାଥ ବେହେରା, ପାପୁନ ମହାପାତ୍ର ବେହେରା, ଜଗଦୀଶ ମିଶ୍ର, ରାଜେଶ ମହାପାତ୍ର, ପରେଶ କୁମାର ପାଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ନଗର କଂଗ୍ରେସ ସଭାପତି ହେଲେ କମଳାକାନ୍ତ ପ୍ରଧାନ

ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନଗର କଂଗ୍ରେସ ସଭାପତି ଭାବରେ ଇଂ କମଳାକାନ୍ତ ପ୍ରଧାନଙ୍କୁ ପ୍ରଦେଶ କଂଗ୍ରେସ କମିଟି ତରଫରୁ ନିଯୁକ୍ତ କରାଯାଇଥିବା ଜଣାପଡିଛି । ୧୫ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ସେ ନଗର କଂଗ୍ରେସ ଦାୟିତ୍ୱରେ ରହି ବହୁ ଦଳୀୟ କାର୍ଯ୍ୟକ୍ରମ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । କଂଗ୍ରେସ ତରଫରୁ ତାଙ୍କୁ ବିଶ୍ୱାସ କୁ ନେଇ ପୁଣି ଦାୟିତ୍ୱ ଦେଇଥିବାରୁ ପି.ସି.ସି. ସଭାପତି ଭକ୍ତଚରଣ ଦାସ , ପି.ସି.ସି. ସମ୍ପାଦକ ତଥା ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସେଲ ଅଧକ୍ଷ ବିଜୟାନନ୍ଦ ଚାଉଳିଆ , ଜିଲ୍ଲା ସଭାପତି ସୁନିଲ ପ୍ରଧାନଙ୍କୁ କୃତଜ୍ଞତା ଜଣାଇବା ସହିତ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ଦଳୀୟ ସଂଗଠନ କୁ ସୁଦୃଢ କରିବାକୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରକାଶ କରିଥିଲେ ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ମାଣିକପୁର ଗ୍ରାମର ମୁକେଶ ବେହେରାଙ୍କୁ ସେହି ଅଞ୍ଚଳର ଜଗବନ୍ଧୁ ପାତ୍ର ଓ ତାଙ୍କ ଭାଇ ଜିତୁ ପାତ୍ର ଏକ ଖଣ୍ଡାରେ ଆକ୍ରମଣ କରିଥିବା ମୁକେଶଙ୍କ ବାପା ବିଜୟ ବେହେରା କିଶୋରନଗର ଥାନାରେ ବୁଧବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୩୯/୨୬ ରେ ଏକ ମାମଲା ରୁଜୁ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ ମୁକେଶ ଲେବରଙ୍କୁ ପଇସା ଦେବା ପାଇଁ ଯାଉଥିବା ବେଳେ ବାମୁର ସରକାରୀ ଉଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଜଗବନ୍ଧୁ ଓ ଜିତୁ ଏକ ସ୍କୁଟି ରେ ଆସି ତାଙ୍କୁ ଅଟକାଇ ଧରିଥିବା ଖଣ୍ଡା ରେ ଆକ୍ରମଣ କରିଥିଲେ । ପରେ ମୁକେଶ ଧରିଥିବା ୫୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି।

# ବାଇକ୍ ଜବତ, ଜଣେ ଗିରଫ

ଠାକୁରଗଡ, (ସବ୍ୟୁ) : ହଣ୍ଡପା ପୋଲିସ ବୁଧବାର ଦିନ ଜାମୁନାଳି ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରାଯାଇଛି । ସମସ୍ତ ଗାଡି ଗୁଡିକ ଅଟକାଇ ଯାଞ୍ଚ କରାଯାଇଥିଲା । ଏ ହି ସମୟ ରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗ ରେ ଆଠମଲ୍ଲିକ ଥାନା କନ୍ଧପାଳି ଗ୍ରାମର ସତ୍ପେଶ୍ୱର ପ୍ରଧାନ ଙ୍କୁ ଗିରଫ କରାଯାଇଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତାଙ୍କ ବାଇକ ଜବତ କରିଛି । ପୋଲିସ କହିଛି ଯେ ସତ୍ପେଶ୍ୱର ମଦ୍ୟପାନ କରି ଦ୍ରୁତଗତି ରେ ବାଇକ ଚଳଉଥିବା ବେଳେ ପୋଲିସ ଯାଞ୍ଚ କରି ତାଙ୍କୁ ଗିରଫ କରିଥିଲା ।

# ଖଣି ସମେତ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ

ତାଳଚେର, (ସବ୍ୟୁ) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ଓ ଶ୍ରମିକ ବିରୋଧି କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧକରି ଆଜି କେନ୍ଦ୍ରିୟ ଶ୍ରମିକ ସଂଗଠନ ପକ୍ଷରୁ ଆଜି ସର୍ବଭାରତୀୟ ୧୨ଘଂଟିଆ ବନ୍ଦ ଡ଼ାକରା ତାଳଚେରରେ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା । ଆଜି ତାଳଚେରରେ ଗାଡ଼ିମଟର, ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ବେଳେ କୋଇଲା ଖଣି, ଏନଟିପିସି ସମେତ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିଥିଲା । ତାଳଚେର ବସଷ୍ଟାଣ୍ଡକୁ କୌଣସି ବସ୍ ଆସିନଥିବା ବେଳେ ଯାତ୍ରୀମାନେ ଏଥିନେଇ ହଇରାଣ ହରକତ ହୋଇଥିଲେ । ତାଳଚେର କୋଇଲା ଖଣି ଶ୍ରମିକସଂଗଠନ ଗୁଡ଼ିକ ପକ୍ଷରୁ ଶ୍ରମଆଇନକୁ ବିରୋଧ କରି ହିଙ୍ଗୁଳା ଜିଏମ ଅଫିସ୍ ଠାରୁ ଲିଙ୍ଗରାଜ ଜିଏମ ଅଫିସ୍ ପର୍ଯ୍ୟନ୍ତ ବାଇକରାଲି କରାଯାଇଛି । ଏହି ବାଇକ ରାଲି ୪ଟି ଶ୍ରମ ସଂହିତା ଏବଂ ଅନ୍ୟାନ୍ୟ ଦାବିକୁ ସମର୍ଥନକରି ଭାରତବନ୍ଦ ସପକ୍ଷରେ ଜନସଚେତନ ପାଇଁ ଆୟୋଜିତ ହୋଇଛି । ସକାଳ ୧୦.୩୦ରେ ହିଙ୍ଗୁଳାରୁ ବାହାରି ଭରତପୁର, ସିଡ଼ବ୍ଲୁଏସ୍ ତାଳଚେର, ଜଗନ୍ନାଥ ଅଂଚଳ, ତାଳଚେର ଅଂଚଳ, ଭୁବନେଶ୍ୱରୀ ଅଂଚଳ ଇତ୍ୟାଦି ଦେଇ ୧୨.୩୦ରେ ଲିଙ୍ଗରାଜ ଜିଏମ ଅଫିସ୍ରେ ପଂହଚିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ଏହି ଆନ୍ଦୋଳନ ଯୋଗୁଁ ସମସ୍ତ କୋଇଲା ଖଣି ବନ୍ଦ ରହିଥିବା ବେଳେ ପରିବହନ ଓ ଉତୋଳନ ଠପ୍ ହୋଇଯାଇଥିଲା । ଫଳରେ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ କୋଟି କୋଟି ଟଙ୍କା ରାଜସ୍ୱ ହରାଇଥିବା କୁହାଯାଇଛି ।

# ଗାଡିମୋଟର ବନ୍ଦ -ଦୋକାନ ବଜାର ଖୋଲା

ପାଲଲହଡା, (ସବ୍ୟୁ) : ସମଗ୍ର ଭାରତ ବର୍ଷରେ ସର୍ବଭାରତୀୟ ଶ୍ରମିକ ଟ୍ରେଡ଼ ୟୁନିଅନର ଆହ୍ୱାନ କ୍ରମେ ଡାକରା ଦିଆଯାଇଥିବା ଛଅ ଘଣ୍ଟିଆ ଭାରତ ବନ୍ଦ ଆଜି ପାଲଲହଡାରେ ଆଂଶିକ ସଫଳ ହୋଇଥିବାର ଦେଖା ଯାଇଥିଲା । ସ୍ୱେଚ୍ଛାକୃତ ଭାବେ ପାଲଲହଡା ୪୯ନମ୍ବର ଓ ୧୪୯ନମ୍ବର ଜାତୀୟ ରାଜପଥ ଉପରେ କୌଣସି ଟ୍ରକ ବସ କିମ୍ବା ଛୋଟ ଯାନବାହାନ ଚଳାଚଳ କରୁନଥିବା ବେଳେ ଟାଉନ ଭିତରେ ଥିବା ସମସ୍ତ ଦୋକାନ ବଜାର ଖୋଲା ରହିଥିଲା । କିଛିକାଂଶରେ ସରକାରୀ ଓ ବେସରକାରୀ ଅଫିସ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିଲେ ମଧ ଓଡିଶା କୃଷକ ସଭାର ସାଧାରଣ ସମ୍ପାଦକ ଜମ୍ନେଶ୍ୱର ସାମନ୍ତରାୟ ଙ୍କ ନେତୃତ୍ୱରେ ପନ୍ଦର କୋଡିଏ ଜଣ ବିକ୍ଷୋଭକାରୀ ଅଫିସ ଓ ବ୍ୟାଙ୍କରେ ଯାଇ ପିକେଟିଙ୍ଗ କରି କେନ୍ଦ୍ର ସରକାର ବିରୋଧୀ ନାରା ମାନ ଦେଇ ଭାରତ ବନ୍ଦ କୁ ସଫଳ କରିବାକୁ ନିବେଦନ କରିବାରୁ ସମସ୍ତ ଅଫିସ ବ୍ୟାଙ୍କ ସ୍ୱେଚ୍ଛାକୃତ ଭାବେ ଅଫିସ କାର୍ଯ୍ୟାଳୟ ଗୁଡିକ ବନ୍ଦ କରିଦେଇଥିଲେ । ଆଜିର ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ସଂଯା, ଡେମୋକ୍ରେଟିକ ୟୁଥ ଫେଡେରେସନ ଅଫ ଇଣ୍ଡିଆ ର ସ୍ଥାନୀୟ ସାଧାରଣ ସମ୍ପାଦକ ସିପୁନ ପ୍ରଧାନ ପ୍ରମୁଖ ଆଜିର ବନ୍ଦ ର ମୁଖ୍ୟ ପୁରୋଧା ସାଜିଥିଲେ ।

# କିଶୋରନଗରରେ ବନ୍ଦ ଶାନ୍ତିପୂର୍ଣ୍ଣ

ଠାକୁରଗଡ, (ସବ୍ୟୁ) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଂକ ଡାକରା ଦିଆଯାଇଥିବା ବେଳେ ସାରା ଭାରତ ବନ୍ଦ ଗୁରୁବାର ଦିନ କିଶୋରନଗର ଠାରେ ଏ ଆ ଇ ୟୁ ଟି ୟୁ ସି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଛି। ଏ ଆଇ ୟୁ ଟି ୟୁ ସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥ ବାସୀ ଭୋଇ ଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସ୍ଥାନୀୟ କଲେଜ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସରକାରୀ ବ୍ୟାଙ୍କ୍,ବ୍ଲକ,ତହସିଲ ଅଫିସ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ପରେ ବ୍ଲକ ଅଫିସ ସମୁଖରେ ତୀଥବାସୀ ଭୋଇଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଚାଷୀନେତା ରମଣୀ ରଂଜନ ପ୍ରଧାନ, ଲକ୍ଷ୍ମଣ ବେହେରା,ଚିତ୍ତରଞ୍ଜନ ମେଣ୍ଢୁଳି ପ୍ରମୁଖ ବକ୍ତବ୍ୟ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଡବଲ ଇଞ୍ଜିନ ସରକାର ରେ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ଙ୍କ ସହିତ ଶ୍ରମିକ କୃଷକ ସାଧାରଣ ଲୋକ ଡବଲ ଶୋଷଣ ହେଉଛନ୍ତି ବୋଲି ପ୍ରକାଶ କରିଥିଲେ। କେନ୍ଦ୍ର ସରକାର ଲାଗୁକରିଥିବା ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ମାନଙ୍କୁ ସରକାରୀ କର୍ମ ଚାରି ମାନ୍ୟତା ପ୍ରଦାନ କରିବା,ଶ୍ରମ ସମୟ ୧୨ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତି ବାତିଲ କରିବା, ବିଦ୍ୟୁ ବିଲ ୨୦୨୫ ବାତିଲ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ସମସ୍ତ କୃଷି ଜାତ ଦ୍ରବ୍ୟ ପାଇଁ ଏମଏସପି କୁ ଆଇନ ଗତ ମାନ୍ୟତା ଦେବା ଦାବିରେ ହୋଇଥିବା ବନ୍ଦ ପାଳନରେ ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ କିଶୋରନଗର ବ୍ଲକ ର ଶକୁନ୍ତଳା ସାହୁ, ମିନତି ସାହୁ, ମିଲୀ ସାହୁ ,ସଚ୍ଚିଦାନନ୍ଦ ସାହୁଙ୍କ ସମେତ ଶତାଧିକ ପାଚିକା ସହାୟିକା ଅଂଶ ଗ୍ରହଣ କରିଥିଲେ।

# ମା' କାମନା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ରାସୋଳ ସନ୍ନିକଟ ମର୍ଦ୍ଦରାଜପୁର ଶାସନ ରେ ମାଆ କାମନା ଠାକୁରାଣୀଙ୍କ ଏକ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଗତ ଆଠ ତାରିଖରେ ମନ୍ଦିରର ରନ୍ ମୁଦ କାର୍ଯ୍ୟ କ୍ରମ ଅନୁଷ୍ଠିତ ହେବା ପରେ ଏକ ବିରାଟ ଶୋଭାଯାତ୍ରା ରେ କଳସ ଯାତ୍ରା କରା ଯାଇ ଯଜ୍ଞ ମଣ୍ଡପରେ ସ୍ଥାପନା ହୋଇ ଅଧିବାସ, ଗର୍ଭ ଧାନ, ସର୍ବ ଦେବା ଦେବୀ ଆବାହନ ପୂଜନ, ମଣ୍ଡଳ ପୂଜନ ଓ ଅଗ୍ନି ସ୍ଥାପନ କରାଯାଇ ଥିଲା । ତିନି ଦିନ ବ୍ୟାପୀ କାର୍ଯ୍ୟକ୍ରମର୨ୟ ଦିବସ ରେ ସୂର୍ଯ୍ୟ ପୂଜା,ଗୋ ପୁଜନ, ମନ୍ଦିର ପ୍ରତିଷ୍ଠା, ନ୍ୟାସ ଓ ଚଣ୍ଡୀ ହବନ କରାଯାଇଥିଲା । ପ୍ରତ୍ୟହ ସନ୍ଧ୍ୟା ରେ ଦୀପ ଯଜ୍ଞ, ନାମ ଯଜ୍ଞ ଓ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ମାତୃ ସେବକ ପଣ୍ଡିତ ବିଭୂତି ଭୂଷଣ ପାଳ ଆତ୍ମ ଜୀବନରେ ମାତୃ ଶକ୍ତି ର ପ୍ରଭାବ ଉପରେ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ । ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଗୋ ପୂଜନ କରାଯାଇ ମାଆ ଙ୍କ ଷୋଡଶ ଉପଚାର ସହ ଚଣ୍ଡୀ ହବନ କରାଯାଇ ପୂର୍ଣ୍ଣାହୂତି କରାଯାଇ ଥିଲା । ତିନି ଦିନ ବ୍ୟାପୀ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ଶ୍ରୀନିବାସ ମିଶ୍ର, ନିରଦ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ଆଦିତ୍ୟ ପ୍ରସାଦ କର, ମନମୋହନ ପାଣିଗ୍ରାହୀ ଓ ଦେବଦତ୍ତ ମିଶ୍ର ପ୍ରମୁଖ ଯୋଗ ଦେଇ ଥିବା ବେଳେ କର୍ତ୍ତା ଭାବେ ଦେବୀ ପ୍ରସାଦ ମିଶ୍ର ,ପତ୍ନୀ ଅନିତା ଦେବୀ, ସନ୍ଦୀପ ମିଶ୍ର ପତ୍ନୀ ରୂପାଲୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ମାଆ କାମନା ଠାକୁରାଣୀ ଉନ୍ନୟନ ପରିଷଦର ସଭାପତି ପଦ୍ମଚରଣ ଦେହୁରୀ, ଜଗଦୀଶ ମିଶ୍ର, ବିନୟ ମିଶ୍ର, ଜିତେନ୍ଦ୍ର ମିଶ୍ର, ସୁଧୀର କୁମାର ମିଶ୍ର, ବାବୁ ପ୍ରଧାନ ଓ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ । ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ ପଣ୍ଡିତ ଶ୍ରୀକାନ୍ତ ମୋହନ ମିଶ୍ର ଙ୍କ କରକମଳରେ ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିରକୁ ଉତ୍ସର୍ଗ କରା ଯାଇଥିଲା । ନିଜ ଗ୍ରାମରେ ପ୍ରତିଷ୍ଠା ହେଉଥିବା ମନ୍ଦିରକୁ ହିନ୍ଦୋଳ ବିଧାୟିକା ସୀମା ରାଣୀ ନାଏକ ଙ୍କ ସହ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ରହି ମାତୃ କୃପା ଲାଭ କରଥିଲେ ।

# କାରଖାନାର ପାଉଁଶ ଯୋଗୁଁ ଚାଷଜମି ନଷ୍ଟ

ପରଜଙ୍ଗ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କୁଲେଇ ଗ୍ରାମ ସ୍ଥିତ ରାଣାସ୍ୱଞ୍ଜ ଆଇରନ୍ କାରଖାନା କମ୍ପାନୀ ନିଜସ୍ୱ ଓ ସରକାରୀ ଜମିରେ ପ୍ରାୟ ୭୦/୮୦ ଏକର ପରିସର ମଧ୍ୟରେ ନିର୍ମାଣ ହୋଇଛି । କମ୍ପାନୀ ତାର ଚତୁଃପାଶର୍ବରେ ପାଚେରୀ ନିର୍ମାଣ କରିଥିବା ବେଳେ ବାହାରେ ପାଖରେ କୁଲେଇ ଗ୍ରାମ ବାସୀଙ୍କ ଚାଷଜମି ରହିଅଛି । ପ୍ରତିଦିନ କାରଖାନାରେ ବ୍ୟବହୃତ ହେଉଥିବା କୋଇଲାର ପାଉଁଶ ଗୁଡିକ କାରଖାନା କର୍ତ୍ତୃପକ୍ଷ ଗୋଟିଏ ସ୍ଥାନରେ ନ ପକାଇ ଚତୁଃଦିଗରେ ବିଛାଇ ଦେବା ଯୋଗୁଁ ଗ୍ରାମ ବାସୀଙ୍କ ଚାଷଜମି ନଷ୍ଟ ହେଉଥିବା ଅଭିଯୋଗ ହେଉଛି । କୁଲେଇ ଗ୍ରାମର ଜେନା ବଂଶର ଲୋକମାନେ ଚାଷକରି ନିଜର ପରିବାର ପ୍ରତି ପୋଷଣ କରନ୍ତି । ଦୀର୍ଘ ବର୍ଷ ହେଲା କାରଖାନା ପାଉଁଶ ଓ ଆବର୍ଜନା ଯୋଗୁଁ ଧାନ ଫସଲ ନଷ୍ଟ ହେଉଅଛି। ଖୋଲା ଜାଗାରେ ପାଉଁଶ ପକାଇ ବାରୁ ଏହା ପବନରେ ଉଡ଼ି ପରିବେଶ ପ୍ରଦୂଷିତ କରିବା ସହ ଜମିରେ ପଡି ଉର୍ବରତା ନଷ୍ଟ କରୁଛି। ପାଚେରୀ ପାଶର୍ବରେ ଥିବା ଜଙ୍ଗଲ ଗଛଲତା ଉପରେ



କୋଇଲା ପାଉଁଶ ପଡିବା ଦ୍ୱାରା ଗୋରୁଗାଇ, ଛେଳି, ମେଣ୍ଢା ଘାସ ପତ୍ର ଖାଇ ବାରୁ ବଞ୍ଚିତ ହେଉଛନ୍ତି । ପେଟ ବିକଳରେ ଖାଇଲେ ପେଟ ରୋଗରେ ପଡ଼ି ମୃତ୍ୟୁବରଣ କରିଛନ୍ତି । କାରଖାନାର ଧୂଆଁ ଓ ପାଉଁଶ ଉଡ଼ି ଗ୍ରାମରେ ଥିବା ବାସ ଗୃହର ଛାତରେ ବିଛେଇ ହୋଇଯାଉଛି । ପୋଖରୀ ପାଣିରେ କୋଇଲା ଗୁଣ୍ଡ ଆସର ପଡିବା ଦ୍ୱାରା, ଲୋକମାନେ ପୋଖରୀରେ ଗାଧୋଇ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି କୋଇଲା ଧୂଆଁ ଓ କୋଇଲା ଗୁଣ୍ଡ ମାଣିକମରା, କୁଲେଇ, ଗେଙ୍ଗୁଟିଆ, ଖାଲପାଳ ଓ ଆଖୁଆପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପଡି ଜଳ ଓ ବାୟୁ ପ୍ରଦୁଷିତ ହେଉଛି । କମ୍ପାନୀର ଚେମିନୀ ଧୂଆଁକୁ ବିଶୋଧିତ କରି ଜଳ ଓ ବାୟୁ ପ୍ରଦୂଷଣରୁ ଅଞ୍ଚଳ ବାସୀଙ୍କୁ ରକ୍ଷା କରାନଗଲେ, ବାଧ୍ୟ ହୋଇ ଜନ ଆନ୍ଦୋଳନ ଟେକିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି।

# ନିଷିଦ୍ଧ ଚୋରା ଦେଶୀମଦ ଜବତ




ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ସଶସ୍ତ୍ର ପୁଲିସଫୋର୍ସ ଟିମ ସହାୟତାରେ କରାଯାଇଥିବା ମିଳିତ ଚଢାଉରେ ବଡଧରଣର ସଫଳତା ମିଳିଛି । ବୈଶିଙ୍ଗା ଥାନା ଅଧୀନ ନଡପୁର ପଞ୍ଚାୟତ ଅଧୀନ କଇଁଫୁଲିଆ ଗ୍ରାମରୁ ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶିମଦ ସମେତ ଓଡିଶାରେ ବିକ୍ରୟ ପାଇଁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ଚୋରା ଦେଶିମଦ ଜବତ କରାଯାଇଛି । ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ସନ୍ତରା, ହାତୀଝୁରି ଏବଂ କଇଁଫୁଲିଆ ଇଲାକାରେ ନକଲି ବିଷାକ୍ତ ବିଦେଶିମଦ ରାକେଟ ସକ୍ରିୟ ଥିବାର ଖବରପାଇ ପୂର୍ବରୁ ଦୁଇଥର ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶିମଦ ସମେତ ଓଡିଶାରେ ବିକ୍ରି ପାଇଁ ନିଷିଦ୍ଧ ଚୋରା ଦେଶିମଦ ଜବତ କରାଯାଇଥିଲା । ଗୁରୁବାର ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଅବକାରୀ ବିଭାଗର ଉଦଳା, ଖୁଣ୍ଟା ଏବଂ ବାରିପଦା ମୋବାଇଲ ୟୁନିଟ ସହିତ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ କଇଁଫୁଲିଆ ଗ୍ରାମରେ ଅତର୍କିତ ଚଢାଉ କରାଯାଇଥିଲା । ଚଢାଉ ସମୟରେ ନକଲି ବିଷାକ୍ତ ବିଦେଶିମଦ କାରବାରର ମୁଖ୍ୟ କାର୍ପଟଦାର ତଥା ଆନ୍ତଃଜିଲ୍ଲା ନକଲିମଦ ପ୍ରସ୍ତୁତକାରୀ ମାଫିଆଙ୍କ ସହିତ ସିଧାସଳଖ ଯୋଗାଯୋଗରେ ଥିବା ବ୍ୟକ୍ତି ଜଣକ ଫେରାର ହୋଇଯାଇଥିଲେ । ସେ ଗ୍ରାମର ଜଣେ ଆଦିବାସୀ ବ୍ୟକ୍ତିଙ୍କ ଘରେ ଲୁଚାଇ ରଖାଯାଇଥିବା ଓଡିଶାରେ ବିକ୍ରୟ ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ୨୭ପେଟି ଚୋରା ଦେଶିମଦ ସମେତ ୧୬ଲିଟର ପାଖାପାଖି ନକଲି ବିଷାକ୍ତ ବିଦେଶିମଦ ଜବତ କରାଯାଇଥିଲା ୨୭ଗୋଟି ପେଟି ଭିତରେ ୩୪୯ଟି ବୋତଲରେ ୨୬୧.୭୫୦ ଲିଟର ଚୋରା ବିଦେଶିମଦ ଥିବାବେଳେ ଆନୁମାନିକ ବଜାରମୂଲ୍ୟ ଲକ୍ଷାଧିକ ଟଙ୍କା ହେବାନେଇ ଆକଳନ କରାଯାଉଛି। ତେବେ ଆନ୍ତଃଜିଲ୍ଲା ନକଲି ବିଷାକ୍ତ ମଦମାଫିଆ ଏହି ବିପୁଳ ପରିମାଣର ମଦ ଗୁଡିକୁ ନିଜଘରେ ନରଖି ଗ୍ରାମର ଜନୈକ ଆଦିବାସୀ ବ୍ୟକ୍ତିଙ୍କ ଘରେ ଲୁଚାଇ ରଖୁଥିବାର ଦେଖିବାକୁ ମିଳିଛି । ଏହି ନକଲି ବିଷାକ୍ତମଦ ଓଡିଶାରେ ନିଷିଦ୍ଧ ଚୋରା ବିଦେଶିମଦ ବିକ୍ରିକରି ସାଧାରଣ ଲୋକଙ୍କ ଜୀବନ ସହିତ ଖେଳ ଖେଳି ଲକ୍ଷଲକ୍ଷ ଟଙ୍କା ମୁନାଫା କମେବାର ଯୋଜନାକୁ ବେତନଟୀ ଅବକାରୀ ବିଭାଗ ଫେଲ କରି ଦେଇଛି ।

## ଶିକ୍ଷକଙ୍କ ଘରୁ ଡକାୟତି ଘଟଣା : ଅନ୍ୟ ୭ ଅଭିଯୁକ୍ତ କୋର୍ଟ ଚାଲାଣ

# ନଗଦ ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାଗହଣା, ବିଭିନ୍ନ ମାରଣାସ୍ତ୍ର ଜବତ



ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଶିକ୍ଷକଙ୍କ ଘରୁ ୮ ଜଣିଆ ସଶସ୍ତ୍ର ଡକାୟତି ଗ୍ୟାଙ୍ଗ ଡକାୟତି କରିବା ଘଟଣାରେ ବୈଶିଙ୍ଗା ପୁଲିସକୁ ମିଳିଛି ବଡ଼ ସଫଳତା । ଘଟଣାର ୪୮ ଘଣ୍ଟା ମଧ୍ୟରେ ଧରାପଡ଼ିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ବୈଶିଙ୍ଗା ପୁଲିସ । ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ସାଙ୍ଗକୁ ବ୍ୟାପକ ପରିମାଣର ମାରଣାସ୍ତ୍ର ସହ ବାଇକ ଜବତ କରାଯାଇଛି । ମଙ୍ଗଳବାର ସନ୍ଧ୍ୟା ୭ଟାରେ ଖୁଣ୍ଟାପୁର ଗ୍ରାମର ସ୍ୱର୍ଗତଃ ଚିନ୍ତାମଣି ମିଶ୍ରଙ୍କ ପୁଅ ଶିକ୍ଷକ ଚିନ୍ମୟ କୁମାର ମିଶ୍ର(୫୯) ଘରେ ଏକୁଟିଆ ଥିଲେ । ଏହାର ସୁଯୋଗ ନେଇ ତାଙ୍କ ସାନପୁଅକୁ ଖୋଜିବା ସହ ମାଛ ଦାନା ନେବା ବାହାନାରେ ଘର ଭିତରକୁ ୮ ଜଣିଆ ସଶସ୍ତ୍ର ଡକାୟତି ଗ୍ୟାଙ୍ଗ ପଶିଥିଲେ । ତାଙ୍କର ମୁହଁ, ଗୋଡ଼ ଏବଂ ହାତକୁ ବାନ୍ଧି ମାଡ ମାରିବା ସହ ଘରେ ଥିବା ନଗଦ ଲକ୍ଷାଧିକ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନାଗହଣା ଡକାୟତି କରିଥିଲେ । କୌଶଳକ୍ରମେ ଗୁରୁତର ଆହତ ଶିକ୍ଷକ ଶ୍ରୀଯୁକ୍ତ ମିଶ୍ର ଚିତ୍କାର କରିବାରୁ ସମସ୍ତ ଅଭିଯୁକ୍ତ ବାଇକ ଯୋଗେ ପଳାଇଯାଉଥିବା ବେଳେ ସେହି ଗ୍ୟାଙ୍ଗର ଜଣେ ଅଭିଯୁକ୍ତକୁ ଗ୍ରାମବାସୀ ଧରି ନେଇ ତାକୁ ନିର୍ଦ୍ଧୁମ ଛେଚି ଥିଲେ । ଖବର ପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏବଂ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ ପହଞ୍ଚି ଉତ୍ୟକ୍ତ ଜନତାଙ୍କୁ ବୁଝାସୁଝା କରିବା ସହ ଧରାପଡିଥିବା ଅଭିଯୁକ୍ତ ବାଲେଶର ଜିଲ୍ଲା ଖନ୍ତାପଡ଼ା ଥାନା ଅଧୀନ ଚାନ୍ଦଟିକିରି ଗ୍ରାମର ତାପସ କୁମାର ଦାଶ (୨୨) କୁ ଗିରଫ କରିଥିଲେ । ଏହି ଘଟଣାକୁ ନେଇ ଗୁରୁତର ଶିକ୍ଷକଙ୍କ ପତ୍ନୀ ସୁଜାତା ରାଣୀ ପତି ପେଶାରେ ଜଣେ ଶିକ୍ଷୟତ୍ରୀ ଥିବା ବେଳେ ବୈଶିଙ୍ଗା ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ବୈଶିଙ୍ଗା ଥାନାରେ ୬୩/୨୬ନଂ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତ ତାପସକୁ କୋର୍ଟ ଚାଲାଣ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ବେତନଟୀ ଉପଖଣ୍ଡ ଅଧିକାରୀ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ତଦନ୍ତ ର ଭାର ବହନ କରି ସଦଳବଳେ ମୟୂରଭଞ୍ଜ ଏବଂ ବାଲେଶର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ବୁଧବାର ରାତି ସୁଦ୍ଧା ଅନ୍ୟ ୭ଜଣ ଅଭିଯୁକ୍ତକୁ ଗିରଫ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଭିନ୍ନ ଦଫା ମୂଳେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବାର ଜଣାଯାଇଛି ।ଚାଲାଣ ହୋଇଥିବା ଅନ୍ୟ ୭ ଜଣ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଅଧୀନ ଖୁଣ୍ଟାପୁର ଗ୍ରାମର ଲକ୍ଷ୍ମୀଧର ବେହେରା ଓରଫ ପପୁ(୨୮) , ଖୁଣ୍ଟାପୁର ଗ୍ରାମର ଜଗନ୍ନାଥ ସେଠୀ ଓରଫ ଟିକିଛୁଆ(୪୧) , ମହୁଲପାଟଣା ଗ୍ରାମର ଦେବଦତ୍ତ ଦାସ (୨୨) , ନୂଆଗାଁ ପୁରୁଣିଆ ଗ୍ରାମର ରଜନିକାନ୍ତ ମହାନ୍ତ ଓରଫ କାମୁଡ଼ା (୨୫) , ନୂଆଗାଁ ପୁରୁଣିଆ ଗ୍ରାମର ସୌମ୍ୟରଞ୍ଜନ ସିଂ ଓରଫ ଶାନ୍ତନୁ (୨୧) ,ବାଲେଶର ଜିଲ୍ଲା ରୂପସା ଥାନା ଅଧୀନ ପିଙ୍ଗୁଳାବଣିଆ ଗ୍ରାମର ରାଜୁ ସିଂ ଓରଫ ଫାଟାଲ (୨୧) ଏବଂ ପିଙ୍ଗୁଳାବଣିଆ ଗ୍ରାମର ଭଗବାନ ସିଂ ଓରଫ ବର୍ଣ୍ଣି (୨୧) ଗିରଫ ସମସ୍ତ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଅଛି କିଛି ଦିନ ପୂର୍ବରୁ ମାଣତ୍ରୀ ଅଞ୍ଚଳରେ ହୋଇଥିବା ଚୋରି ରେ ଏହି ଗ୍ୟାଙ୍ଗ ମଧ୍ୟ ସାମିଲ ଥିବାର ଜଣାଯାଇଛି ।ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଗୋଟିଏ ତେଲେଙ୍ଗା କଟୁରୀ , ଗୋଟିଏ ଭୁଜାଲି , ଗୋଟିଏ ଛୁରୀ , ଗୋଟିଏ ଲୁହା ରଡ଼ , ତିନୋଟି ସାଇକେଲ ଚେନ , ଦୁଇଟି ଲୁହା ମୁଖୀ , ଗୋଟିଏ ଖଣ୍ଡା ଜବତ କରାଯାଇଥିଲା । ଏହା ସହ ଗୋଟିଏ ଓଲା ସ୍କୁଟି , ଗୋଟିଏ ଏକ୍ଟିଭା ସ୍କୁଟି ଏବଂ ୮ଟି ମୋବାଇଲ ଜବତ କରିଥିଲେ । ସେମାନଙ୍କ ନିକଟରୁ ନଗଦ ୫୯୧୦ ଟଙ୍କା ସହ ପାଖାପାଖି ୨୫ ଲକ୍ଷ ଟଙ୍କାର ସୁନା ଏବଂ ରୁପା ଅଳଙ୍କାର ଜବତ କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି , ଖୁବ ଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ଏହିଘଟଣାର ସମ୍ପୂର୍ଣ୍ଣ ତଥ୍ୟକୁ ନେଇ ଗୁରୁବାର ବୈଶିଙ୍ଗା ଥାନାର ସମ୍ମିଳନୀ ଗୃହରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ବେତନଟୀ ପୁଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳ ଏବଂ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ଘଣ୍ଟିଆ ଭାରତ ବନ୍ଦଭଦ୍ରକରେ ଜୋରଦାର ପ୍ରଭାବ

ଭଦ୍ରକ,(ସବ୍ୟୁ): କନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଡାକରାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଭାରତ ବନ୍ଦ କରାଯାଇଛି। ଭଦ୍ରକ ସହରରେ ଏହାର ଜୋରଦାର ପ୍ରଭାବ ଦେଖିବାକୁ ମିଳିଛି। ଟ୍ରେଡ଼ ୟୁନିୟନ ନେତା ଓ କର୍ମୀ ମାନେ ପତାକା ଓ ବ୍ୟାନର ଧରି ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ ସହ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମ କୋଡ଼ ବାତିଲ କରିବା ସହ ଶ୍ରମିକ ମାନଙ୍କୁ ବୃତ୍ତିଗତ ସୁରକ୍ଷା ପ୍ରଦାନ, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ସମ୍ବିଧାନ ସୁରକ୍ଷା, ମନରେଗା ନାମ ପରିବର୍ତ୍ତନକୁ ବିରୋଧ ଆଦି ବିଭିନ୍ନ ଦାବି ପୂରଣ ପାଇଁ ଏହି ଏହି ଧର୍ମଘଟ କରାଯାଇଛି ବୋଲି ନେତୃବୃନ୍ଦ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ଟ୍ରେଡ଼ ୟୁନିୟନ ଏହି ବନ୍ଦରେ ସାମିଲ ହୋଇଥିବା ବେଳେ ଏଆଇସିସିଟିୟୁ ପକ୍ଷରୁ ଜିଲା ସମ୍ପାଦକ ସମର ବଳଙ୍କ ନେତୃତ୍ୱରେ୧୬ ନଂ ଜାତୀୟ ରାଜପଥକୁ କଲେଜ ରୋଡ଼ ଓଭରବ୍ରିଜ ନିକଟରେ ସକାଳ ୬ ଟାରୁ ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାର ଗାଡ଼ି ଅଟକି ରହିଥିଲା। ପ୍ରାୟ ଅପରାହ୍ନ ୨ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିପରି ଭଦ୍ରକ ସହର ବନ୍ତ ଛକ ନିକଟରେ ସିଟୁ ପକ୍ଷରୁ ପିକେଟିଂ କରି ଗାଡ଼ି ଚଳାଚଳ ବନ୍ଦ କରିବା ସହ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏହି ବନ୍ଦ ପାଳନକୁ ବିଜେଡ଼ି ଶମିକ ସାମ୍ମୁଖ୍ୟ ସମର୍ଥନ କରିଥିବା ବେଳେ ସାମ୍ମୁଖ୍ୟର ସଭାପତି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବନ୍ଦରେ ଯୋଗ ଦେଇଥିଲେ। ସହରରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ସରକାରୀ ଅଫିସ, ବ୍ୟାଙ୍କ, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ଦେଖାଯାଇଥିଲା। ବନ୍ଦ ପାଳନରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ରାଜ୍ୟ ସଭାନେତ୍ରୀ ଜୟନ୍ତୀ ବିଶ୍ୱାଳ, ଶ୍ରମିକ ନେତା ଚନ୍ଦ୍ର ଶେଖର ନାୟକ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ଶାନ୍ତିଲତା ନାୟକ, ନାରୀନେତ୍ରୀ ସୁରଜିତା ନାୟକ, ଶାନ୍ତିଲତା ରାଉତ, ପ୍ରଶାନ୍ତ ଶଙ୍ଖୁଆ, ଗାୟତ୍ରୀ ବେହେରା, ଗୋପୀ ମୋହନ ନାଥ, ଆରତୀ ଯେନା, ନବକିଶୋର ଦାସ, ରଞ୍ଜିତା ପଣ୍ଡା, ଅଜୟ ସେନାପତି, ଉତ୍ତମ ଗୋଚ୍ଛାୟତ, ଶୁଭେନ୍ଦୁ ମହାନ୍ତି, ରମେଶ ଜେନା, ରବି ସେଠୀଙ୍କ ସମେତ ବିଭିନ୍ନ ସଙ୍ଗଠନର ନେତା, ସମର୍ଥକ ମାନେ ସାମିଲ ହୋଇଥିଲେ।

# ରଣ ନସୁଝିବାରୁ ଦ୍ୱାରା ଘର ସିଲ କଲା ଫାଇନାନ୍ସ କମ୍ପାନୀ

ବାଲେଶ୍ୱର, (ସବ୍ୟୁ) :ରେମୁଣା ଥାନା ଖୁସାଲି ଗଞ୍ଜ ଗନିପୁର ଗ୍ରାମର ବାସିନ୍ଦା ବସନ୍ତ କୁମାର ପାତ୍ର ନିଜର ମା ଏଜେନ୍ସୀକୁ ସୁଚାରୁ ରୂପେ ଚଳାଇବା ନିମନ୍ତେ ଚୋଲାମଣ୍ଡଳମ୍ ଇନ୍‌ଭେଷ୍ଟମେ ଏଣ୍ଡ ଫାଇନାନ୍ସ କମ୍ପାନୀ ପାଖରୁ ୬୯ ଲକ୍ଷ ଟଙ୍କା ରଣ ନେଇଥିଲେ । ଶ୍ରୀ ପାତ୍ର ରଣ ନେବା ସମୟରେ ତାଙ୍କର ପତ୍ନୀ ପୁଷ୍ପଲତା ପାତ୍ରଙ୍କୁ ଗେରେଣ୍ଟର ଭାବେ ଦର୍ଶାଇଥିଲେ । ଧାର୍ଯ୍ୟ ସମୟ ମଧ୍ୟ ଶ୍ରୀ ପାତ୍ର ରଣ ଟଙ୍କା ପରିଶୋଧ କରିପାରି ନଥିଲେ । ପରବର୍ତ୍ତୀ ସମୟରେ ବସନ୍ତ ପାତ୍ରଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଫାଇନାନ୍ସ କମ୍ପାନୀ ପକ୍ଷରୁ ରଣ ଶୁଝିବା ନିମନ୍ତେ ପୁଷ୍ପଲତା ପାତ୍ରଙ୍କୁ ବାରମ୍ବାର ନୋଟିସ୍ ଦେଇ କୌଣସି ସୁଫଳ ନପାଇବାରୁ ଶେଷରେ ଘର ଦଖଲ ନିମନ୍ତେ ବାଲେଶ୍ୱର ସିଜେଏମ୍‌ଙ୍କ କୋର୍ଟରେ ଏକ ମାମଲା ରୁଜୁ କରିଥିଲେ ।କୋର୍ଟ ଫାଇନାନ୍ସ କମ୍ପାନୀ ସପକ୍ଷରେ ରାୟ ଦେବା ସହ ରଣ କରିଥିବା ବ୍ୟକ୍ତିଙ୍କ ଗୃହକୁ ଦଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଗୃହକର୍ତା ପୁଷ୍ପଲତା ପାତ୍ରଙ୍କୁ ବାରମ୍ବାର ନୋଟିସ୍ ଦିଆଯିବା ପରେ ମଧ୍ୟ ସେ ଘର ଖାଲି କରି ନଥିଲେ କି ରଣ ଟଙ୍କା ସୁଝି ନଥିଲେ । ଏବାବଦରେ କମ୍ପାନୀ ପକ୍ଷରୁ କୋର୍ଟଙ୍କ ନିର୍ଦ୍ଦେଶରେ ପୁଲିସ ପ୍ରଶାସନର ସହାୟତା ନିଆଯାଇଥିଲା । ପୁଲିସ ଉପସ୍ଥିତିରେ ଚୋଲା ମଣ୍ଡଳମର ଅଥରାଇଜ ଅଫିସର ତଥା ଲିଗାଲ ମେନେଜର ପିନାକୀ ଦତ, ମେନେଜର ବି ହରିକ୍ରିଷ୍ଣ, କମ୍ପାନୀ ପକ୍ଷରୁ ମମଲା ଲଢୁଥିବା ବାଲେଶ୍ୱର ଆଇନଜୀବୀ ସରୋଜ କୁମାର ମହାପାତ୍ର, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ, ଏଡଭୋକେଟ କମିଶନର ଜୟାନନ୍ଦ ମହାନ୍ତି, ରେମୁଣା ଥାନା ଆଇଆଇସି ବିମଳ କୁମାର ନାୟକ, ମେନେଜର ସୁମନ କୁମାର ଶତପଥିଙ୍କ ଉପସ୍ଥିତିରେ ଶ୍ରୀମତୀ ପାତ୍ରଙ୍କ ଘରକୁ ସିଲ କରାଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଗତ ୨୦୧୫ ମସିହା ସେପ୍ଟେମ୍ବର ମାସ ୨୪ତାରିଖ ଦିନ ବାଲେଶ୍ୱର ସିଜେଏମ୍ ମିଶ୍‌କେଶ ନମ୍ବର ୫୨/୨୦୨୫ର ବିଚାର କରି ଏହି ରାୟ ପ୍ରଦାନ କରିଥିଲେ ।

# ଆନନ୍ଦପୁର ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ବାର୍ଷିକ ଉତ୍ସବ



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ମହାବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ପ୍ରାଣୀବିଜ୍ଞାନ ବିଭାଗ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ ମୁଖ୍ୟ ଅତିଥି ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ,ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର,ପ୍ରଫୁଲ୍ଲ କୁମାର ପଣ୍ଡା,ଭାରତୀ ସାହୁ, ଓଜେଲ ପଟ୍ଟନାୟକ,ପୂର୍ଣ୍ଣ ନନ୍ଦ ପାର୍ଥସାରଥୀ ଶଙ୍ଖୁଆ,ମମତା ମିଶ୍ର,ତନୁ ଶ୍ରୀ ପଣ୍ଡା ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପାଢ଼ୀ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।ବିଭାଗ ର ମୁଖ୍ୟ ଅଧ୍ୟାପିକା ଅନିତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରୀତି ପା ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ସମ୍ପାଦିକା ଏଲିନା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।ବୁଲେଟିନ ଜୁନ କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତ କାର୍ଯ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦାରା ସାଂସ୍କୃତିକ କାର୍ଯ କ୍ରମ ପରିବେଷଣ କରାଯାଇଥିଲା ।

# ୧୨ ଘଣ୍ଟିଆ ଧର୍ମଘଟ ଯୋଗୁଁ ଅଖଚକ ବନ୍ଦ

କେନ୍ଦୁଝର,(ସବ୍ୟୁ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ଡାକରାରେ ୧୨ ଘଣ୍ଟିଆ ଧର୍ମଘଟ ଓ ହରତାଳ ପ୍ରଭାବ କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଛି । ଜିଲ୍ଲାପାଳ କାର୍ଯ୍ୟାଳୟ ଛକ ଓ ଗାନ୍ଧୀ ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା । ବିଭିନ୍ନ ସରକାରୀ କାର୍ଯ୍ୟାଳୟ,ପେଟ୍ରୋଲ ପମ୍ପ,ବ୍ୟାଙ୍କ,ସ୍କୁଲ,କଲେଜ,ଜିଲ୍ଲାପାଳ କାର୍ଯ୍ୟାଳୟ,ପରିବହନ ସେବା ଆଦି ବନ୍ଦ ଥିବାବେଳେ ରାସ୍ତାରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ବନ୍ଦ ପ୍ରଭାବରେ ଖଣି ଅଂଚଳରେ ମଧ୍ୟ ଖଣିଜ ପରିବହନ କାର୍ଯ୍ୟ ସଂପୂର୍ଣ୍ଣ ବନ୍ଦ ଥିବାବେଳେ ଶହ ଶହ ଟ୍ରକ ରାସ୍ତା କଡରେ ଛିଡା ହୋଇ ରହିଥିଲା । ଦୀର୍ଘଦିନ ଧରି ବିଭିନ୍ନ ସ୍କିମ ଯଥା ସମନ୍ୱିତଶିଶୁ ବିକାଶ ଯୋଜନାରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ,ସହାୟିକା,ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଆଶାକର୍ମୀ ଓ ବିଦ୍ୟାଳୟର ମଧ୍ୟାହ୍ନଭୋଜନ କାର୍ଯ୍ୟରେ ନିୟୋଜିତ ପାଚିକାଙ୍କୁ ସର୍ବନିମ୍ନ ମଜୁରୀ ଓ ସାମାଜିକ ନିରାପତ୍ତା ପ୍ରଦାନ କରାଯାଉନଥିବା କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ସେହିଭଳି ଖଣି ଅଂଚଳ ଶୁଆକାଟୀସ୍ଥିତ ଓଏମ୍ପି ଗନ୍ଧମାର୍ଦନ ଅଂଚଳରେ ଧର୍ମଘଟ ସଫଳ କରିବା ପାଇଁ ଏଆଇଟିୟୁସି କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ ଓ ରାସ୍ତାରୋକ କରିଥିଲେ । ଆମ୍ବୁଲାନ୍ସ,ପାଣି ଗାଡି,ଆଇନ ଶୃଙ୍ଖଳା ପାଇଁ ବ୍ୟବହୃତ ଗାଡି ଓ ଅନ୍ୟାନ୍ୟ ଜରୁରୀ ସେବାରେ ନିୟୋଜିତ ଗାଡି ବ୍ୟତୀତ ଅନ୍ୟ ସମସ୍ତ ପରିବହନ ଓ ଯାତାୟତ ଗାଡି ବନ୍ଦ ରହିବା ସହ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । କେନ୍ଦୁଝରରେ ଏଆଇଟିୟୁସି ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ରାଉତ ନେତୃତ୍ୱରେ ଶ୍ରୀହରି ଘଣା,ରାଜାରାମ ମୁଣ୍ଡା,ହୃଦାନନ୍ଦ ପାତ୍ର,ବିରଞ୍ଚି ଦେହୁରୀ,ମାର୍କଣ୍ଡ ଦେହୁରୀ,ଘାସିରାମ ମାଝୀ,ନିରଞ୍ଜନ ପଲେଇ,ଜିତେନ୍ଦ୍ର ପଣ୍ଡାଙ୍କ ସମେତ କଂଗ୍ରେସର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ,ସଦର ବ୍ଲକ ସଭାପତି ଉତ୍ତମ ସାହୁ,ଲଳିତ ମୋହନ ନାୟକ,ରଘୁନାଥ ପାତ୍ର,ଆଇନଜୀବୀ ଦଇତାରି ଆପଟ୍ଟ,ସିଆଇଟିୟୁର ଧରଣୀଧର ମହାନ୍ତ,ଭବାନୀ ଶଙ୍କର ମହାନ୍ତ,ଶାନ୍ତିଲତା ମହାନ୍ତ ପ୍ରମୁଖ ଧର୍ମଘଟରେ ଭାଗ ନେଇଥିଲେ ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଯୋଡ଼ା, (ସବ୍ୟୁ) :ଭିନ୍ନଦର୍ଶୀ ଓ ଭୂମିକା ଚକ୍ଷୁ ଡାକ୍ତରଖାନାଙ୍କ ମିଳିତ ଆନୁକୁଲ୍ୟରେ ବିଲେଇପଦା ଠାରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ ହୋଇଯାଇଛି। ଦେଓଝର, ବିରିକଳା, କଣ୍ଡରା, ଅଂସେଇକଳା, ଚମକପୁର ପଞ୍ଚାୟତ ରୁ ଆସିଥିବା ମୋଟ ୩୩ ଜଣ ଚକ୍ଷୁ ରୋଗୀଙ୍କ ଅତ୍ୟାଧୁନିକ ପଦ୍ଧତିରେ ଚକ୍ଷୁ ପରୀକ୍ଷା କରା ଯାଇଥିଲା। ସେଥି ମଧ୍ୟରୁ ୪ ଜଣଙ୍କୁ ମୋତିଆ ବିନ୍ଦୁ ଅପରେସନ ପାଇଁ କେନ୍ଦୁଝରକୁ ପଠାଯାଇଛି । ଏହି ଶିବିରଭିନ୍ନଦର୍ଶୀ ସ୍ୱେଚ୍ଛାସେବୀ ସଂଗଠନ ନିର୍ଦ୍ଦେଶକ ତ୍ରିଲୋଚନ ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

# ପୁଣି ୩ଜନ୍ତୁ ଅବଶେଷ ତସ୍କର ଗିରଫ

ନୀଳଗିରି,(ସବ୍ୟୁ):ଜଣେ ମହିଳାଙ୍କ ସମେତ ପୁଣି ୩ଜଣ ଜଙ୍ଗଲିଜନ୍ତୁ ଦେହାବଶେଷ ତସ୍କରଙ୍କୁ ଗିରଫକରି କୋର୍ଟଚାଲାଣ କରିଛି କୁଳଡିହା ବନବିଭାଗ। ସେମାନଙ୍କ ନିକଟରୁ ୫୦ଟି ବଜ୍ରକାପ୍ତା କାତି ସହିତ ତିନୋଟି ମୋବାଇଲ ଏବଂ ଦୁଇଟି ବାଇକ୍ ଜବତ କରାଯାଇଥିବା ସୂଚନା ମିଳିଛି। ବୁଧବାର ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କମଧ୍ୟରେ ଜଣେ ମହିଳା ତସ୍କର ଥିବାରୁ ମହିଳାଙ୍କ ସଂପୃକ୍ତିକୁ ନେଇ ସନ୍ଦେହ ଦେଖାଦେଇଛି। ଆଜି ସେମାନଙ୍କୁ ମାନ୍ୟବର ନୀଳଗିରି ଏସଡିଜେଏମ କୋର୍ଟରେ ହାଜର କରାଯାଇଥିବା ବେଳେ ଓ. ଆର ୧୭କେ ୨୦୨୫/୨୬କେସରେ ଆଜିସୁଦ୍ଧା ମୋଟ ୧୭ଜଣଙ୍କୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜାତୀୟ ରାଜପଥରେ ଦୁର୍ଘଟଣା, ଜଣେ ଗୁରୁତର

ଭଦ୍ରକ,(ସବ୍ୟୁ): ଧାମନଗର ଥାନା ଅଧିନସ୍ଥ ଜଳମଣ୍ଡୁଆ ପଞ୍ଚାୟତ ପଦି ନାରାୟଣପୁର ଗ୍ରାମର ବନମାଳୀ ଦାସ ଗୁରୁବାର ଅପରାହ୍ନ ସାଢ଼େ୨ଟାରେ ଏକ ହିରୋ ଏକ୍ସଟ୍ରିମ ବାଇକ ନେଇ ଧାମନଗର ଛକ ଓଭରବ୍ରିଜ ତଳେ ପଶି ରଙ୍ଗରୁଟର ଭଣ୍ଡାରିପୋଖରୀ ଆଡକୁ ଯାଉଥିବା ସମୟରେ କଟକରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ମାଲ ବୋଝେଇ ମିନି ଟ୍ରକ ସହିତ ମୁହାଁ ମୁହିଁ ଦୁର୍ଘଟଣା ଘଟିଥିଲା। ଯାହାଫଳରେ ବାଇକଟି ଟ୍ରକର ଆଗ ଚକା ତଳେ ପଶି ଯିବାରୁ ଚାଳକ ବନମାଳୀ ଦାସର ମଧ୍ୟ ଗାଡି ଚକା ତଳେ ରହି ଯାଇଥିଲେ। ଗାଡିଟିର ସମ୍ମୁଖ ଭାଗ ସମ୍ପୁର୍ଣ୍ଣ ଭାଙ୍ଗି ରୁଜି ଯାଇ ଥିବା ବେଳେ ଚାଳକଙ୍କ ଶରୀରରେ ଆଘାତଲାଗି ଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇ ଥିବା ଟ୍ରକଟି ଭଦ୍ରକ ଅଭିମୁଖେ ପଳାଇ ଯାଇଥିବା ସୂଚନା ମିଳିଛି।

# ଦୁଇ ବାଇକ୍ ମୁହାଁମୁହିଁ : ଦୁଇ ଗୁରୁତର

ଆଗରପଡ଼ା,(ସବ୍ୟୁ):ଆଗରପଡ଼ା-ବରପଦା ମୁଖ୍ୟ ରାସ୍ତାର ଆଗରପଡ଼ା ଥାନା ନିକଟରେ ଗୁରୁବାର ଦୁଇଟି ମୋଟର ସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ବ୍ୟକ୍ତିମାନେ ଆପ୍ତିରାଷଡ଼ଙ୍ଗୀର ମନ ରାଉତ (୪୫) ଏବଂ ଭଦ୍ରକ ଗ୍ରାମାଂଚଳ ଥାନା ଅନ୍ତର୍ଗତ କାଉପୁର ଗାଁର ରାଜକିଶୋର ଜେନା (୩୫) ବୋଲି ଜଣାପଡ଼ିଛି। ଖବରପାଇ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଘଟଣାସ୍ଥଳରେ ପହଂଚି ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲ ଦୁଇଟିକୁ ଜବତ କରି ଥାନାକୁ ଆଣିଥିବାର ସୂଚନା ମିଳିଛି।

# ବୟନ ତାଲିମ ଶିବିରରେ ଜିଲ୍ଲାପାଳ

ଆଗରପଡ଼ା,(ସବ୍ୟୁ):ବନ୍ତବ୍ଲକ ଗୋପୀନାଥପୁର ଠାରେ ଚାଲିଥିବା ମୌଳିକ ବୟନ ତାଲିମ ଶିବିରକୁ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ପରିଦର୍ଶନରେ ଆସି ତାଲିମାର୍ଥୀମାନଙ୍କ ସହିତ ବିଭିନ୍ନ ତାଲିମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହିତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ,ହସ୍ତତନ୍ତ ଓ ବୟନ ଶିଳ୍ପ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ପାଣିଗ୍ରାହୀ,ତାରିଣୀ ପ୍ରସାଦ ଛୋଟେଇ,ମାଣିକ ହେମ୍ବ୍ରମ,ବିଦ୍ୟୁତ୍ ଦାସ,ପ୍ରଶାନ୍ତ ଜେନା,ଶ୍ରୀଧର ପଣ୍ଡା,ଯୁବନେତା ଅମୂଲ୍ୟରନ୍ନ ନନ୍ଦ,ସ୍ୱେଚ୍ଛାସେବୀ ଗୋପୀନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ କାଳୀମାଟି ମା' ଗୃହ

ଯୋଡା , (ସବ୍ୟୁ): ଆଦିବାସୀ ଜନଜାତି ବହୁଳ କେନ୍ଦୁଝର ଜିଲ୍ଲାରେ ମା ଓ ଶିଶୁର ମୃତ୍ୟୁ ହାର ରୋକିବା ପାଇଁ ସରକାରଙ୍କ ତରଫରୁ ମା ଗୃହ କାର୍ଯ୍ୟକ୍ରମ ଏକ ଉଲ୍ଲେଖଯୋଗ୍ୟ କୃତି । କେନ୍ଦୁଝର ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଛଅ ଗୋଟି ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତତଫରୁ ଦଶ ଗୋଟି ମା ଗୃହ କାର୍ଯ୍ୟ କରୁଅଛି। ସନ୍ତାନ ପ୍ରସବ ନିମନ୍ତେ ଗର୍ଭବତୀ ମହିଳା ମାନଙ୍କ ପାଇଁ ମା ଗୃହ ଭଗବାନ ଙ୍କ ବରଦାନ ସଦୃଶ । କିନ୍ତୁ ଯୋଡ଼ା ବ୍ଲକ ଅନ୍ତର୍ଗତ କାଳିମାଟି ଠାରେ ଚାଲିଥିବା ମା ଗୃହ ଏହାର ବ୍ୟତିକ୍ରମ । କାଳୀମାଟି ମା ଗୃହର ପରିଚାଳନା ଅତ୍ୟନ୍ତ ନିମ୍ନ ମାନର । ଏହାର ମୁଖ୍ୟ କାରଣ ଏହି ମା ଗୃହର ପରିଚାଳନା ଦାୟିତ୍ୱ ସୁନ୍ଦରଗଡ଼ ଜିଲ୍ଲାର ସେବକ ନାମକ ଏକ ସଂସ୍ଥା କୁ ଦିଆ ଯାଇଛି । ୨୦୨୫ ମସିହା ଜୁନ ମାସ ଆରମ୍ଭରୁ ଏହି ମା ଗୃହ କୁ ସେବକ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୭ ମାସରୁ ଅଧିକ ଦିନ ହେବ ଏହି ମା ଗୃହ ପରିଚାଳନା ହେଲା ପରେ ମଧ୍ୟ ସେବକ ସଂସ୍ଥା ମୁଖ୍ୟ ପରିଚାଳକ ଥରେ ମାତ୍ର ବି କାଳିମାଟି ମା ଗୃହ ପରିଦର୍ଶନ ରେ ଆସିନାହାନ୍ତି କିମ୍ବା ସେବକ ସଂସ୍ଥା ର କୌଣସି କର୍ମଚାରୀ ଥରେ ମାତ୍ର ବି ମା ଗୃହ ପରିଚାଳନା ବିଷୟରେ ତଦାରଖ ବୈଠକ ବସାଇ ନାହାନ୍ତି। ସାତ ମାସ ମଧ୍ୟରେ କର୍ମୀ ମାନେ ଗୋଟିଏ ମାସର ଦରମା ପାଇନାହାନ୍ତି। ଖଣିଜ ପ୍ରତିଷ୍ଠାନ ତତଫରୁ ଚାଲିଥିବା ଅନ୍ୟ ମା ଗୃହ ଗୁଡିକରେ ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା ମାନେ ନିଜ ସଂସ୍ଥା ତତଫରୁ କର୍ମୀ ମାନଙ୍କୁ ଦରମା ପ୍ରଦାନ କରି ଆସୁଛନ୍ତି। କିନ୍ତୁ ସେବକ ସଂସ୍ଥା ଅନ୍ୟ ସଂସ୍ଥା ମାନଙ୍କ ପରି କର୍ମୀ ମାନଙ୍କୁ ସନ୍ତୁଷ୍ଟ କରି ପାରୁ ନାହିଁ। ଏଣୁ କାଳିମାଟି ମା ଗୃହ ଶୃଙ୍ଖଳିତ ଭାବେ ଚାଲି ପାରୁନାହିଁ। ଏହି ମା ଗୃହ ପରି ଏକ ପବିତ୍ର କାର୍ଯ୍ୟକ୍ରମକୁ ସେବକ ପରି ଅନୁଷ୍ଠାନ ହାତରେ ହସ୍ତାନ୍ତର କରିବା ମାଙ୍କଡ ହାତରେ ଶାଳଗ୍ରାମ ସଦୃଶ୍ୟ। ସ୍ୱାସ୍ଥ୍ୟ ବିଭାଗ ର ଏଥି ପ୍ରତି ଦୃଷ୍ଟି ପଡୁ ବୋଲି ଜନସାଧାରଣ ନିବେଦନ କରିଛନ୍ତି।

# ଇଣ୍ଡିଆନ ଆଇଡଲ୍ -୧୬ ଫାଇନାଲରେ ନୀଳଗିରି ଝିଅ ଜ୍ୟୋତିର୍ମୟୀ



ନୀଳଗିରି ,(ସବ୍ୟୁ)ସୋନିଟିଭି ରିଆଲଟି ସୋ ଇଣ୍ଡିଆନ ଆଇଡଲ୍ - ୧୬ର ଶେଷ ପର୍ଯ୍ୟାୟରେ ନୀଳଗିରି ମାଟିର ସୁନାଝିଅ ଜ୍ୟୋତିର୍ମୟୀ ନାୟକ। ନୀଳଗିରି ବ୍ଲକ୍ ଜଡିଦା ପଞ୍ଚାୟତ ବାଉଁଶନାଳ ଗ୍ରାମର ପିତା ଚକ୍ରଧର ନାୟକ ଓ ମାତା ଗୌରୀମଣି ନାୟକଙ୍କ ଏକମାତ୍ର ଝିଅ ଜ୍ୟୋତିର୍ମୟୀ। ପିଲାଟିବେଳୁ ସଙ୍ଗୀତ ପ୍ରତି ରୁଚିରଖିଥିବା ଜ୍ୟୋତିର୍ମୟୀ ଓଡ଼ିଆରେ ୧ହଜାରରୁ ଉର୍ଦ୍ଧ୍ୱ ଗୀତଗାଇଥିବା ବେଳେ କର୍କଟ ରୋଗରେ ପୀଡିତ ରୋଗୀଙ୍କପାଇଁ ମ୍ୟୁଜିକ ଥେରାପି ମାଧ୍ୟମରେ ଗୀତଗାଇ ଆନନ୍ଦପ୍ରଦାନ କରିଥାନ୍ତି। ତେବେ ଚଳିତ ଇଣ୍ଡିଆନ ଆଇଡଲ୍ -୧୬ରେ ଲଗାତାର ପ୍ରଭାବଶାଳୀ ପ୍ରଦର୍ଶନକରି ବିଚାରକଙ୍କ ପ୍ରଥମ ପସନ୍ଦ ହୋଇପାରିଛନ୍ତି। ତେବେ ପ୍ରଭୁ ଜଗନ୍ନାଥଙ୍କ ଅନନ୍ୟଭକ୍ତ ଜ୍ୟୋତିର୍ମୟୀ ଅନ୍ୟପ୍ରତିଯୋଗୀ କଣ୍ଠଶିଳ୍ପୀମାନଙ୍କ ତୁଳନାରେ ଚମତ୍କାର ପ୍ରଦର୍ଶନକରି ସର୍ବାଗ୍ରେ ରହିଥିବା ବେଳେ ଫାଇନାଲରେ ବିଜୟୀହୋଇ ବିଜୟମୁକୁଟ ପିନ୍ଧି ରାଜ୍ୟ, ଜିଲ୍ଲା ଏବଂ ଜନ୍ମମାଟି ନୀଳଗିରିପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଓଡ଼ିଶାର ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ହଜାରହଜାର ଓଡ଼ିଶାବାସୀ ଏବଂ ନୀଳଗିରିବାସୀ ଶୁଭେଚ୍ଛା ଜଣାଇଛନ୍ତି। ପରିବାରରେ ତାଙ୍କର ମଙ୍ଗଳକାମନା କରି ଅଖଣ୍ଡ ଦୀପଦାନ କରିଥିବା ପରିବାରବର୍ଗ ସୂଚନା ଦେଇଛନ୍ତି।

# ତିହିଡି ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ତିହିଡି,(ସବ୍ୟୁ): ତିହିଡ଼ି ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ତିହିଡ଼ି ମାଟିର ବରପୁତ୍ର, ପୂର୍ବତନ ବିଧାୟକ ତଥା ଘାସଫୁଲ ପ୍ରତିଷ୍ଠାତା ସ୍ୱର୍ଗତ ବିଷ୍ଣୁ ସେଠୀ ମଞ୍ଚରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ତିହିଡି ମାଟିର ପୁଅ ବିଶିଷ୍ଟ ଗୀତିକାର ଡଃ ପଞ୍ଚାନନ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଅବସରରେ ମହୋତ୍ସବ କମିଟି ତରଫରୁ ବିଶିଷ୍ଟ ବିପ୍ଳବ ରଞ୍ଜନ ପତି , କବି ଗୋଲକ ପ୍ରସାଦ ବୈୟାରୀ , ରଙ୍ଗ ପ୍ରକାଶନୀର ସ୍ୱତ୍ୱାଧିକାରୀରାଜେଶ କୁମାର ସେଠୀ, ମା ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ବିକାଶ ରଞ୍ଜନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଆକର୍ଷଣ ଥିଲା ଡଃ ପଞ୍ଚାନନ ନାଇଟ ରେ ସଂଚାଳକ ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ଓଡିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କର ମନଛୁଆଁ ସଂଗୀତ ଓ ନୃତ୍ୟ । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ବଲାଙ୍ଗୀର କଳାକାର ମାନଙ୍କ ଦ୍ୱାରା ଡାଲଖାଇ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଏଥିସହ ଅମୂଲ୍ୟ ସେନାପତି,ବିସ୍ମୟ ବିହାରୀ ସାହୁ ଏବଂ ଯଯାତି କେଶରୀ ଦାସଙ୍କ ସଂଚାଳନରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଡ୍ୟାନ୍ସ ଗ୍ରୁପର ପିଲାମାନେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଉପସଭାପତି ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନ କରିଥିବା ବେଳେ ବିଶ୍ୱଜିତ୍ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।


# ବିଶିଷ୍ଟ ଗାନ୍ଧିବାଦୀ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କ ଜୟନ୍ତୀ ଉତ୍ସବ




ବାଲେଶ୍ୱର, (ସବ୍ୟୁ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ଶତାୟୁପୁରୁଷ ବରେଣ୍ୟ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟର ବ୍ୟାସବିହାର କ୍ୟାମ୍ପସରେ ପାଳିତ ହୋଇଯାଇଛି।ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାଧାରଣ ସଭାରେ ଫକୀରମୋହନ ସାହିତ୍ୟ ପରିଷଦ ଓ ବାଲେଶ୍ୱରର ବିଭିନ୍ନ ସାହିତ୍ୟାନୁଷ୍ଠାନର ସାହିତତ୍ୟିକ ଓ ଲେଖକମଣ୍ଡଳୀ ଉପସ୍ଥିତ ଥିଲେ। ସଭାର ଉଦ୍ଦେଶ୍ୟ କଥନ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ ପ୍ରଫେସର ଦେବାଶିଷ ପାତ୍ର କରିଥିଲେ। ସଭାପତିୟ ଅଭିଭାଷଣରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କୁ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଉଲ୍ଲେଖ କରି ତାଙ୍କର ୩୧ ବର୍ଷର ଅଦମ୍ୟ ସଂକଳ୍ପ, ଉଦ୍ୟମ ଓ ପ୍ରଚେଷ୍ଟାକୁ ସ୍ମରଣ କରି କୃତଜ୍ଞତା ଜଣାଇଥିଲେ। ସମ୍ମାନୀତ ଅତିଥି ଡ଼କ୍ଟର ଶିରୀଶ ଚନ୍ଦ୍ର ଜେନା ତାଙ୍କ ଉଦ୍‌ବୋଧନରେ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କୁ ଓଡ଼ିଶା ତଥା ବାଲେଶ୍ୱର ମାଟିର ଜଣେ ସୁଯୋଗ୍ୟ ଓ ଦାୟଦ ପୁତ୍ର ଭାବେ ସ୍ମରଣ କରିଥିଲେ। ସାଧନାକୁ ଉଲ୍ଲେଖ କରି ତାଙ୍କୁ ଆଦର୍ଶ ପ୍ରତିଷ୍ଠାତା ଭାବେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଉଦୟ ନାରାୟଣ ଦାସ ତାଙ୍କ ସ୍ୱରଚିତ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କ ଆତ୍ମଜୀବନୀରୁ କିଛି ଶିକ୍ଷଣୀୟ ଅନୁଭୂତି ବାଣ୍ଟିଥିଲେ। ହି ଅବସରରେ ସେ ରଚିତ ପୁସ୍ତକ ଶତାବ୍ଦୀ ପୁରୁଷ କୁଳପତିଙ୍କୁ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ସୁବାସ ଚନ୍ଦ୍ର ପାତ୍ର ଉପସ୍ଥିତ ହୋଇ ଡ଼କ୍ଟର ରବୀନ୍ଦ୍ରମୋହନଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ବିଭିନ୍ନ ପର୍ଯ୍ୟାୟ ଉନ୍ମୋଚନ କରିଥିବା ସହ ତାଙ୍କ ସହ ନିଜର ମୂଲ୍ୟବାନ ସ୍ମୃତିଚାରଣ କରିଥିଲେ। ପ୍ରାତଃକାଳରେ ବିଶ୍ୱବିଦ୍ୟାଳୟର ପୁରାତନ ପରିସରସ୍ଥ ଡ଼କ୍ଟର ରବୀନ୍ଦ୍ରମୋହନ ଦାସଙ୍କ ପ୍ରତିମୂର୍ତ୍ତିରେ କୁଳପତି ମାଲ୍ୟାର୍ପଣ କରିଥିଲେ। ଏହାପରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ ପୁଷ୍ପାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶେଷରେ ସହାୟକ ଅଧାପକ ଡ଼କ୍ଟର ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱରରେ ବନ୍ଦ ପାଳନ ସମ୍ପୂର୍ଣ୍ଣ ସଫଳ



ବାଲେଶ୍ୱର,(ସବ୍ୟୁ): ବିଭିନ୍ନ ଟ୍ରେଡ୍ ୟୁନିଅନ୍, ସ୍ୱାଧୀନ ଫେଡେରେସନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ୧୨ ଘଣ୍ଟିଆ ବନ୍ଦ ଡାକରାକୁ ବାଲେଶ୍ୱରବାସୀ ବନ୍ଦକୁ ସଫଳ କରିଥିବାରୁ ମିଳିତ ଟ୍ରେଡ୍ ୟୁନିଅନ୍ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ବିଜେନଇ , କଂଗ୍ରେସ ତରଫରୁ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଗୁରୁବାର ଦିନଏହି ବନ୍ଦ ପାଳନରେ ବନ୍ଦବେଳେ ପୂର୍ବତନ ବିଧାୟକ ସ୍ୱରୂପ ଦାସ ,ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଂଜନ ବାଗ,ଉପାଧ୍ୟକ୍ଷ କୈଳାସ ସେଠୀ,ପୂର୍ବତନ ଉପ ନଗରପାଳ ମନୋଜ ରାଉତ,ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ଧିରେନ ନାୟକ,ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ବିଜେଡି ଟାଉନ ମହିଳା ସଭାପତି ମୀନା ମହାନ୍ତି, କାଉନସିଲର ସଂଧ୍ୟାରାଣୀ ଜେନା,ସବିତାରାଣୀ ଦାସ,ଶଶିରେଖା ମହାନ୍ତି,ସେକ ଆୟୁବ,କାର୍ତିକ ସାହୁ,ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ,ସଂଜୟ ବେହେରା,ଅଶୋକ ଆଢ୍ୟ,ସେକ ଅନସର,ଅତୁଲ ଶତପଥୀ,ସୁନିଆ ମୁମୁ,ଶ୍ରମିକ ନେତା ଅର୍ଭିଜତ ଦାସ,ଶାନ୍ତନୁ ଦାସ,ଛାତ୍ର ନେତା ବିଭୁଦତ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସି.ପି.ଆଇ. ବାଲେଶ୍ୱର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ଏବଂ ଜୟନ୍ତ ଦାସ, ସି.ପି.ଆଇ(ଏମ୍), ବାଲେଶ୍ୱର ଜିଲ୍ଲା ସଂପାଦକ ଶିଶିର ହୁଇ, କଂଗ୍ରେସ୍ ନେତା ଅରୁଣ ଜେନା, ସଂଜୀବ ଗିରି, ଦେବଦତ ଦାସ, ଆଶିଷ ପଟ୍ଟନାୟକ,ସରୋଜ ଲେଙ୍କା ,ଫରୱାର୍ଡ଼ ବ୍ଲକ ନେତା ବର୍ଦ୍ଦେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟଙ୍କ ସମେତ ଏ.ଆଇ.ଟି.ୟୁ.ସି. ନେତା ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲାଓ ନେତା ସୁବ୍ରତ ବାରିକ, କ୍ଷେତ ମଜଦୁର ୟୁନିଅନ୍‌ର ରାଜ୍ୟ ସଂପାଦକ ନିର୍ମଳ ନାଏକ ପ୍ରମୁଖ ଏହି ବନ୍ଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ଅରୁଣ ଜେନା, ପ୍ରଦୀପ ସ, ଆଇ.ଏନ୍.ଟି.ୟୁ.ସି ନେତ୍ରୀ ବାସନ୍ତୀ ସାମଲ, ଶରତ ସାହୁ, ପ୍ରଦୀପ ସ ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏନ୍.ଏ.ପି.ଏମ୍.ର ଜିଲ୍ଲା ଆବାହକ ମନୋଜ ନାଏକ ଫାଣ୍ଡି ଛକ ଏବଂ କଚେରୀ ସାମନାରେ ପିକେଟିଂ କରିବା ସହ ବନ୍ଦ ସଫଳ କରିବା ପାଇଁ ନିବେଦନ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୨/୩୫)

ସାଂଖ୍ୟଯୋଗଃ

ଶ୍ରୀଭଗବାନୁବାଚ

ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।
ଯେଷାଞ୍ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ।। ୩୫ ।।

ମହାରଥୀମାନେ ' ତୁମେ ଭୟରେ ଯୁଦ୍ଧରୁ ନିବୃତ୍ତ ହେଲ' ବୋଲି ମନେ କରିବେ, ଆଉ ତୁମେ ଯେଉଁମାନଙ୍କର ଆଦରଣୀୟ ହୋଇଥିଲ, ସେମାନଙ୍କ ନିକଟରେ ସାମାନ୍ୟ ଲୋକ ବୋଲି ଗଣ୍ୟ ହେବ ।। ୩୫ ।।

# 'ବନ୍ଦେ ମାତରମ'କୁ ପ୍ରକୃତ ମର୍ଯ୍ୟାଦା

ବିଳମ୍ବରେ ହେଲେ ମଧ୍ୟ ସ୍ୱର୍ଗୀୟ ବଙ୍କିମଚନ୍ଦ୍ର ଚାଟାର୍ଜୀଙ୍କଦ୍ୱାରା ରଚିତ 'ବନ୍ଦେ ମାତରମ' ଗୀତଟିକୁ ଭାରତ ସରକାର ଉଚିତ ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଗୀତ ଲେଖିବାର ୧୫୦ ବର୍ଷ ପରେ ଏପରି ମର୍ଯ୍ୟାଦା ଯୋଗୁଁ ଆମେମାନେ ଗୌରବାନ୍ୱିତ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଭାରତରେ ଏପରି ସଙ୍ଗୀତ ଗାନ କରାଯିବାକୁ ନିୟମାବଳି ପ୍ରସ୍ତୁତ କରିଛନ୍ତି କେନ୍ଦ୍ର ମୋଦି ସରକାର, ଗତ ଫେବୃଆରୀ ୧୧ ତାରିଖ (୨୦୨୬)ରେ । ଯେକୌଣସି ସରକାରୀ କାର୍ଯ୍ୟକ୍ରମରେ ବା ସ୍କୁଲମାନଙ୍କରେ ରବୀନ୍ଦ୍ର ନାଥ ଠାକୁରଙ୍କ ରଚିତ 'ଜନଗଣ ମନ' ସଙ୍ଗୀତ ଗାନ ପୂର୍ବରୁ 'ବନ୍ଦେ ମାତରମ' ଗାନ କରାଯିବ । ଯଦିଓ 'ଜନଗଣମନ' ଆମର ଜାତୀୟ ସଙ୍ଗୀତ, 'ବନ୍ଦେ ମାତରମ' ମଧ୍ୟ ଆମର ଜାତୀୟ ଗାନ । ଉଭୟଙ୍କୁ ଆମ ସମ୍ବିଧାନରେ ସମାନ ମର୍ଯ୍ୟାଦା ଦିଆଯାଇଛି ।

ସେଦିନ ଅର୍ଥାତ୍ ୧୮୯୬ରେ କୋଲକାତାର କଂଗ୍ରେସ ଅଧିବେଶନ ସମୟରେ ରବୀନ୍ଦ୍ରନାଥ ଠାକୁର ଆନୁଷ୍ଠାନିକ ଭାବେ ପ୍ରଥମେ ଏହି 'ବନ୍ଦେ ମାତରମ' ଗୀତଟି ଗାନ କରିଥିଲେ । ୧୯୫୦ ମସିହାରେ ସମ୍ବିଧାନ ସଭାରେ ଏ ଉଭୟ ଗୀତକୁ ଜାତୀୟ ମର୍ଯ୍ୟାଦା ଦେଇ ପ୍ରସ୍ତାବ ଗୃହୀତ ହୋଇଥିଲା । ଭାରତର ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଓ ସ୍ୱାଧୀନତାପ୍ରେମୀଙ୍କୁ ଏହି 'ବନ୍ଦେ ମାତରମ' ଗୀତଟି ବେଶ ଉଦ୍‌ବୁଦ୍ଧ କରି ପାରିଥିଲା ।

ପ୍ରକୃତରେ ରାଜନୀତିକ ଧ୍ୱନି ଭାବରେ ୧୯୦୫, ଅଗଷ୍ଟ ୭ରୁ ଏହି ଗୀତଟିକୁ ଭାରତୀୟମାନେ ବ୍ୟବହାର କରି ଆସୁଥିଲେ । ପରବର୍ତ୍ତୀ ଅବସ୍ଥାରେ ବଙ୍କିମଚନ୍ଦ୍ର ତାଙ୍କ ରଚିତ 'ଆନନ୍ଦ ମଠ' ଉପନ୍ୟାସରେ (୧୮୮୨) ଏହି ଗୀତଟିକୁ ସଂଯୁକ୍ତ କରିଥିଲେ ।

ଗତ ନଭେମ୍ବର ୭ (୨୦୨୫) ଏହି ଜାତୀୟ ଗାନର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ କେନ୍ଦ୍ରର ମୋଦି ସରକାର ବର୍ଷ ସାରା ପାଳନ କରିବା ପାଇଁ ଯେଉଁ ତତ୍ପରତା ପ୍ରଦର୍ଶନ କରିଛନ୍ତି, ତାହା ପ୍ରଶଂସନୀୟ, ଏଥିରେ ସନ୍ଦେହ ନାହିଁ । ଏପରି ଏକ ଶକ୍ତିଶାଳୀ ଗୀତ ଇତିହାସ ପୃଷ୍ଠାରେ ଲୁଚିଛପି ରହି ଯାଇଥିଲା । ବେଳେ ବେଳେ ଏହି ଗୀତଟି ଗାନ କରାଯାଉଥିଲା ଏବଂ ନୃତ୍ୟନାଟିକା ପ୍ରଭୃତିରେ ବ୍ୟବହାର ମଧ୍ୟ କରାଯାଇଥିଲା । ବଙ୍ଗାଳୀମାନେ ନିଜ ରାଜ୍ୟ ପଶ୍ଚିମବଙ୍ଗ ଓ ଭାରତ ଶାସନରେ ପ୍ରସିଦ୍ଧି ଲାଭ କରିଥିଲେ ମଧ୍ୟ ଏହି ଗୀତଟିର ମର୍ଯ୍ୟାଦା ରକ୍ଷା ପାଇଁ ସେପରି ଯତ୍ନବାନ ହୋଇ ନଥିଲେ । ଅତୀତରେ କବିବର ରାଧାନାଥ ରାୟ ଓଡ଼ିଆ ଭାଷାରେ ନ ଲେଖି ସଂସ୍କୃତରେ ଅବଶ୍ୟ ଭାରତ ମାତାର ବନ୍ଦନା 'ସର୍ବେଷାଂ ନ ଜନନୀ ଭାରତ' ଲେଖିଥିଲେ । ହୁଏତ ସେ ସଙ୍ଗୀତଟି ଭାରତ ସରକାରଙ୍କ ଦୃଷ୍ଟିରେ ପଡ଼ି ନଥିଲା । ଓଡ଼ିଶାରେ ରାଜ୍ୟପାଳ ଥିବା ବିଶ୍ୱମ୍ଭର ନାଥ ପାଣ୍ଡେ (ଏବେ ସ୍ୱର୍ଗରେ) ଥରେ ତାଙ୍କ ଭାଷଣରେ କହୁଥିଲେ ଯେ ନେହରୁ କିମ୍ବା ଅନ୍ୟାନ୍ୟ ନେତାମାନେ ଜଣେ ଓଡ଼ିଆ କବିଙ୍କର ଏପରି ଶକ୍ତିଶାଳୀ 'ଭାରତ ଗୀତିକା' ଅଛି ବୋଲି ସମ୍ଭବତଃ ଜାଣି ପାରି ନଥିଲେ । ନଚେତ୍ ଏହି ସଙ୍ଗୀତଟି ଭାରତର 'ରାଷ୍ଟ୍ରୀୟ ସଙ୍ଗୀତ'ର ମର୍ଯ୍ୟାଦା ଲାଭ କରି ପାରିଥା'ନ୍ତା । ଅଥଚ ସ୍ୱର୍ଗୀୟ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଉପ ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ସମୟରେ କବିବର ରାଧାନାଥ ରାୟଙ୍କର ଏହି ସଙ୍ଗୀତ ସମେତ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତଟି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ପ୍ରାୟ ବୋଲା ଯାଉଥିଲା । ଦୁଃଖର କଥା, 'ସର୍ବାଷାଂ ଜନନୀ ଭାରତ' ସଙ୍ଗୀତଟି ଆଉ ବୋଲା ଯାଉ ନାହିଁ ଏବେ । ସେ ଗୀତଟି ମଧ୍ୟ ବେଶ୍ ପ୍ରେରଣାଦାୟକ । ବୁଝି ନ ହେଲେ ମଧ୍ୟ ସେ ଗୀତଟି ଶୁଣିବାକୁ ଭଲ ଲାଗେ । ବଙ୍କିମଚନ୍ଦ୍ରଙ୍କର 'ବନ୍ଦେ ମାତରମ'ରେ ସଂସ୍କୃତ ଭାଷାର ପ୍ରଭାବ ମଧ୍ୟ ଜଣାପଡ଼େ । 'ବନ୍ଦେ ଉତ୍କଳ ଜନନୀ'ରେ ସଂସ୍କୃତ ଭାଷାର ପ୍ରଭାବ ମଧ୍ୟ ବାରି ହୋଇପଡ଼େ– ମାତ୍ର ଶୁଦ୍ଧ ଓଡ଼ିଆ ଭାଷାରେ ତାହା ଅତି ଚମତ୍କାର, ପ୍ରେରଣାଦାୟକ ଓ ମର୍ମସ୍ପର୍ଶୀ ସଙ୍ଗୀତ ଭାବେ ମର୍ଯ୍ୟାଦିତ, ଓଡ଼ିଆ ଲୋକମାନଙ୍କଦ୍ୱାରା ।

**କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ଯେ 'ବନ୍ଦେ ମାତରମ'ର ଛଅଟି ଯାକ ପଦ 'ଜନଗଣମନ ଅଧିନାୟକ' ସଙ୍ଗୀତ ବୋଲାଯିବା ପୂର୍ବରୁ ଗାନ କରାଯିବ ଏବଂ 'ବନ୍ଦେ ମାତରମ' ଗାନ କଲାବେଳେ ସମସ୍ତେ ସାବଧାନ ମୁଦ୍ରାରେ ଦଣ୍ଡାୟମାନ ହେବେ । ଏହା ବାଧ୍ୟତାମୂଳକ । ପ୍ରଥମେ ଜାତୀୟ ଗୀତ 'ବନ୍ଦେ ମାତରମ' ଓ ପରେ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ' ବୋଲାଯିବ ।**

କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ଯେ 'ବନ୍ଦେ ମାତରମ'ର ଛଅଟି ଯାକ ପଦ 'ଜନଗଣମନ ଅଧିନାୟକ' ସଙ୍ଗୀତ ବୋଲାଯିବା ପୂର୍ବରୁ ଗାନ କରାଯିବ ଏବଂ 'ବନ୍ଦେ ମାତରମ' ଗାନ କଲାବେଳେ ସମସ୍ତେ ସାବଧାନ ମୁଦ୍ରାରେ ଦଣ୍ଡାୟମାନ ହେବେ । ଏହା ବାଧ୍ୟତାମୂଳକ । ପ୍ରଥମେ ଜାତୀୟ ଗୀତ 'ବନ୍ଦେ ମାତରମ' ଓ ପରେ ଜାତୀୟ ସଙ୍ଗୀତ 'ଜନଗଣମନ ଅଧିନାୟକ' ବୋଲାଯିବ । ସମସ୍ତ ସ୍କୁଲରେ ଏହା ସାମୂହିକ ଭାବେ ଗାନ କରାଯିବାକୁ କୁହାଯାଇଛି । ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ବା ଡକ୍ୟୁମେଣ୍ଟାରୀ ବା ରିଲ ପ୍ରଦର୍ଶନବେଳେ ଏହି ଗୀତଟି ବୋଲା ଯାଉଥିବାବେଳେ ଦଣ୍ଡାୟମାନ ହେବା ବାଧ୍ୟତାମୂଳକ ନୁହେଁ । ଏହି ଗୀତଟି ସମ୍ପୂର୍ଣ୍ଣ ଭାବେ ବୋଲା ଯିବା ପରେ ୩ ମିନିଟ ୧୦ ସେକେଣ୍ଡ ଅବଧି ମଧ୍ୟରେ ଏହା ନ ସରିଲେ, ବାଦ ପଡ଼ିଥିବା ଛନ୍ଦକୁ ଏଥିରେ ସାମିଲ କରାଯିବ ବୋଲି ସୂଚନା ମିଳିଛି ।

ସେ ଯାହା ହେଉ, ଏହି 'ବନ୍ଦେ ମାତରମ' ରଚନାର ୧୫୦ ବର୍ଷ ପୂର୍ତ୍ତି ପରେ ଏହି ସଙ୍ଗୀତଟି ଉପଯୁକ୍ତ ମର୍ଯ୍ୟାଦା ପାଇ ପାରିଛି ବୋଲି ମନେ ହୋଇଥାଏ । ଗତ ଡିସେମ୍ବରରେ ସଂସଦରେ ଏହି ଗୀତଟି ଉପରେ ଚର୍ଚ୍ଚା ଚାଲିଥିଲା । ଏହି ଚର୍ଚ୍ଚା ଉପରେ ଉତ୍ତର ରଖି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଥିଲେ ଯେ କଂଗ୍ରେସ ଓ ନେହରୁ ଏହି ଗୀତଟିକୁ ମାତ୍ର ଦୁଇ ପଦ ରଖି ଏହାକୁ ବିକୃତ କରିଥିଲେ । ମୁସଲିମ ଲିଗ୍ ଚାପରୁ ନେହରୁ ଏପରି କହିଥିଲେ ବୋଲି ଅଭିଯୋଗ କରି, ଏ ସଂପର୍କରେ ସେ ବିଗତ ଅକ୍ଟୋବର ୧୯୩୭ରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କୁ ନେହରୁ ଲେଖିଥିବା ଏକ ଚିଠିର ଦୃଷ୍ଟାନ୍ତ ଦେଇଥିଲେ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ମୁସଲମାନମାନଙ୍କୁ ଅସନ୍ତୁଷ୍ଟ ନ କରିବା ଲାଗି ସଙ୍ଗୀତର ଅବଶିଷ୍ଟ ପଦଗୁଡ଼ିକ ନେହରୁ ବାଦ ଦେଇଥିଲେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଗତିଶୀଳ ଭାରତ ପାଇଁ ଏକ ବଜେଟ୍ : ବିକଶିତ ଭାରତର ବିକାଶ ଇଞ୍ଜିନ୍ ରୂପେ ବୟନ ଶିଳ୍ପ



ଗିରିରାଜ ସିଂହ
କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ

ବିକଶିତ ଭାରତ ବଜେଟ୍ ୨୦୨୬-୨୭ ବିଶ୍ୱ ଅସ୍ଥିରତା ସମୟରେ ଆତ୍ମବିଶ୍ୱାସ, ଦୃଢ଼ସଂକଳ୍ପ ଏବଂ ଏକ ସ୍ପଷ୍ଟ ସଂସ୍କାର ଆଧାରିତ ଢାଞ୍ଚାର ବାର୍ତ୍ତା ଦେଉଛି । ଭାରତ ଆଜି ବିଶ୍ୱର ଚତୁର୍ଥ ବୃହତ୍ତମ ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା ଭାବରେ ଦଣ୍ଡାୟମାନ ହୋଇଛି। ଏଥିସହିତ ନିକଟ ଭବିଷ୍ୟତରେ ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଦୃଢ଼ ଭାବରେ ଅଗ୍ରସର ହେଉଛି। ୪.୫ ଟ୍ରିଲିୟନ ଡଲାର ମୂଲ୍ୟର ଅର୍ଥବ୍ୟବସ୍ଥା, ୭.୨ ପ୍ରତିଶତ ଜିଡିପି ଅଭିବୃଦ୍ଧି ଆକଳନ, ବିଦେଶୀ ପୁଞ୍ଜି ପ୍ରବାହ ୭୫୦ ବିଲିୟନ ଡଲାରକୁ ଅତିକ୍ରମ କରିବା ଏବଂ ପୁଞ୍ଜି ବ୍ୟୟ ୨୦୧୪ରେ ୧.୯ ଲକ୍ଷ କୋଟି ଟଙ୍କାରୁ ୬ ଗୁଣରୁ ଅଧିକ ବୃଦ୍ଧି ପାଇ ୨୦୨୬ରେ ୧୨.୨୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବା ଦେଶର ଦୃଢ଼ତାକୁ ପ୍ରଦର୍ଶନ କରୁଛି । ଚଳିତ ବଜେଟ୍ ଭିତ୍ତିଭୂମି ଆଧାରିତ ଅଭିବୃଦ୍ଧିକୁ ଦୃଢ଼ ଭାବରେ ଆଗେଇ ନେବ । ଏହା ଭାରତର ଅଭିବୃଦ୍ଧି ପଥ ଉପରେ ସାମଗ୍ରିକ ଆର୍ଥିକ ସ୍ଥିରତା ଏବଂ ବିଶ୍ୱର ନିରନ୍ତର ବିଶ୍ୱାସ ଉଭୟ ଉପରେ ଗୁରୁତ୍ୱାରୋପ କରେ। ମୁଖ୍ୟ ସଂଖ୍ୟା ବ୍ୟତୀତ, ବଜେଟ୍ ଶ୍ରମ-ସଘନ ଉତ୍ପାଦନ ମାଧ୍ୟମରେ ସମାବେଶୀ ବିକାଶ ଏବଂ ବୃହତ ପରିମାଣର ନିଯୁକ୍ତି ସୃଷ୍ଟି ଉପରେ କେନ୍ଦ୍ରିତ ଏକ ସ୍ପଷ୍ଟ ରଣନୀତିକ ଦିଗ ନିର୍ଦ୍ଧାରଣ କରିଛି । ବୟନଶିଳ୍ପ କ୍ଷେତ୍ରକୁ ଏହାର ଆଧାର ଭାବେ ରଖାଯାଇଛି ।

**ପାରମ୍ପରିକ ସାମର୍ଥ୍ୟରୁ ରଣନୀତିକ ଲାଭ – ବିକଶିତ ଭାରତର ବିକାଶ ଇଞ୍ଜିନ୍ ରୂପେ ବୟନଶିଳ୍ପ**

ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ରଣନୀତିକ ନେତୃତ୍ୱରେ, ଗତ ବର୍ଷ ଦେଶର ବୟନ ଶିଳ୍ପ କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୋଡ଼ ଆଣିଥିଲା। ୧୮ଟି ଏଫଟିଏ ମାଧ୍ୟମରେ, ଭାରତ ଏବେ ୮୦୦ ବିଲିୟନ ଡଲାରର ବିଶ୍ୱ ଆମଦାନୀ ବଜାର ମଧ୍ୟରେ ପ୍ରାୟ ୪୬୬ ବିଲିୟନ ଡଲାର ମୂଲ୍ୟର ବୟନ ଶିଳ୍ପ ବଜାରକୁ ଅଗ୍ରାଧିକାର ପ୍ରବେଶ ପାଇଛି। ୧୧୦ ବିଲିୟନ ଡଲାରର ଆମେରିକୀୟ ବଜାରକୁ ସଦ୍ୟତମ ପ୍ରବେଶ ଦ୍ୱାରା ଏହି ବଜାର ସୁବିଧା ଆହୁରି ବିସ୍ତାର କରାଯାଇଛି। ନିକଟରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିର ଘୋଷଣା ଗତ ବର୍ଷ ତୁଳନାରେ ରପ୍ତାନିକୁ ଯଥେଷ୍ଟ ଅଧିକ ବ୍ୟାପକ କରିବ ବୋଲି ଆଶା କରାଯାଉଛି।

ବଜାର ପ୍ରବେଶକୁ ପରିପୂରକ କରିବା ସହିତ କ୍ୟୁସିଓଗୁଡ଼ିକର ଅପସାରଣ ଅନୁପାଳନ ବୋଝକୁ କମ କରିଛି। ଅନ୍ୟପଟେ ଜିଏସଟି ସଂସ୍କାର ଦୀର୍ଘକାଳୀନ ବିପରୀତ ଶୁଳ୍କ ଢାଞ୍ଚା ସମସ୍ୟାର ସମାଧାନ କରିଛି । ଯଦ୍ଦ୍ୱାରା ଏହି କ୍ଷେତ୍ର ନିର୍ଣ୍ଣାୟକ ଭାବରେ ଏକ ଫାଇବର-ନିରପେକ୍ଷ ଢାଞ୍ଚା ଆଡ଼କୁ ଗତିଶୀଳ ହୋଇଛି । ଏହି ପଦକ୍ଷେପଗୁଡ଼ିକ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି। ବଜେଟ୍ ୨୦୨୬କୁ ଫଳପ୍ରଦ କରୁଥିବା ବିଷୟ ହେଉଛି ନିରନ୍ତରତା ଏବଂ ବ୍ୟାପକତା। କପା ଉତ୍ପାଦକତା ମିଶନ ଏବଂ ବ୍ୟାପକ ଆର୍ଥିକ ସଂସ୍କାର ଭଳି ପଦକ୍ଷେପଗୁଡ଼ିକୁ ଏବେ ପରୀକ୍ଷାମୂଳକ ପ୍ରୟାସରୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି। ଏହା ଢାଞ୍ଚାଗତ ସଂସ୍କାରକୁ ସକ୍ଷମ କରିଛି । ଅନେକ ଦଶନ୍ଧି ଧରି ବୟନଶିଳ୍ପ କ୍ଷେତ୍ରକୁ ମୁଖ୍ୟତଃ ଏକ କଲ୍ୟାଣକାରୀ ଦୃଷ୍ଟିକୋଣ ମାଧ୍ୟମରେ ଦେଖାଯାଉଥିଲା। ତେବେ ଏଥିରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆସିଛି । ବୟନଶିଳ୍ପ କ୍ଷେତ୍ର ବ୍ୟାପକତା, ପ୍ରତିଯୋଗିତାମୂଳକ କ୍ଷମତା ଏବଂ ଦୀର୍ଘକାଳୀନ ଜାତୀୟ ଅଭିବୃଦ୍ଧି ପାଇଁ ଏକ ମୁଖ୍ୟ ଶିଳ୍ପ ରଣନୀତି ଭାବରେ ପୁନଃପ୍ରତିଷ୍ଠିତ ହେଉଛି । ଏପରି ହସ୍ତକ୍ଷେପର କାରଣ ସ୍ପଷ୍ଟ। ଭାରତର ବୟନ ଏବଂ ପୋଷାକ କ୍ଷେତ୍ର ଜିଡିପିରେ ପ୍ରାୟ ୨.୩% ଅବଦାନ ରଖିଥାଏ। ଏହା ମଧ୍ୟ ଶିଳ୍ପ ଉତ୍ପାଦନର ପ୍ରାୟ ୧୨% ଅବଦାନ ଦେଉଥିବା ବେଳେ ୫.୨ କୋଟିରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଥାଏ। ଫଳରେ ଯାହା ଏହାକୁ ଅର୍ଥବ୍ୟବସ୍ଥା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ କରିଥାଏ। ବିଶ୍ୱ ବୟନ ଏବଂ ପୋଷାକ ରପ୍ତାନିରେ ଭାରତର ଅଂଶ ପ୍ରାୟ ୪% ଥିବା ବେଳେ, ଏହା ବିସ୍ତାର ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି । ସରକାର ଏକ ସ୍ପଷ୍ଟ ଏବଂ ମହତ୍ୱାକାଂକ୍ଷୀ ମଧ୍ୟବର୍ତ୍ତୀକାଳୀନ ଲକ୍ଷ୍ୟ ସ୍ଥିର କରିଛନ୍ତି। ଏହି ଲକ୍ଷ୍ୟ ହେଉଛି, ୨୦୩୦ ସୁଦ୍ଧା ବୟନ କ୍ଷେତ୍ରକୁ ୩୫୦ ବିଲିୟନ ଡଲାର ଏବଂ ରପ୍ତାନିକୁ ୧୦୦ ବିଲିୟନ ଡଲାରକୁ ବିସ୍ତାର କରିବା । ମୂଲ୍ୟ ଶୃଙ୍ଖଳକୁ ଏକୀକୃତ କରିବା ସଂସ୍କାର ରଣନୀତିର ପ୍ରଥମ ସ୍ତମ୍ଭ । ଏହି କ୍ରମରେ ୨୦୩୦ସୁଦ୍ଧା ବୟନ ଶିଳ୍ପ କ୍ଷେତ୍ରର ୨୩ ମିଲିୟନ ମେଟ୍ରିକ ଟନ୍ କଞ୍ଚାମାଲ ଆବଶ୍ୟକତା ପୂରଣ କରିବାର ସ୍ପଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା ପ୍ରାକୃତିକ ଏବଂ ମାନବ ନିର୍ମିତ ଫାଇବର ଉଭୟକୁ ବିସ୍ତାର କରିଥାଏ। ବର୍ତ୍ତମାନ ଫାଇବର ମୂଲ୍ୟ ଅସ୍ଥିରତା ପ୍ରାୟ ୨୫ରୁ ୩୦% ଇନପୁଟ୍ ଅନିଶ୍ଚିତତାର ପାଇଁ ଦାୟୀ। ଏହା ବିଶେଷ କରି ଏମଏସଏମଇ ପାଇଁ ସିଧାସଳଖ ଲାଭ, ଉତ୍ପାଦନ ଯୋଜନା ଏବଂ ରପ୍ତାନି ମୂଲ୍ୟକୁ ପ୍ରଭାବିତ କରିଥାଏଛ ବର୍ଦ୍ଧିତ ଜନସଂଖ୍ୟା ଏବଂ କଞ୍ଚାମାଲର ଚାହିଦା ବୃଦ୍ଧି ସହିତ ବଜେଟ୍ ୨୦୨୬ ଜାତୀୟ ଫାଇବର ଯୋଜନା ମାଧ୍ୟମରେ ଏହି ଆହ୍ୱାନର ସମାଧାନ କରେ । ଏହି ପଦକ୍ଷେପଗୁଡ଼ିକ କପା, ମାନବ ନିର୍ମିତ ଫାଇବର ଏବଂ ଉଦୀୟମାନ ନୂତନ ଯୁଗର ଫାଇବର କ୍ଷେତ୍ରରେ ଘରୋଇ ଉପଲବ୍ଧତାକୁ ମଜବୁତ କରେ। ଫାଇବରରୁ ଅନ୍ତିମ ଉତ୍ପାଦ ପର୍ଯ୍ୟନ୍ତ ସମଗ୍ର ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରେ। କଞ୍ଚାମାଲ ଯୋଗାଣକୁ ସ୍ଥିର କରି ବଜେଟ୍ ଲାଭକୁ ଉନ୍ନତ କରିଥାଏ। ଏହା ମଧ୍ୟ ଯୋଜନା ନିଶ୍ଚିତତାକୁ ବୃଦ୍ଧି କରେ ଏବଂ ନିର୍ମାତାମାନଙ୍କ ପାଇଁ ରପ୍ତାନି ମୂଲ୍ୟ ନିର୍ଦ୍ଧାରଣ ଶକ୍ତିକୁ ସୁଦୃଢ଼ କରିଥାଏ। ଏହି କ୍ଷେତ୍ରକୁ ଭବିଷ୍ୟତର ଚାହିଦା ପୂରଣ କରିବା ଲାଗି ଦୀର୍ଘସ୍ଥାୟୀ ଭାବରେ ବ୍ୟାପକ କରାଯାଇପାରିବ। ବୟନ ଶିଳ୍ପ କ୍ଷେତ୍ରକୁ ପଛରେ ପକାଇ ଦେଉଥିବା ଏକ ମୁଖ୍ୟ ପ୍ରତିବନ୍ଧକ ହେଉଛି ଏହାର ପୁରୁଣା ଉତ୍ପାଦନ କ୍ଲଷ୍ଟର ଉପରେ ନିର୍ଭରଶୀଳତା ଯାହା ଉତ୍ପାଦକତା ଏବଂ ପରିମାଣକୁ ସୀମିତ କରେ। ଉତ୍ପାଦନ ଦକ୍ଷତା ବୃଦ୍ଧି କରିବା ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ପାଇଁ ଏହି ଇକୋସିଷ୍ଟମଗୁଡ଼ିକୁ ଆଧୁନିକୀକରଣ କରିବା ଅତ୍ୟନ୍ତ ଜରୁରୀ। ବଜେଟ୍ ୨୦୨୬ ଦେଶବ୍ୟାପୀ ୨୦୦ ଶିଳ୍ପ କ୍ଲଷ୍ଟରର ଆଧୁନିକୀକରଣ ମାଧ୍ୟମରେ ଏହି ଆବଶ୍ୟକତାକୁ ସିଧାସଳଖ ପୂରଣ କରୁଛି । କ୍ଲଷ୍ଟର-ଆଧାରିତ ଉତ୍ପାଦନ ବ୍ୟବସ୍ଥା ଶ୍ରମ ଉତ୍ପାଦକତାକୁ ୨୦ ରୁ ୨୫% ବୃଦ୍ଧି କରିପାରିବ ଏବଂ ପ୍ରତି ୟୁନିଟ୍ ଲଜିଷ୍ଟିକ୍ସ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିପାରିବ ବୋଲି ପ୍ରମାଣରୁ ଜଣାପଡ଼ିଛି । ମେଗା ଟେକ୍ସଟାଇଲ୍ ପାର୍କ, ସାଧାରଣ ପ୍ରକ୍ରିୟାକରଣ କେନ୍ଦ୍ର ଏବଂ ପ୍ଲଗ୍ ଆଣ୍ଡ୍ ପ୍ଲେ ଇକୋସିଷ୍ଟମରେ ନିବେଶ ବ୍ୟାପକ ଭାବେ ସ୍ଥିର ଖର୍ଚ୍ଚକୁ ହ୍ରାସ କରିଥାଏ, କ୍ଷୁଦ୍ର ଉତ୍ପାଦକମାନଙ୍କୁ ବିସ୍ଥାପିତ ନକରି ବିସ୍ତାରକୁ ସକ୍ଷମ କରିଥାଏ। ଏହା ମଧ୍ୟ ଏକ ଶ୍ରମ-ସଘନ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ବୟନ ଶିଳ୍ପର ପରିବର୍ତ୍ତନର ମୂଳରେ ରହିଛି ନିଯୁକ୍ତି ସୃଷ୍ଟି ଏବଂ କର୍ମଶକ୍ତି ପ୍ରସ୍ତୁତି । ବୟନ ଶିଳ୍ପ ପୁଞ୍ଜି-ସଘନ ଶିଳ୍ପ ତୁଳନାରେ ପ୍ରତି କୋଟି ନିବେଶରେ ପ୍ରାୟ ୩ ଗୁଣ ଅଧିକ ନିଯୁକ୍ତି ସୃଷ୍ଟି କରେ ଏବଂ କ୍ରମାଗତ ପଦକ୍ଷେପଗୁଡ଼ିକ ମୂଲ୍ୟ ଶୃଙ୍ଖଳାରେ ଦକ୍ଷତା ଓ ନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହି କ୍ଲଷ୍ଟର-ଆଧାରିତ ଅଭିବୃଦ୍ଧି ଦ୍ୱାରା ସମର୍ଥିତ ବୟନ ସମ୍ପ୍ରସାରଣ ଏବଂ ନିଯୁକ୍ତି ଯୋଜନା ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୨ ରୁ ୩ କୋଟି ଅତିରିକ୍ତ ଜୀବିକାକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି । ୨୦୨୬ ରୁ ୨୦୩୧ ମଧ୍ୟରେ ୧୫ ଲକ୍ଷ ଶିଳ୍ପ-ପ୍ରସ୍ତୁତ କର୍ମଚାରୀଙ୍କୁ ତାଲିମ ଦେବା ପାଇଁ ୨,୮୦୦ କୋଟି ଟଙ୍କା ବ୍ୟୟ ସହିତ ସମର୍ଥ ୨.୦ ମାଧ୍ୟମରେ ଏହି ଗତିକୁ ଆହୁରି ସୁଦୃଢ଼ କରାଯାଇଛି । ଏନଆଇଏଫଟି, ଆଇଆଇଟି, ଆଇଆଇଏଚଟି, ଆଇଟିଆଇ ଏବଂ ଏସଭିପିଆଇଏସଟିଏମ ସହ ସହଭାଗୀତାକୁ ଗଭୀର କରି ଆମେ ୨୦୩୦ ସୁଦ୍ଧା ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ବ୍ୟବଧାନକୁ ୫୦% ପର୍ଯ୍ୟନ୍ତ ହ୍ରାସ କରିବା ଲକ୍ଷ୍ୟରେ ପ୍ରକୃତ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନ୍ ଆବଶ୍ୟକତା ସହିତ ଦକ୍ଷତା ବିକାଶକୁ ଆହୁରି ସମନ୍ୱିତ କରିବୁ । ଏହି ନିଯୁକ୍ତି ଓ ଦକ୍ଷତା ବୃଦ୍ଧିର ନିରନ୍ତର ଅଭିବୃଦ୍ଧି ପାଇଁ ବୟନଶୀଳ ମୂଲ୍ୟ ଶୃଙ୍ଖଳର ବିଭିନ୍ନ ଉଦ୍ୟୋଗଗୁଡ଼ିକର ବିସ୍ତାର ଏବଂ ପ୍ରତିଯୋଗିତା କରିବାର ଆର୍ଥିକ କ୍ଷମତା ରହିବା ଆବଶ୍ୟକ। ବୟନଶିଳ୍ପ ଇକୋସିଷ୍ଟମର ମେରୁଦଣ୍ଡ, ଏମଏସଏମଇଗୁଡ଼ିକୁ ଚିହ୍ନଟ କରିବା ହେଉଛି ୨୦୨୬ ବଜେଟର ଏକ କେନ୍ଦ୍ରୀୟ ଲକ୍ଷ୍ୟ। ଏହା ସିଧାସଳଖ ସେମାନଙ୍କର ସବୁଠାରୁ ବାଧ୍ୟତାମୂଳକ ପ୍ରତିବନ୍ଧକ ହୋଇଥିବା ନଗଦ ଅର୍ଥ ସମସ୍ୟା ସମାଧାନ କରେ। ୧୦ ହଜାର କୋଟି ଟଙ୍କାର ଏସଏମଇ ଅଭିବୃଦ୍ଧି ପାଣ୍ଠି, ସୁଦୃଢ଼ ଟିଆରଇଡିଏସ ପ୍ଲାଟଫର୍ମ ମାଧ୍ୟମରେ ବିସ୍ତାରିତ ଇନଭଏସ୍ ଫାଇନାନ୍ସିଂ ଏବଂ ଦ୍ରୁତ ସରକାରୀ ଦେୟ ଚକ୍ର କାର୍ଯ୍ୟକାରୀ ପୁଞ୍ଜି ଚାପକୁ କମ କରିଥାଏ, କାରଣ କେବଳ ବିଳମ୍ବରେ ଦେୟ ବାର୍ଷିକ ଏମଏସଏମଇ ପୁଞ୍ଜିର ପ୍ରାୟ ୧୫%କୁ ବନ୍ଦ କରିଦିଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଢାଞ୍ଚାଗତ ପରିବର୍ତ୍ତନ କାରଖାନା ବାହାରେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ପର୍ଯ୍ୟନ୍ତ ବିସ୍ତାରିତ, ଯାହା ଗ୍ରାମୀଣ ଓ ଅର୍ଦ୍ଧ-ସହରୀ ଭାରତରେ ପ୍ରାୟ ୬୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଏ। ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ପଦକ୍ଷେପ ଏବଂ ଓଡିଓପି ଦୃଷ୍ଟିକୋଣ ସହିତ ସଂଯୁକ୍ତ ଏକ ସୁଦୃଢ଼ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ କାର୍ଯ୍ୟକ୍ରମ ଏହି କ୍ଷେତ୍ରକୁ ଜୀବିକା ସମର୍ଥନରୁ ଦକ୍ଷତା, ବ୍ରାଣ୍ଡିଂ ଏବଂ ନିରନ୍ତର ବିଶ୍ୱ ବଜାର ପ୍ରବେଶ ଆଡ଼କୁ ନେଇଯିବ। ଏହାଦ୍ୱାରା ନିଯୁକ୍ତି ଅଭିବୃଦ୍ଧିକୁ ସମାବେଶୀ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ଜାତୀୟ ସ୍ତରରେ ବିସ୍ତାରିତ କରାଯାଇପାରିବ । ବଜେଟ୍ ୨୦୨୬ ଟେକ୍ସ ଇକୋ ପଦକ୍ଷେପ ମାଧ୍ୟମରେ ବୟନ ଶିଳ୍ପ କ୍ଷେତ୍ରରେ ଏକ ଡିଜାଇନ୍ ନୀତି ଭାବରେ ସ୍ଥାୟୀତ୍ୱକୁ ସନ୍ନିହିତ କରିଥାଏ। ଏହା ମଧ୍ୟ ମୂଲ୍ୟ ଶୃଙ୍ଖଳରେ ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ସମନ୍ୱିତ କରେ ଏବଂ ଭବିଷ୍ୟତର ରପ୍ତାନି ପ୍ରତିଯୋଗିତାର ଏକ ପ୍ରମୁଖ ବାହକ ଭାବରେ ସ୍ଥାୟିତ୍ୱକୁ ସ୍ୱୀକୃତି ଦିଏ।

**ବଜେଟ ହିସାବରୁ ଜାତୀୟ ଦିଶାନିର୍ଦ୍ଦେଶ ପର୍ଯ୍ୟନ୍ତ – ବିକଶିତ ଭାରତର ମାର୍ଗ**

ପ୍ରଥମ ଥର ପାଇଁ ବୟନଶିଳ୍ପକୁ ଏକ ପୁରୁଣା କ୍ଷେତ୍ର ଭାବରେ ନୁହେଁ ବରଂ ନିଯୁକ୍ତି ଏବଂ ଉଦ୍ୟୋଗର ଭବିଷ୍ୟତ ଉନ୍ମୁଖୀ ଇଞ୍ଜିନ ଭାବରେ ବିକଶିତ କରାଯାଉଛି। ୨୦୨୦ ରୁ ୨୦୩୦ ମଧ୍ୟରେ ପ୍ରାୟ ୫ କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବାର କ୍ଷମତା ସହିତ ଏହି କ୍ଷେତ୍ର ଭାରତର ଶ୍ରମ-ସଘନ ଅଭିବୃଦ୍ଧି ରଣନୀତିର କେନ୍ଦ୍ରରେ ଅବସ୍ଥିତ। ବିକଶିତ ଭାରତ ବଜେଟ୍ ଏକ ନୂତନ ପିଢ଼ିର ବୟନଶିଳ୍ପ ଷ୍ଟାର୍ଟଅପ୍ ଏବଂ ବୃହତ ଉଦ୍ୟୋଗ ପାଇଁ ମୂଳଦୁଆ ସୃଷ୍ଟି କରେ। ନିଯୁକ୍ତି, ଦକ୍ଷତା ଏବଂ ସ୍ଥିରତାକୁ କେନ୍ଦ୍ରରେ ରଖି, ବଜେଟ୍ ସମାବେଶୀ ଅଭିବୃଦ୍ଧି ପାଇଁ ଏକ ସ୍ପଷ୍ଟ, ତଥ୍ୟ ପରିଚାଳିତ ପଥ ପ୍ରଦାନ କରେ। ଏହା ଉତ୍ପାଦନଶୀଳ ଚାକିରି ଏବଂ ପ୍ରତିଯୋଗିତାମୂଳକ ଉଦ୍ୟୋଗ କ୍ଷେତ୍ରରେ ଭାରତକୁ ସୋନେ କୀ ଚିଡ଼ିୟା ରୂପେ ପୁନଃପ୍ରତିଷ୍ଠିତ କରିବା ସହିତ ବିକଶିତ ଭାରତ ଏବଂ ଅନ୍ୟ ବ୍ୟାପକ ଲକ୍ଷ୍ୟକୁ ଆକାର ଦେବ।

* * *

# ଜଳବାୟୁ ସହନଶୀଳ କୃଷି



ବିଭୁତି ଭୂଷଣ ଦଳବେହେରା

ଆମ ରାଜ୍ୟ ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । କୃଷି ହେଉଛି ରାଜ୍ୟର ଆର୍ଥିକ ମେରୁଦଣ୍ଡ ସଦୃଶ । ଓଡ଼ିଶାର ଅର୍ଥନୀତି କୃଷି ଉପରେ ପର୍ଯ୍ୟବେଶିତ । ଓଡ଼ିଶାରେ ୫୦ ଲକ୍ଷରୁ ଅଧିକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଅଛନ୍ତି । ପ୍ରାୟତଃ ୬୨ଲକ୍ଷ ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନର ପ୍ରଭାବ ସବୁଠାରୁ ଅଧିକ କୃଷି କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ ।

ସାମ୍ପ୍ରତିକ ପରିସ୍ଥିତିରେ ଉଭୟ ଚାଷୀ ଏବଂ ଚାଷ କାର୍ଯ୍ୟ ଭୟଙ୍କର ଭାବେ ପ୍ରଭାବିତ ହେବାକୁ ପଡୁଛି । ଆମ ରାଜ୍ୟ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ଚିର ସହଚର । ଜଳବାୟୁ ପରିବର୍ତ୍ତନ ହେତୁ ଅଦିନିଆ ବର୍ଷା, ଠିକ ସମୟରେ ବର୍ଷା ନହେବା, ମରୁଡ଼ି, ବାତ୍ୟା, ବନ୍ୟା ଆଦି ଚାଷୀ ଭାଇମାନଙ୍କର କ୍ଷତି ମାନ ଘଟାଇ ସେମାନଙ୍କର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଉଛି, ଯାହାଫଳରେ ଚାଷୀ ଭାଇମାନେ ନାନାଦି ପ୍ରକାର ହଇରାଣ ହରକତ ହେଉଛନ୍ତି । ବର୍ତ୍ତମାନ ଆମର ଚାଷୀ ଭାଇମାନଙ୍କୁ ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇ ସେହି ଅନୁସାରେ ଚାଷ କାର୍ଯ୍ୟ କରିବାକୁ ପଡିବ । ସେଥିପାଇଁ ଆମକୁ ଜଳବାୟୁ ସହନଶୀଳ କୃଷି ଉପରେ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି । ଜଳବାୟୁ ସହନଶୀଳ କୃଷିର ପ୍ରମୁଖ ଦିଗଗୁଡିକ ହେଲା–

(୧) ଜଳବାୟୁ ସହନଶୀଳ ବିହନ– ଚୟନ: ଅଧିକ ଉତ୍ପାଦନ କ୍ଷେତ୍ରରେ ସୁସ୍ଥ ଏବଂ ରୋଗ ପୋକ ସହନଶୀଳ ବିହନ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଆମର କୃଷି ବୈଜ୍ଞାନିକମାନେ ବର୍ତ୍ତମାନ ବିଭିନ୍ନ ପ୍ରକାର ଶସ୍ୟଜାତୀୟ, ଡାଲିଜାତୀୟ, ତୈଳବୀଜ ଜାତୀୟ ଆଦି ଜଳବାୟୁ ସହନଶୀଳ ବିହନ ଉଦ୍ଭାବନ କଲେଣି । ଯାହାଦ୍ୱାରା କି ଉକ୍ତ ସଂକଟରୁ ( ଜଳବାୟୁ ପରିବର୍ତ୍ତନ) ଚାଷ କାର୍ଯ୍ୟ ବର୍ତ୍ତି ପାରିବ । ଯେପରି ସ୍ୱର୍ଣ୍ଣସବ-୧, ବୀଣା-୧୧, କମଳା ( ଡି ଆର ଆର -୧୦୦ ), ପୁଷା ଡି ଏସ ଟି -୧ ଧାନ (ଶସ୍ୟ ଜାତୀୟ), ଅଧିକ ଉତ୍ତାପ ସାହିପାରୁଥିବା ହରଡ଼, ମୁଗ (ବିରାଟ, ଶିଖା ) ଡାଲି ଜାତୀୟ ବିହନ ।

(୨) ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ଚାଷ: ଜଳବାୟୁ ସହନଶୀଳ କୃଷିରେ ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟ ଚାଷୀମାନଙ୍କ ପାଇଁ ଏକ ବରଦାନ ସଦୃଶ । ସାଧାରଣତଃ ଢିପ ଜମିରେ ଏହାକୁ ବହୁଳ ମାତ୍ରାରେ ଚାଷ କରାଯାଇପାରିବ । ମାଣ୍ଡିଆ ଶସ୍ୟ ଅତ୍ୟଧିକ ଉତ୍ତାପ ସହ୍ୟ କରିପାରେ । ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଲାଭଦାୟକ ।

(୩) କ୍ଷେତ ପୋଖରୀ : କ୍ଷେତ ପୋଖରୀ କରିବାଦ୍ୱାରା ବର୍ଷା ଜଳକୁ ସରଂକ୍ଷଣ କରାଯାଇ ତାହାକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ, ଯାହା କି ଚାଷୀମାନଙ୍କର ଜଳକ୍ଲିଷ୍ଟକୁ ଦୂର କରିବାରେ ସାହାଯ୍ୟ କରିବ । ଉକ୍ତ କ୍ଷେତ ପୋଖରୀରେ ମାଛ ଚାଷ କରାଯାଇ ପାରିବ ।

(୪) ସମନ୍ୱିତ କୃଷି: କୁକଡ଼ା ଓ ବତକ ପାଳନ, ମତ୍ସ୍ୟ ଚାଷ, ଗୋପାଳନ, କୃଷି ଏବଂ ଉଦ୍ୟାନ କୃଷିର ଏକତ୍ର ସମଷ୍ଟି ହେଉଛି ସମନ୍ୱିତ କୃଷି । ଏକକ ଜାଗାରେ ଏହି ସବୁ ଚାଷ କରାଯାଇଥାଏ । ଗୋଟିଏର ବର୍ଜ୍ୟ ଅନ୍ୟ ଏକ ଚାଷ ପାଇଁ ଉପାଦାନର କାର୍ଯ୍ୟ କରିଥାଏ । ଏହି ପ୍ରଣାଳୀ ଜଳବାୟୁ ସହନଶୀଳ କୃଷି କ୍ଷେତ୍ରରେ ବେଶ ପ୍ରଭାବଶାଳୀ ହୋଇଥାଏ । ଚାଷୀଙ୍କର ଆୟକୁ ଦ୍ୱିଗୁଣିତ ମଧ୍ୟ କରିଥାଏ ।

(୫) ଫସଲ ବିବିଧିକରଣ: ଜମିରେ ସବୁବେଳେ ଗୋଟିଏ ପ୍ରକାର ଫସଲ ନକରି ବିଭିନ୍ନ ପ୍ରକାର ଫସଲ ଚାଷ କରିବାକୁ ଫସଲ ବିବିଧିକରଣ କୁହାଯାଏ । ଉଦାହରଣ ହେଉଛି ପ୍ରତି ବର୍ଷ ଧାନ ହେଉଥିବା ଜମିରେ ଧାନ ପରେ ମୁଗ, ବିରି, ସୋରିଷ, ସୂର୍ଯ୍ୟମୁଖୀ, ରାଶି, ମାଣ୍ଡିଆ, ବାଦାମ ଆଦି ଚାଷ କରିବା । ଫସଲ ବିବିଧିକରଣ କରିବା ଦ୍ୱାରା ଧାନ ଅମଳ ପରବର୍ତ୍ତୀ ପଡିଆ ଜମିର ପରିଚାଳନା ଠିକ ଭାବେ ହୋଇଥାଏ ।

(୬) ଅନ୍ତଃ ଫସଲ ଚାଷ: ଏକ ନିର୍ଦ୍ଦିଷ୍ଟ ଜମିରେ ସମାନୁପାତିକ ଭାବେ ଏକାଧିକ ଫସଲ ଚାଷ କରିବାକୁ ଅନ୍ତଃଫସଲ ଚାଷ କୁହାଯାଏ । ଏହାଦ୍ୱାରା ଫସଲରେ ନିର୍ଦ୍ଦିଷ୍ଟ ସମୟରେ ଲାଗୁଥିବା ରୋଗ ପୋକକୁ ନିୟନ୍ତ୍ରଣ କରାଯାଇଥାଏ । କୌଣସି କାରଣରୁ ଗୋଟିଏ ଫସଲ ନଷ୍ଟ ହୋଇଗଲେ ଅନ୍ତଃ ଫସଲରେ ହୋଇଥିବା ଅନ୍ୟ ଏକ ଫସଲରୁ କିଛି ମାତ୍ରାରେ ଉତ୍ପାଦନ ମିଳିପାରିଥାଏ । ଖାଦ୍ୟସାର ପରିଚାଳନା, ଜଳ ପରିଚାଳନା ଠିକ ଭାବେ ହୋଇଥାଏ ।

(୭) କୃଷି ଯନ୍ତ୍ରପାତିର ବ୍ୟବହାର: ଜଳବାୟୁ ସହନଶୀଳ କୃଷିକୁ ଅଧିକ କ୍ରିୟାନ୍ୱିତ କରିଥାଏ କୃଷି କ୍ଷେତ୍ରରେ ଉନ୍ନତ ଯନ୍ତ୍ରପାତିର ବ୍ୟବହାର । ଏହାର ମୂଳ ଲକ୍ଷ୍ୟ ହେଉଛି ଅଳ୍ପ ପରିଶ୍ରମ, ଖର୍ଚ୍ଚ କମ କରିବା ଏବଂ ଅଧୀକ ଅମଳ ପାଇବା । ଡି.ଏସ.ଆର (ଧାଡିରେ ଧାନ ବୁଣା ) ପଦ୍ଧତିରେ ଧାନ ଚାଷ କରିବା ଦ୍ୱାରା ବିହନ, ମଜୁରୀ, ସାର ପରିଚାଳନା, ଜଳ ପରିଚାଳନାରେ କମ୍ ଖର୍ଚ୍ଚ ହୋଇଥାଏ ଏବଂ ଅଧିକ ଧାନ ମଧ୍ୟ ଅମଳ ହୋଇଥାଏ । ଏହା ଦ୍ୱାରା ଧାନ କ୍ଷେତରୁ କମ ମିଥେନ ଗ୍ୟାସ ଉତ୍ପନ୍ନ ହୋଇଥାଏ । କୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରାଯାଇ ଯେପରି ଡ୍ରୋନ ମାଧ୍ୟମରେ ସାର, କୀଟନାଶକ ସିଞ୍ଚନ କରିବା ଦ୍ୱାରା ପରିବେଶ ପ୍ରଦୂଷଣ ବିଶେଷ ମାତ୍ରାରେ ହୋଇନଥାଏ ।

(୮) ସୁକ୍ଷ୍ମ ଜଳ ସେଚନ: ସବୁଠାରୁ ଅଧିକ ଜଳ ବ୍ୟବହାର ସାଧାରଣତଃ କୃଷି କ୍ଷେତ୍ରରେ ହିଁ ହୋଇଥାଏ । ଫସଲ ପାଇଁ ଜଳ ଏକାନ୍ତ ଆବଶ୍ୟକ. ଆବଶ୍ୟକ ହେଉଥିବା ଜଳକୁ ସୁବ୍ୟବସ୍ଥିତ ଢଙ୍ଗରେ ବ୍ୟବହାର କରିବା ଆଧୁନିକ କୃଷି ପାଇଁ ଏକ ଆହ୍ୱାନ । ସେଥିପାଇଁ ଚାଷୀ ଭାଇମାନଙ୍କୁ ସୁକ୍ଷ୍ମ ଜଳ ସେଚନ ଉପରେ ଗୁରୁତ୍ୱ ଦେବାକୁ ପଡିବ । ସୂକ୍ଷ୍ମ ଜଳସେଚନ ମୁଖ୍ୟତଃ ଦୁଇ ପ୍ରକାର– ଯଥା ବୁନ୍ଦା ( ଡ୍ରିପ) ଜଳସେଚନ, ଛିଟା ( ସ୍ପ୍ରିଙ୍କଲର) ଜଳସେଚନ । ଏହି ଦୁଇ ପ୍ରକାର ଜଳସେଚନ ଦ୍ୱାରା ଗଛର ମୂଳ ଏବଂ ପତ୍ରରେ ନିୟନ୍ତ୍ରିତ ଭାବେ ଜଳସେଚନ କରାଯାଇଥାଏ, ଯାହାଦ୍ୱାରା କି ଅଳ୍ପ ଜଳ ବିନିମୟରେ ଅଧିକ ଅମଳ ମିଳି ପାରିଥାଏ ।

(୯) ସମନ୍ୱିତ ଖାଦ୍ୟ ସାର ପରିଚାଳନା : ରାସାୟନିକ ସାରର ବହୁଳ ବ୍ୟବହାର ଯୋଗୁଁ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଏବଂ ମୃତ୍ତିକା ପ୍ରଦୂଷଣ ମଧ୍ୟ ହୋଇଥାଏ । ଜମିରେ ଅତ୍ୟଧିକ ରାସାୟନିକ ସାର ପ୍ରୟୋଗ ନକରି ଜୈବିକ ଖତ ସାର ପ୍ରୟୋଗ କରିବା । ଯାହାଦ୍ୱାରା କି ମୃତ୍ତିକାର ସ୍ୱାସ୍ଥ୍ୟ ଠିକ ରହିବ । ମୃତ୍ତିକାର ଜଳଧାରଣ କ୍ଷମତା ବଢିବ । ଧଣିଚା, ଛଣି, ବରଗୁଡ଼ି, ମୁଗ, ବିରି ଆଦିକୁ ଚାଷ କରି ଜମିରେ ମିଶାଇ ଦେବା ଫଳରେ ମୃତ୍ତିକାରେ ଜୈବିକ ଅଙ୍ଗାରକ ମାତ୍ରା ବଢିଥାଏ ।

( ୧୦) ପ୍ରାକୃତିକ କୃଷି :ପ୍ରାକୃତିକ କୃଷି ଦ୍ୱାରା ଜଳବାୟୁ ସହନଶୀଳ କୃଷିକୁ ଅଧିକ ସଶକ୍ତ କରାଯାଇ ପାରିବ । କାରଣ ପ୍ରାକୃତିକ କୃଷିରେ କୌଣସି ପ୍ରକାର ବାହ୍ୟ ଉପାଦାନ ବ୍ୟବହାର କରାଯାଇ ନଥାଏ । ଯାହାଦ୍ୱାରା ପରିବେଶ ପ୍ରଦୂଷିତ ହୋଇନଥାଏ ।

କ୍ଷେତରୁ ଉତ୍ପନ୍ନ ବର୍ଜ୍ୟ ଯଥା ଦେଶୀ ଗାଈର ଗୋବର, ଗୋମୂତ୍ର, ଫସଲ ଅବଶେଷ ଏବଂ ପ୍ରକୃତିରୁ ମିଳୁଥିବା ବିଭିନ୍ନ ଗଛର ପତ୍ରରୁ କୀଟନାଶକ ପ୍ରସ୍ତୁତ କରି ଫସଲ ପରିଚାଳନା ହୋଇଥାଏ । ଯେପରି କି ଜୀବାମୃତ ପ୍ରୟୋଗ କରିବା ଦ୍ୱାରା ମୃତ୍ତିକାରେ ଅଣୁଜୀବ ଏବଂ ଜିଆମାନଙ୍କ ସଂଖ୍ୟା ବୃଦ୍ଧି କରିବା, ଫସଲକୁ ଉତ୍ତମ ପୋଷଣ ସହ ଅଣୁସାର ଠିକ ଭାବେ ମିଳିଥାଏ । ବିଜାମୃତ ବିଧି ଦ୍ୱାରା ବିହନ ବିଶୋଧନ କରିବା. ଆଚ୍ଛାଦନ ଦ୍ୱାରା ଜମିକୁ ଘୋଡାଇରଖିବା. ବ୍ରହ୍ମାସ୍ତ୍ର, ଆଗ୍ନେୟସ୍ତ୍ର, ନିମାସ୍ତ୍ର, ହାଣ୍ଡିଖତ, ସଂଜୀବନୀ ଆଦି ପ୍ରସ୍ତୁତ କରାଯାଇ ଫସଲର ରୋଗ ପୋକକୁ ନିୟନ୍ତ୍ରଣ କରାଯାଇପାରିବ । ପ୍ରାକୃତିକ କୃଷିରେ ଦେଶୀୟ ବିହନକୁ ପ୍ରାଧାନ୍ୟ ଦେଇ ଚାଷ କରାଗଲେ ଏହା ଜଳବାୟୁ ସହନଶୀଳ କୃଷିର ଆଭିମୁଖ୍ୟକୁ ସାକାର କରିବାରେ ସମର୍ଥ ହେବ ।

ଗ୍ରାମ୍ୟ କୃଷି କର୍ମଚାରୀ
ବେଗୁନିଆ, ଖୋର୍ଦ୍ଧା
ମୋ– ୭୭୩୫୪୪୬୧୧

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜୀବନ...

ବଲାଙ୍ଗୀର, ତାଳଚେରରୁ ବାଲେଶ୍ୱର ଓ ପାରାଦୀପରେ ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ପଡ଼ିଛି । ଫଳରେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି ।

ଭାରତ ବନ୍ଦର ପ୍ରଭାବ ଓଡ଼ିଶାରେ ବିଶେଷ ଭାବେ ପଡ଼ିଛି । ହସ୍ତସନ୍ତ ହୋଇଛନ୍ତି ସାଧାରଣ ଜନତା । କେନ୍ଦ୍ର ସରକାରଙ୍କୁ ବିରୋଧ କରି ଶ୍ରମିକମାନେ କରୁଥିବା ପ୍ରତିବାଦ ଯୋଗୁ ଖୋଲିନି ଦୋକାନ ବଜାର, ଗଡ଼ିନି ଗାଡ଼ି କି ସାଧରଣ ଗରିବ ଲୋକଟିଏ ତା' ଜୀବନ ଜୀବିକା ନିର୍ବାହ ପାଇଁ ଦୈନନ୍ଦିନ କରୁଥିବା କାମ କରିପାରିନି । ଭୁବନେଶ୍ୱରରେ ବନ୍ଦର ପ୍ରଭାବ ମିଶ୍ରିତ ଭାବେ ପଡ଼ିଛି । ରାଜ୍ୟର କାଁଭାଁ ସ୍ଥାନରେ ଉତ୍ତେଜନା ଦେଖା ଦେଇଥିଲେ ମଧ୍ୟ ସ୍ଥିତି ସେଭଳି ଅପ୍ରିତୀକର ପରିସ୍ଥିତି ପାଲଟନି । ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାରେ ପ୍ରତିବାଦ କରିଛନ୍ତି ଆନ୍ଦୋଳନକାରୀ । ହେଲେ ଭୁବନେଶ୍ୱରର ଆଚାର୍ଯ୍ୟ ବିହାରରେ ଫସି ରହିଥିଲା ବରଯାତ୍ରୀ ଗାଡ଼ି । ବିକ୍ଷୋଭକାରୀଙ୍କ ସହ ଅଲୋଚନା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ରାଜଧାନୀରେ ସପିଂ ମଲ, ମାର୍କେଟ ବିଲ୍ଡିଂ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଆଦି ବନ୍ଦ ରହିଥିଲା । ସେହିପରି ବାଲେଶ୍ୱରରେ ମଧ୍ୟ ଆନ୍ଦୋଳନକାରୀଙ୍କ ଆକ୍ରୋଶର ଶିକାର ହୋଇଥିଲେ ମଲ୍ କର୍ମଚାରୀ ।

ସେପଟେ ରାୟଗଡା ସହରରେ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ଆନ୍ଦୋଳନକାରୀ । ସିରିଗୁଡ଼ା ଛକରେ ପୋଲିସ ବସ୍ ବ୍ରେକ ଫେଲ ହୋଇଥିଲା, କିନ୍ତୁ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଦୁର୍ଘଟଣା ଟଳିଯାଇଛି । ସୌଭାଗ୍ୟବଶତଃ ଏହି ଅଘଟଣରେ କାହାର କିଛି କ୍ଷତି ହୋଇନଥିବା ବେଳେ ଆନ୍ଦୋଳନ କରୁଥିବା ବିଭିନ୍ନ ସଂଗଠନର ନେତାଙ୍କ ପାଇଁ ରଖା ଯାଇଥିବା ଚେୟାର ଉପରକୁ ଗାଡି ମାଡି ଯାଇଥିଲା । ଫଳରେ ବହୁ ଚେୟାର ନଷ୍ଟ ହୋଇ ଯାଇଥିଲା । ତାଳଚେରରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ତାଳଚେରରେ ଗାଡ଼ିମୋଟର, ବ୍ୟାଙ୍କ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିବାବେଳେ କୋଇଲା ଖଣି, ଏନଟିପିସି ସମେତ ଯାତ୍ରୀବାହୀ ଟ୍ରେନ ଚଳାଚଳ ବନ୍ଦ ରହିଥିଲା ।

ସକାଳୁ ସକାଳୁ ଆନ୍ଦୋଳନକାରୀ ମାନେ କିଛି ଘଣ୍ଟା ଧରି ଭୁବନେଶ୍ୱର ଜୟଦେବ ବିହାରରେ ପ୍ରବଳ ହଙ୍ଗାମା କରିଥିଲେ । ଏନଏଚ୍ ୧୬କୁ ବନ୍ଦ କରି ବିକ୍ଷୋଭ କରଥିଲେ । ଫଳରେ ଶହଶହ ସଂଖ୍ୟାରେ ମାଲବାହୀ ଗାଡ଼ି ସହିତ ଦୁଇ ଚକିଆ, ଚାରି ଚକିଆ ଯାନ ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା । କିଛି କିଛି ସ୍ଥାନରେ ଗାଡ଼ି ଚଳାଚଳ ବେଶ୍ ପ୍ରଭାବ ହୋଇଛି । କେନ୍ଦ୍ର ସରକାରଙ୍କ ଶ୍ରମିକ ନୀତିକୁ ବିରୋଧ କରି ୧୦ରୁ ଅଧିକ ଶ୍ରମିକ ସଂଗଠନ ଦେଶବ୍ୟାପୀ ଧର୍ମଘଟ ଓ ହରତାଳ କରୁଥିବାବେଳେ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପାଳନ କରାଯାଇଛି । କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, ଚାଷୀ ବିରୋଧୀ ଏବଂ କର୍ପୋରେଟ୍ ସମର୍ଥନ ନୀତିକୁ ବିରୋଧ କରି ଏହି ବନ୍ଦ ହୋଇଛି । ଏଥିରେ ସାମିଲ ହୋଇଥିବା ପ୍ରମୁଖ ଟ୍ରେଡ୍ୟୁନିଅନଗୁଡ଼ିକ ମଧ୍ୟରେ ରହିଛନ୍ତିସିଆଇଟିୟୁ ଏଆଇଟିୟୁସି, ଆଇଏନଟିୟୁସି, ଏଚ୍ଏମଏସ୍, ଏଆଇସିସିଟିୟୁ ଏଲପିଏଫ୍ ଓୟୁଟିୟୁସି । ଏହି ଧର୍ମଘଟକୁ ବିଜେଡି ଓ କଂଗ୍ରେସର ସମର୍ଥନ କରିଛି ।

## ଚାର୍ଜସିଟ୍‌ରେ...

ଫଟୋ ସର୍ବସାଧାରଣ ପ୍ରଘଟ କରିବାକୁ ପୀତବାସ ପଣ୍ଡା ଧମକ ଦେଉଥିଲେ ବୋଲି ପୋଲିସ ଚାର୍ଜସିଟରେ ଉଲ୍ଲେଖ କରିଛି । ସେପଟେ ପୀତବାସଙ୍କ ସ୍ତ୍ରୀ ପୋଲିସ ନିକଟରେ ଦେଇଥିବା ବୟାନ ଅନୁସାରେ ପୀତବାସଙ୍କ ପଇତାରେ ଲାଗିଥିବା ଗୋଟିଏ ଚାବି ପୁଲିସ ଦେଇଥିଲା । ସେହି ଚାବି ପୀତବାସଙ୍କ ଆଲମାରୀର ସିକ୍ରେଟ୍ ଚାମ୍ବରର ଥିଲା । ସିକ୍ରେଟ୍ ଚାମ୍ବର ଖୋଲି ତାହାର ତଲାସି ନେବା ସମୟରେ ଗୋଟିଏ ଲଫାଫା ଭିତରେ ବିକ୍ରମଙ୍କର ଚାରୋଟି ଆପତ୍ତିଜନକ ଫଟୋ ସହ ଏକ ପେନଡ୍ରାଇଭ୍ ମିଳିଥିଲା ।

## ବିଧାନସଭାରେ...

ଦୁଇଟି ଘଟଣାକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । ପ୍ରଥମେ ଆବେଦନକାରୀ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠନ ହୋଇଥିବା କମିସନଙ୍କ ରିପୋର୍ଟ ୭ବର୍ଷ ପରେ ସାର୍ବଜନୀନ ନହେବା ଘଟଣା ଉଠାଇଥିଲେ। ଦ୍ୱିତୀୟରେ ରତ୍ନଭଣ୍ଡାରର ମରାମତି ଶେଷ ହେବାପରେ ମଧ୍ୟ କିପରି ଏହାର ଅଳଙ୍କାର ଗଣତି ମଣତି କରାଯାଇ ନାହିଁ ଏ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ଏହି ଦୁଇଟି ପ୍ରସଙ୍ଗ ଉପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ରିପୋର୍ଟ ତଲବ କରିଥିଲେ । ବାରମ୍ବାର ଶୁଣାଣି ମଧ୍ୟ ହୋଇଥିଲା । ଏହାପରେ ହାଇକୋର୍ଟ ବିଭିନ୍ନ ପକ୍ଷଙ୍କୁ ଶୁଣିବା ପରେ ତାଙ୍କ ଆଦେଶରେ କହିଛନ୍ତି ଯେ, ନୂତନ ସରକାର ଗଠନ ପରେ ପ୍ରଥମ ବିଧାନସଭାରେ ଏହି ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ କମିସନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟକୁ ବିଧାନସଭାରେ ରାଜ୍ୟ ସରକାର ଦାଖଲ କରିବେ ବୋଲି କହିଥିଲେ। ହେଲେ ବିଧାନସଭାରେ ଏ ପର୍ଯ୍ୟନ୍ତ ଏହି ରିପୋର୍ଟକୁ ଦାଖଲ କରାଯାଇ ନାହିଁ । ଏନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପୁଣି କିଛି ସମୟ ମଧ୍ୟ ଦେଇଥିଲେ । ଏହାପରେ ରାଜ୍ୟ ସରକାର ଜବାବରେ ଦର୍ଶାଇଥିଲେ ଯେ, କମିସନଙ୍କ ରିପୋର୍ଟ ଦାଖଲ କରିବା ରାଜ୍ୟ ସରକାରଙ୍କ

ଇଚ୍ଛାଧୀନ। ଏହାକୁ ଅଦାଲତ ବାଧ୍ୟତାମୂଳକ କରିପାରିବେ ନାହିଁ । ରତ୍ନଭଣ୍ଡାରର ଗଣତିମଣତି ପାଇଁ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଥିଲା । ପ୍ରଥମେ ରତ୍ନଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ଏକ ଏସଓପି ପ୍ରସ୍ତୁତ କରିଥିଲେ। ୨୦୨୪ ଜୁଲାଇ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଗଲା । ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରକୁ ଏକ ଅସ୍ଥାୟୀ ଗୃହକୁ ସ୍ଥାନାନ୍ତରିତ କରାଗଲା । ଏହାପରେ ରାଜ୍ୟ ସରକାର ପ୍ରଥମେ ଶ୍ରୀ ଜଗନ୍ନାଥ ପରିଚାଳନା କମିଟିର ପୁନର୍ଗଠନ କଲେ । ଏହି କମିଟି ଆଉ ଏକ ରତ୍ନଭଣ୍ଡାର ସବ୍-କମିଟି ଗଠନ କଲା । ଏହି ସବ୍-କମିଟି ଅସ୍ଥାୟୀ ଗୃହରୁ ରତ୍ନ ଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର ପାଇଁ ପରାମର୍ଶ ଦେଲା । ତେବେ ଶ୍ରୀଜଗନ୍ନାଥ କମିଟି ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଆଉ ଏକ ସବ୍-କମିଟି ଗଠନ କଲା । ଏହି ସବ୍ କମିଟିରେ ପୁରୀ ଜିଲ୍ଲାପାଳ, ଏସ୍‌ପି, ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସେବକ ସଦସ୍ୟମାନେ ରହି ଏସଓପି ପ୍ରସ୍ତୁତ ପାଇଁ କୁହାଗଲା । ଏହି କମିଟି ଏସଓପି ପ୍ରସ୍ତୁତ କରିବା ସହ ମୁଖ୍ୟ ପରିଚାଳନା କମିଟିକୁ ଦେଲା। ଏହି କମିଟି ଏସଓପି ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଇଛି। ଏହି ଏସଓପିକୁ ଗଜପତି ମହରାଜଙ୍କ ନିକଟରେ ଦାଖଲ କରାଯିବା ପରେ ସେଠାରୁ ମଧ୍ୟ ଅନୁମୋଦନ ମିଳିସାରିଛି।

୧୯୭୮ ମସିହାରେ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ବର୍ତ୍ତମାନ ଗଣନା ପାଇଁ ଏକ ବେଞ୍ଚ ମାର୍କ ଭାବେ ଧରା ଯାଇଛି। ସେତେବେଳେ ଯେତିକି ଅଳଙ୍କାର ଥିଲା ବର୍ତ୍ତମାନ ସେତିକି ଅଛି କି' ନାହିଁ ତାହାକୁ ଟାଲି କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି। ଯେହେତୁ ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି କାର୍ଯ୍ୟ ଶେଷ ହୋଇଛି ଏଭଳି କ୍ଷେତ୍ରରେ ରାଜ୍ୟ ସରକାର ଆଉ ଅଳସୁଆ ଭଳି ବସି ନରହି ଏହାର ଅଳଙ୍କାରର ଗଣତି ମଣତି କାର୍ଯ୍ୟ ତିନିମାସ ମଧ୍ୟରେ ଶେଷ କରିବା ଲାଗି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

## ୧୧୪...

ରହିଛି। ୨୯ଟି ଫାଇଟର ସ୍କାର୍ଡନ୍ ବମାନ କାର୍ଯ୍ୟରତ ଅଛି। ମାତ୍ର ଏହି ବିମାନ ୪୨ଟି ରହିବା କଥା। ଡାସଲ୍ଟ ଆଭିଏସନ୍ ଭାରତର ଘରୋଇ କ୍ଷେତ୍ର କମ୍ପାନୀ ସହ ସହଭାଗିତା ହୋଇ ଏହାକୁ ଉତ୍ପାଦନ କରିବ।

## ରାହୁଲଙ୍କ...

ଚୁକ୍ତି ହୋଇଛି। ଶକ୍ତି ସୁରକ୍ଷା ଓ କୃଷକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇଛି। ତାଙ୍କ ଅଭିଭାଷଣ ସମୟରେ ବାରମ୍ବାର ଶାସକଦଳ ସଦସ୍ୟମାନେ ହସ୍ତକ୍ଷେପ କରିଥିଲେ। ହେଲେ ରାହୁଲ ତାଙ୍କ ଭାଷଣ ଜାରି ରଖି ସରକାରଙ୍କୁ ଟାର୍ଗେଟ କରିଥିଲେ। ନୀଶିକାନ୍ତ ଦୁବେଙ୍କ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ ତାଙ୍କ ସଦସ୍ୟତା ରଦ୍ଦ କରିବା ସହ ତାଙ୍କୁ ଆଜୀବନ ନିର୍ବାଚନ ଲଢ଼ିବାରୁ ବାରଣ କରାଯାଉ। ତେବେ ଏହି ପ୍ରସଙ୍ଗ ଉପରେ ରାହୁଲଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ସେ ଚିଁହିକି ଉଠିଥିଲେ। ଗଣମାଧ୍ୟମକୁ ସମାଲୋଚନା କରି କହିଥିଲେ ଯେ ନିଜର ଦାୟିତ୍ୱକୁ ଆପଣମାନେ ଭୁଲି ଯାଉଛନ୍ତି। ସରକାରଙ୍କ ପକ୍ଷରୁ ଯେଉଁ କି ୱାର୍ଡଟି ଦିଆଯାଉଛି ସେଥିରେ ଆଗେଇ ଚାଲିଛନ୍ତି। ଏଭଳି ସମ୍ବାଦ ପ୍ରଶାରଣ ଦେଶକୁ ସଠିକ୍ ସେବା ଯୋଗାଇବା ନୁହେଁ। ସାମ୍ବାଦିକମାନେ ସ୍ୱାଧୀନ ଭାବେ କାମ କରନ୍ତୁ। ବିଜେପିର କୌଣସି ଏଜେଣ୍ଡା ଅନୁଯାୟୀ କାର୍ଯ୍ୟ କରନ୍ତୁ ନାହିଁ।

# ହରଭଙ୍ଗାରେ ଅଖ, ଚକ ଜାମ ବନ୍ଦ ଶାନ୍ତି ପୂର୍ଣ୍ଣ

ହରଭଙ୍ଗା,(ସବ୍ୟୁ): କେନ୍ଦ୍ର ଓ ରାଜ୍ୟ ସରାକରଙ୍କ କୃଷକ ଓ ଶ୍ରମିକ ବିରୋଧି,କର୍ପୋରେଟ ସପକ୍ଷବାଦୀ ନୀତିକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଗୁରୁବାର ଦେଶବ୍ୟାପୀ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଏହାକୁ ସମର୍ଥନ ଜଣାଇ ହରଭଙ୍ଗା ବ୍ଲକ୍ ଅଞ୍ଚଳରେ ଗୁରୁବାର ସକାଳୁ କୃଷକ ସଂଗଠନ ପକ୍ଷରୁ ହୃଷିକେଶ ପ୍ରଧାନଙ୍କ ନେତୃତ୍ୱରେ ପିକେଟିଂ କରି ବ୍ଲକ ମୁଖ୍ୟାଳୟ ଚାରିଛକରେ ଏବଂ ପୁରୁଣା କଟକ ବଜାର ରେ ପିକେଟିଂ କରି ଦୋକାନ ବଜାର ଠାରୁ ସମସ୍ତ ସରକାରୀ ଦପ୍ତରଗୁଡିକ ବନ୍ଦ କରିଥିଲେ । ଫଳରେ ଜାତୀୟ ରାଜପଥ ଉପରେ ଏହା ସହିତ ଜାତୀୟ ରାଜପଥ ଉପରେ ଶହ ଶହ ସଂଖ୍ୟାରେ ଯାନବାହାନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିବା ଫଳରେ ଅଖ, ଚକ ସମ୍ପୂର୍ଣ୍ଣ ଜାମ ହୋଇପଡ଼ିଥିଲା । ଯାନବାହାନ ଚଳାଚଳ ବନ୍ଦ ଯୋଗୁଁ ଅନେକ ଯାତ୍ରୀ ହଇରାଣ ଭୋଗିଥିଲେ । ବ୍ଲକ୍‌ର ପ୍ରମୁଖ ବଜାର ପୁରୁଣା କଟକ ରେ ମଧ୍ୟ ଶାନ୍ତି ପୂର୍ଣ୍ଣ ଭାବେ ବନ୍ଦ ପାଳନ ହୋଇଥଲା ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋରାପୁଟ,(ସବ୍ୟୁ): ଭାଲେଣ୍ଟାଇନ୍ ଡେ' ଅତିନିକଟରେ ଥିବାରୁ ପ୍ରେମୀଯୁଗଳଙ୍କ ମନରେ ବହୁ ଯୋଜନା ପ୍ରସ୍ତୁତି ଚାଲିଛି ।ଏଭଳି ଏକ ସମୟରେ କୋରାପୁଟ ଜିଲ୍ଲାରୁ ଏକ ଅଭାବନୀୟ ଖବର ଆସିଛି । ସ୍ଥାନୀୟ ଲୋକଙ୍କର ଚର୍ଚ୍ଚା ଅନୁସାରେ ପ୍ରେମର ଖେଳ ଭିତରେ ନିଜକୁ ପରାଜିତ ମନେ କରି ପ୍ରେମୀଯୁଗଳ ଶେଷରେ ଜୀବନ ହାରି ଦେଇଛନ୍ତି । ସେମାନଙ୍କର ମୃତହେଦ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି । କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ପେଟୁରୁ ଗ୍ରାମପଞ୍ଚାୟତର ବଡ଼ାଗୁଡ଼ା ଗ୍ରାମ ନିକଟ ଏକ ତେନ୍ତୁଳି ଗଛରେ ଜଣେ ଯୁବକ ଓ ଯୁବତୀଙ୍କ ଝୁଲନ୍ତା ଶବ ଦେଖି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଦୁହିଁଙ୍କ ଝୁଲନ୍ତା ଶବ ଗ୍ରାମବାସୀ ଦେଖି ତୁରନ୍ତ ଉଦ୍ଧାର କରି ସୁଙ୍କି ଡାକ୍ତରଖାନାକୁ ନେଇଥିଲେ ଓ ସେଠାରେ ଡାକ୍ତର ମୃତ ଘୋଷଣା କରିଥିବା ସହିତ ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠେଇଥିବା ଜଣାପଡିଛି । ଖବରପାଇ ସୁଙ୍କି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ କି ବଡାଗୁଡା ଗ୍ରାମର ଝିଅ ମେରୀ ସଡାପେଲି ସହିତ ମାଟାମ ଜିଲ୍ଲାଗୁ=। ଗ୍ରାମର ପୁଅ ସିନ୍ଧେରି ରବିଙ୍କ ମଧ୍ୟରେ କିଛି ବର୍ଷ ହେବ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ କୌଣସି କାରଣ ବଶତଃ ଦୁହିଁଙ୍କ ପରିବାର ମଧ୍ୟରେ ବାହାଘର କରିବା ପାଇଁ ପ୍ରେମୀଯୁଗଳ ନିବେଦନ କରିଥିଲେ ଶେଷରେ ପରିବାର ରାଜି ନ ହେବା କାରଣରୁ ଦୁହେଁ ଏହିପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ତେବେ ପୁଲିସ ଘଟଣାର କାରଣ ଖୋଜୁଛି । ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଡିହାଇଡ୍ରେସନର ମୁକାବିଲା କରିବ କେନଭ୍ୟୁ

ଭୁବନେଶ୍ୱର (ସବ୍ୟୁ): କେନଭ୍ୟୁ ପକ୍ଷରୁ ସମ୍ପୂର୍ଣ୍ଣ ହାଇଡ୍ରେସନ ପାଇଁ ଓଆରଏସଏଲ ଏବଂ ଇଆରଜେଡଏଲ ନାମକ ଦୁଇଟି ବ୍ରାଣ୍ଡ ସମ୍ପର୍କରେ ଘୋଷଣା କରାଯାଇଛି । ଡାଇରିଆ ଏବଂ ଦୈନନ୍ଦିନ ହାଇଡ୍ରେସନ ଆବଶ୍ୟକତା ପାଇଁ ଅଭିନବ ସମାଧାନ ପ୍ରଦାନ କରି କମ୍ପାନୀ ଭାରତର ହାଇଡ୍ରେସନ୍ ବର୍ଗରେ ନିଜର ନେତୃତ୍ୱକୁ ଆହୁରି ସୁଦୃଢ କରିଛି । ଏହା ଦୈନନ୍ଦିନ ହାଇଡ୍ରେସନ ଏବଂ ଶାରୀରିକ କ୍ଲାନ୍ତି ଓ ଅବସାଦରୁ ମୁକ୍ତି ପାଇଁ ଉଦ୍ଦିଷ୍ଟ । ଇଆରଜେଡଏଲ ପୂର୍ବ ମିଶ୍ରଣ ତୁଳନାରେ ୧.୪ ଗୁଣ ଅଧିକ ଇଲେକ୍ଟ୍ରୋଲାଇଟ୍ ଏବଂ ୮ ଗୁଣ କମ୍ ଚିନି ସହିତ ପାଣି ଅପେକ୍ଷା ଅଧିକ ଶୀଘ୍ର ହାଇଡ୍ରେସନ୍ ପ୍ରଦାନ କରିଥାଏ । ଦ୍ୱୈତ ବ୍ରାଣ୍ଡ ରଣନୀତି ଉପରେ ମତ ରଖି କେନଭ୍ୟୁ ଇଣ୍ଡିଆର ମ୍ୟାନେଜିଂ ଡାଇରେକ୍ଟରର ମନୀଷ ଆନନ୍ଦାନୀ କହିଛନ୍ତି ଯେ, ଡିହାଇଡ୍ରେସନ ଏକ ବର୍ଦ୍ଧିତ ସ୍ୱାସ୍ଥ୍ୟ ଚିନ୍ତା ଭାବେ ଉଭା ହେଉଥିବାବେଳେ, ଓଆରଏସଏଲ ଏବଂ ଇଆରଜେଡଏଲର ଶୁଭାରମ୍ଭ କେନଭ୍ୟୁକୁ ଉଭୟ ଅସୁସ୍ଥତା ଜନିତ ଏବଂ ଦୈନନ୍ଦିନ ହାଇଡ୍ରେସନ୍ ଆବଶ୍ୟକତା ପୂରଣ କରିବାକୁ ସୁଯୋଗ ଦେଇଛି ।

# ଭାଲେଣ୍ଟାଇନ୍ସ ଡେ ପାଇଁ ଆମାଜନ ଷ୍ଟୋରରେ ଆକର୍ଷଣୀୟ ରିହାତି

ଭୁବନେଶ୍ୱର (ସବ୍ୟୁ): ଆମାଜନ.ଇନ ଏହାର ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଭାଲେଣ୍ଟାଇନ୍ସ ଡେ ଷ୍ଟୋରରେ ବିଭିନ୍ନ ଉପହାର ଉପରେ ଆକର୍ଷଣୀୟ ରିହାତି ଘୋଷଣା କରିଛି । ତାଜା ଫୁଲ ବିତରଣ ଏବଂ ସ୍ୱାଦିଷ୍ଟ ଚକୋଲେଟ ଠାରୁ ଆରମ୍ଭ କରି ଫ୍ୟାଶନେବଲ୍ ଲୁକ୍, ସ୍ମାର୍ଟ ଟେକ୍ ଏବଂ ଘର ସାଜସଜ୍ଜା ପର୍ଯ୍ୟନ୍ତ ଆମାଜନ.ଇନରେ ଏହି ଭାଲେଣ୍ଟାଇନ୍ସ ଡେରେ ଅନେକ ବିକଳ୍ପ ପାଇପାରିବେ । ଏହାବ୍ୟତୀତ ଓନ୍ଲି, ଭେରୋ ମୋଡା, ଗାପ୍, ଲେଭିସ୍, ଏନାମର, ଭ୍ୟାନ୍ ହ୍ୟୁସେନ୍, ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡରୁ ହାତରେ ବାଛିଥିବା ଭାଲେଣ୍ଟାଇନ୍ସ ଡେ ଲୁକ୍ ଉପରେ ବହୁତ ସଞ୍ଚୟ କରିପାରିବେ । ଆମାଜନର ଏଆଇ-ଚାଳିତ ସପିଂ ଆସିଷ୍ଟାଂଟ ରୁଫସ୍ ସହିତ, ଗ୍ରାହକମାନେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ ଏବଂ ବ୍ୟକ୍ତିଗତ ସୁପାରିଶଗୁଡ଼ିକ ଗ୍ରହଣ କରିପାରିବେ । ଗ୍ରାହକମାନେ ଆମାଜନ୍ ବଜାରରେ ଟ.୯୯ ରୁ ଆରମ୍ଭ ହେଉଥିବା ଶ୍ରେଷ୍ଠ ଭାଲେଣ୍ଟାଇନ୍ସ ଡେଡ଼' ଉପହାର ସାମଗ୍ରୀ ଆବିଷ୍କାର କରିପାରିବେ । ଏହା ସହିତ ସମସ୍ତ ଅର୍ଡରରେ କ୍ୟାସବ୍ୟାକ୍ ଏବଂ ମାଗଣା ବିତରଣ ମଧ୍ୟ କରିପାରିବେ ।

# ଯୁବଛାତ୍ର ବିଜେଡିର ସଭାପତି ନାମ ଘୋଷଣା

ଭୁବନେଶ୍ୱର (ସବ୍ୟୁ) : ଯୁବ ଓ ଛାତ୍ର ବିଜେଡିର ୧୦ ଲେଖାଏଁ ଜିଲ୍ଲା ଲାଗି ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଯୁବ ବିଜେଡି ଲାଗି କଳାହାଣ୍ଡି, ବରଗଡ, ବୌଦ୍ଧ, ଭଦ୍ରକ, ମାଲକାନଗିରି, କୋରାପୁଟ, ଢ଼େଙ୍କାନାଳ, ବଲାଙ୍ଗିର, ଗଞ୍ଜାମ ଓ ନବରଙ୍ଗପୁର ଜିଲ୍ଲା ପାଇଁ ସଭାପତି ଘୋଷଣା କରାଯାଇଥିବାବେଳେ ଛାତ୍ର ବିଜେଡି ଲାଗି ମଧ୍ୟ ଅନୁରୂପ ଭାବେ ଏହି ୧୦ ଜିଲ୍ଲା ଲାଗି ସଭାପତି ଘୋଷଣା କରାଯାଇଛି ।


GOVT. OF ODISHA 25001/153/2526
OFFICE OF THE SUPERINTENDING ENGINEER
RURAL WORKS DIVISION, ANANDAPUR
E-Mail:- eerw_anandapur@yahoo.co.in
No. 804 Date : 10.02.26

CORRIGENDUM NOTICE FOR TENDER CANCELLATION

The tender for the works invited vide e-Procurement Notice No. 374 Dtd. 17.01.2026 (Bid Identification No. NCB-Online 15/EE/RW/AND/2025-26) of Executive Engineer, O/o the Superintending Engineer, Rural Works Division, Anandapur is hereby cancelled due to single bidder participation

Sd/- Executive Engineer
R.W. Division, Anandapur
OIPR : 25001/25055/1/25-26/0013

ODISHA STATE SEEDS CORPORATION LTD. 1s001/20/2526
(A GOVERNMENT UNDERTAKING) No. OSSC/PDN/04/2025
SANTARAPUR, BHUBANESWAR-751002 Date - 10.02.2026
Tel-MD 0674-2340573
E Mail- mdossctd456@gmail.com

Notice for Expression of Interest (EOI) for selection of SPAs for undertaking seed production.

Interested bidders may visit the website i.e. www.ossctd.in for downloading the document.

Last date of submission of EOI-17.02.2026 upto 5.00 PM.

Sd/-
Managing Director
OSSC Ltd.
OIPR : 1001/1045/1/25-26/0007

ଜନ୍ମଦିନ ଶୁଭେଚ୍ଛା



ଆଜି ତୋର ୩୧ତମ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ । ତୋର ଚଲାପଥ ସର୍ବଦା କୁସୁମିତ ହେଉ ଏତିକି ମା' ରାମଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା ।

ନିବେଦିତା ରଥ (ମାମା)
F.I and D.M.H
Odisha and Collaboration
Head of Indonesia

ଶୁଭେଚ୍ଛା ସହ :
ବାପା- ପ୍ରକାଶ କୁମାର ରଥ
(ପୂର୍ବତନ ବିଚାରପତି)
ମାମା - ପୂର୍ଣ୍ଣିମା ମିଶ୍ର
(ପୂର୍ବତନ ଅଧକ୍ଷା)
ସୋନପୁର (ଓଡ଼ିଶା)

OFFICE OF THE SUPERINTENDING ENGINEER,
P.H. DIVISION, BHUBANESWAR,
13001/205/2526 SAHID NAGAR, ODISHA
Phone / FAX :- 0674-2540578 (O) / e-Mail: eephiibbsr@gmail.com
Government of Odisha "e" Procurement Notice
Bid Identification No. 78 /2025-26

| | | | |
|---|---|---|---|
| 1. | Name of the work | : | 01 No. of work |
| 2. | Estimated cost | : | 15.30 Lakh. |
| 3. | Period of completion | : | One month. |
| 4. | Date & Time of availability of bid document in the portal | : | From 11.00 AM. of 12.02.2026 to 5.00 PM of 21.02.2026 |
| 5. | Last date / time for receipt of bids in the portal | : | 5.00 PM of 21.02.2026 |
| 6. | Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Superintending Engineer
P.H. Division,
Bhubaneswar
OIPR : 13001/13258/1/25-26/0001

OFFICE OF THE CHIEF ENGINEER, MEGA LIFT BHUBANESWAR
Plot no. A 8/2, Bhoinagar, Bhubaneswar, Odisha, PIN-751022 , E-Mail: cemlpwr.od@gmail.com
Government of Odisha "e" Procurement Notice
32001/84/2526
Bid Identification No. 12ML/2025-26

The Chief Engineer, Megalift on behalf of the Governor of Odisha invites online tender through "E"procurement for the work as detailed in the Annexure to this bid notice.

ANNEXURE TO BID NOTICE

| | |
|---|---|
| Name of the work | Appointment of Proof Engineering Consultant (PEC) for implementation of Mega Lift projects in Cluster No. XXXII |
| Cost of Tender Paper | Rs. 10,000/- |
| EMD/Bid Security | Rs. 1,00,000/- |
| Mode of payment of tender paper Cost & EMD | Online |
| Period of Completion: | 36 (Thirty-Six) Calendar months |
| Availability of Bid document for sale and receipt through on-line | From dt.12.02.2026,10.00 A.M, to dt.26.02.2026, up to 5.00 P.M. |
| Last date / time of receipt of bid in the portal | 26.02.2026 (5.00PM) |
| Date of Pre-bid Conference | 18.02.2026,11.00 AM |
| Date of opening of Techno-Commercial bid through online | On dt. 27.02.2026 at 11.00 A.M in the Office of the Chief Engineer, Megalift. |
| Class of Contractor | The bidder should be registered under the Companies Act, 1956 |
| Digital Signature Certificate of Bidder | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site https://dowr.odisha.gov.in | |
| Name & Address of the OIT | Chief Engineer, Megalift, Plot No. A-8/2, Bhoi Nagar, Bhubaneswar-751022 Ph.No -0674-2567252, Email ID: cemlpwr.od@gmail.com |
| Further details can be seen from the e-Procurement market place, https://tendersodisha.gov.in | |

OIPR : 32001/32504/1/25-26/0001
Sd/- Chief Engineer, Megalift, Bhubaneswar

ପଞ୍ଚାୟତ ସମିତି, ମାଲକାନଗିରି
PANCHAYAT SAMITI, MALKANGIRI
No. 358/2026 Date. 01.02.2026
Dist : MALKANGIRI
Pin : 764048
Ph No. : 06861-231219
Fax : 06861-231219
E-mail : ori-bmalkangiri@nic.in
19001/30/2526
TENDER CALL NOTICE NO-02/2025-26

The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D/(R&B)/Water Resources/Rural Works/M.I./C.P.W.D. for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the work | Amount put to tender (in Rs.) | Cost of tender paper (in Rs.) | E.M.D. | Time for completion of work (in months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Tandiki | Construction of ACR building at Burudi UPS | 13,89,003/- | 6000/- | 1% of Tender value | 04 (Four) Months | "D" & "C" |
| 2 | Malkangiri(M) | Construction of ACR building at Kumutiguda PS | 13,16,579/- | 6000/- | 1% of Tender value | 04 (Four) Months | "D" & "C" |
| 3 | Challanguda | Construction of ACR building at Challanguda KGBV | 13,86,430/- | 6000/- | 1% of Tender value | 04 (Four) Months | "D" & "C" |
| 4 | Pedawada | Construction of ACR building at Baraja PS | 13,85,355/- | 6000/- | 1% of Tender value | 04 (Four) Months | "D" & "C" |

Note- The amount put to Tender is excluding the GST. GST applicable on works/contracts shall be paid over the bill amount at the time of payment of bill.

1. Cost of Tender Paper:- Bids Must be accompanied with amount specified towards paper cost of the work as mentioned in the table (Col No. 5) above in shape of Demand Draft ( non-refundable) drawn in any Nationalized Bank/ Scheduled Bank in favour of Block Development officer, Malkangiri.
2. Sale of Tender papers:- The Tender documents can be accessed in the Govt./ Malkangiri website https://malkangiri.odisha.gov.in only from 12.02.2026 to 26.02.2026. No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. https://malkangiri.odisha.gov.in from 12.02.2026 to 26.02.2026.
3. Date of receipt and mode of submission tender paper: - The Tenderers have to submit the sealed tender papers in complete shape through Registered Post /Speed Post only. The last date of receipt of tender paper is 26.02.2026 (5.00 PM). The undersigned will not be responsible for postal delay if any or non receipt of the paper in time. The name of the project for which tender paper is filled should be written legibly on the cover in which all the required papers are kept and sealed.
4. Date of Opening of Tender Paper: The tender papers shall be opened on 27.02.2026 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the Tender Committee. N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.

Sd/- Block Development Officer
Malkangiri
OIPR : 19001/19024/1/25-26/0001

OFFICE OF THE EXECUTIVE ENGINEER, RWS&S DIVISION, KENDRAPARA.
At: Ichhapur, Post: Shree Baladevjew, Email: eerwsskendrapara@gmail.com
Identification No.RWS/68/2025-26
Letter No. 388/Dated. 12.02.2026
25001/155/2526
1st Corrigendum

This corrigendum has been made for the NIT-68 invited online vide this office letter No. 287 / Dated. 02.02.2026 with date of selling on dt. 10.02.2026, date of clarification on dt. 12.02.2026, date of closing on dt. 20.02.2026 and date of opening on dt. 21.02.2026 against which some amendments in the DTCN is done as mentioned below. All other terms and condition remain unaltered.

| Sl. No. | Name of Work as per NIT-68 of 2025-26 | Amendment in M³hour of IRPin page No.6 and 9 | Amendment in experience clause |
|---|---|---|---|
| 1 | Supply, Installation, Testing and Commissioning and Maintenance of IRP for a period of 5 years for RPWS to village Benipur Zone I under Derabish Block in Kedrapara District out of BASUDHA. | No change | Bidders must have executed the similar nature of work in last eight years |
| 2 | Supply, Installation, Testing and Commissioning and Maintenance of IRP for a period of 5 years for RPWS to village Benipur Zone two at Sadanandapur under Derabish Block in Kedrapara District out of BASUDHA. | 35 M³/hour | Bidders must have executed the similar nature of work in last eight years |
| 3 | Supply, Installation, Testing and Commissioning and Maintenance of IRP for a period of 5 years for RPWS to village Nahanga under Derabish Block in Kedrapara District out of BASUDHA. | 35 M³/hour | Bidders must have executed the similar nature of work in last eight years |
| 4 | Supply, Installation, Testing and Commissioning and Maintenance of IRP for a period of 5 years for RPWS to village Laxminarayanpur Zone II at Chhachina under Derabish Block in Kedrapara District out of BASUDHA. | 40 M³/hour | Bidders must have executed the similar nature of work in last eight years |

Sd/- (Er. Jyotiranjan Das)
Executive Engineer
RWS&S Division, Kendrapara
OIPR : 25001/25004/1/25-26/0023

ଭାରତ ସରକାର
କର୍ପୋରେଟ କାର୍ଯ୍ୟ ମନ୍ତ୍ରାଳୟ
ତ୍ୱରିତ କର୍ପୋରେଟ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ)
ଆଇଆଇସିଏ ବିଲ୍ଡିଂ, ୭ମ ମହଲା,
ପ୍ଲଟ ପି-୬,୭,୮, ସେକ୍ଟର-୫, ଆଇଏମଟି ମାନେସର, ଗୁଡଗାଓଁ,
ହରିୟାଣା-୧୨୨୦୫୦
Email : roc.cpace@mca.gov.in

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE)
IICA building, 7th Floor,
Plot P-6,7,8, Sector-5, IMT Manesar,
Gurgoan, Haryana-122050
Email : roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ--୬
ସାର୍ବଜନୀନ ନୋଟିସ୍
କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ର ଉପ-ଧାରା (୨) ଏବଂ ଉପ-ଧାରା (୪) ଏବଂ କମ୍ପାନୀଗୁଡ଼ିକର ନିୟମ ୭ (କମ୍ପାନୀଗୁଡ଼ିକର ପଞ୍ଜିକାରରୁ କମ୍ପାନୀଗୁଡ଼ିକର ନାମ ବାଦ ଦେବା) ନିୟମ, ୨୦୧୬ ର ନିୟମ ଅନୁଯାୟୀ
ସାର୍ବଜନୀନ ନୋଟିସ୍ : ROC/C-PACE/STK-୨/୨୪୮(୨)/୨୦୨୫-୨୬/୧୯୫୩ ତାରିଖ: -୦୪/୦୨/୨୦୨୬
ସନ୍ଦର୍ଭ:
କମ୍ପାନୀ ଆଇନ, ୨୦୧୩ ର ଧାରା ୨୪୮ ଅନୁଯାୟୀ କମ୍ପାନୀ ରେଜିଷ୍ଟ୍ରାରଙ୍କ ଦ୍ୱାରା (୧) କମ୍ପାନୀର ନାମ କାଟ ଦେବା କିମ୍ବା କାଟି ଦେବା ବିଜ୍ଞପ୍ତି ।

| କ୍ର.ନଂ. | [illegible] | ସିଆଇଏନ | କମ୍ପାନୀ ନାମ |
|---|---|---|---|
| 1 | AC1599921 | U74999OR2016PTC025600 | TECHITEG LIFESTYLE PRIVATE LIMITED |
| 2 | AC1480647 | U67100OR2019PLC030693 | SANJAYANEE NIDHI LIMITED |
| 3 | AC1360262 | U70101OR2007PTC009247 | RATNAVATI DEVELOPERS PRIVATE LIMITED |

୨. [illegible] କରିନାହାଁନ୍ତି ଏବଂ ଏହି ପ୍ରଭାବରେ ଏକ ଘୋଷଣାନାମା ଧାରା ୧୦କ ର ଉପଧାରା (୧) ଅନୁଯାୟୀ ଏହାର ଅନ୍ତର୍ଭୁକ୍ତ ହେବାର ଏକ ଶହ ଅଶୀ ଦିନ ମଧ୍ୟରେ ଦାଖଲ କରାଯାଇନାହିଁ / କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ କରୁନାହାଁନ୍ତି, ଯେପରି ଧାରା ୧୦କ ର ଉପଧାରା (୯) ଅନୁଯାୟୀ ଭୌତିକ ଯାଞ୍ଚ ପରେ ପ୍ରକାଶିତ ହୋଇଛି । କିନ୍ତୁ ସେମାନେ କମ୍ପାନୀ ଭାବରେ ଏହାର/ସେମାନଙ୍କର ପଞ୍ଜୀକରଣ ଜାରି ରଖିବାକୁ ଚାହାଁନ୍ତି ନାହିଁ ଏବଂ ତେଣୁ, କମ୍ପାନୀ ପଞ୍ଜୀକରଣରୁ ଏହାର/ସେମାନଙ୍କର ନାମ ବାଦ ଦେବା/ବାଦ୍ ଦେବା ପାଇଁ ଅନୁରୋଧ କରିଛନ୍ତି ।
୩. ତଦନୁସାରେ, କମ୍ପାନୀ ପଞ୍ଜୀକରଣ କମ୍ପାନୀ ପଞ୍ଜୀକରଣରୁ ଉପରୋକ୍ତ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି ।
୪. କମ୍ପାନୀ ପଞ୍ଜୀକରଣରୁ କମ୍ପାନୀଗୁଡ଼ିକର ନାମ ବାଦ ଦେବା କିମ୍ବା ବାଦ୍ ଦେବାର ପ୍ରସ୍ତାବକୁ ବିରୋଧ କରୁଥିବା ଯେକୌଣସି ବ୍ୟକ୍ତି ଏହି ସୂଚନା ପ୍ରକାଶନ ତାରିଖରୁ ତିରିଶ ଦିନ ମଧ୍ୟରେ ଉପରେ ଉଲ୍ଲେଖ କରାଯାଇଥିବା କାର୍ଯ୍ୟାଳୟ ଠିକଣାରେ ତାଙ୍କର ଆପତ୍ତି ପଠାଇପାରିବେ ।

ଭରତକୁ ଡିକି
ଡେପୁଟି ରେଜିଷ୍ଟ୍ରାର
ତ୍ୱରିତ କର୍ପୋରେଟ୍ ପ୍ରସ୍ଥାନ ପ୍ରକ୍ରିୟାକରଣ କେନ୍ଦ୍ର
CBC 07123/11/0690/2526



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

### ରେଭେନ୍ସା ଯୌନ ନିର୍ଯାତନା ଅଭିଯୋଗ ମାମଲା

## ଆଇସିସି ରିପୋର୍ଟ ଉପରେ ହାଇକୋର୍ଟଙ୍କ ରୋକ୍

କଟକ, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା ଦାଖଲ ହୋଇଥିବା ଅନ୍ତିମ ରିପୋର୍ଟ ଓ ତାହା ଆଧାରିତ କାର୍ଯ୍ୟାନୁଷ୍ଠାନ ଆଦେଶ ଉପରେ ରୋକ ଲଗାଇଛନ୍ତି। ଆବେଦନକାରୀଙ୍କ ବିରୋଧରେ କୌଣସି ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏହି ମାମଲାର ଅଧିକ ଶୁଣାଣି ଆବଶ୍ୟକ ବୋଲି କହିବା ସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଯୋଗକାରୀଙ୍କୁ ନୋଟିସ ଜାରି କରିଛନ୍ତି। ମାର୍ଚ୍ଚ ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ୨୦୨୫ ଡିସେମ୍ବର ୧୦ ଜାରି ହୋଇଥିବା ଆଇସିସିର ଅନ୍ତିମ ରିପୋର୍ଟକୁ ଚାଲେଞ୍ଜ କରିବା ସହ ୨୦୨୬ ଜାନୁଆରୀ ୩ରେ କୁଳପତିଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଆଦେଶକୁ ରଦ୍ଦ କରିବାକୁ ପ୍ରାର୍ଥନା କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଆବେଦନକାରୀଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର କୌଣସି ସ୍ପଷ୍ଟ ଠୋସ ପ୍ରମାଣ ନାହିଁ। ଏହା ମିଥ୍ୟା ଅଭିଯୋଗ ବୋଲି ଦର୍ଶାଯାଇଥିଲା।

### ଶ୍ରମିକ ସଙ୍ଗଠନର ଭାରତ ବନ୍ଦ ଡାକରା

## ରାଜଧାନୀରେ ନାକେଦମ୍ ହେଲେ ପଥଚାରୀ

ଭୁବନେଶ୍ୱର, (ସବ୍ୟୁ) : ଶ୍ରମିକ ସଙ୍ଗଠନର ବନ୍ଦର ପ୍ରଭାବ ରାଜଧାନୀରେ ଦେଖିବାକୁ ମିଳିଛି । ସକାଳ ୬ଟାରୁ ବିଭିନ୍ନ ଛକମାନଙ୍କରେ ଶ୍ରମିକ ନେତାଙ୍କ ନେତୃତ୍ୱରେ ଶ୍ରମିକମାନେ ପିକେଟିଂ କରିବା ସହ ରାସ୍ତାରୋକ କରିଥିଲେ । ଏପରିକି ବସ୍ ଚଳାଚଳ କରିନଥିଲା । କେବଳ ମୋ ବସ୍ ଚଳାଚଳ କରୁଥିବା ବେଳେ ମାଲବାହୀ ଗାଡି ଗଡିନଥିଲା । ମାର୍କେଟ ବିଲ୍ଡିଂର ବ୍ୟବସାୟୀମାନେ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବନ୍ଦ କରିଥିବା ବେଳେୟୁନିଟ୍-୧ ହାଟ ଖୋଲା ରହିଥିଲା । ହେଲେୟୁନିଟ୍-୧ ହାଟରେ ଲୋକଙ୍କ ଗହଳି ଦେଖିବାକୁ ମିଳିନଥିଲା । ଭୁବନେଶ୍ୱରରେ ଥିବା ବଡ ବଡ ସପିଂମଲ୍ ମଧ୍ୟ ଏଥିରୁ ବାଦ୍ ପଡିନଥିଲେ । ସପିଂମଲ ଓ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ସମେତ ବହୁ ଦୋକାନ ବନ୍ଦ ରହିଥିଲା ।

ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସକାଳୁ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥିଲେ ମଧ୍ୟ ବସ୍ ଛିଡା ହୋଇଥିଲେ ମଧ୍ୟ ଅନ୍ୟ ଜିଲ୍ଲାକୁ ଗଡିନଥିଲା । ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହିପରି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ବାହାରେ କିଛି ସମୟ ପାଇଁ ଟ୍ୟାକ୍ସି ଚଳାଚଳ ବନ୍ଦ ରହିଥିଲା । ଫଳରେ ଲୋକମାନେ ନିଜ ନିଜକ୍ଷପତ୍ର ଧରି ଚାଲି ଚାଲି ଆସୁଥିବା ଦେଖିବାକୁ ମିଳିଥିଲା । ସେହିପରି ମାଷ୍ଟରକ୍ୟାଣ୍ଟିନ ସିଟି ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ସାମ୍ନାରେ ଆନ୍ଦୋଳନକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜୟଦେବବିହାର ଛକରେ ଜାତୀୟ ରାଜପଥକୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଅବରୋଧ କରାଯାଇଥିବାରୁ ରାସ୍ତାରେ ଯାଉଥିବା ବରଯାତ୍ରୀ ଦଳ ନାହିଁନଥିବା ହୀନସ୍ତା ହୋଇଥିଲେ । ବରକୁ ଚାଲି ଚାଲି ଯିବାକୁ ଆନ୍ଦୋଳନକାରୀମାନେ କହିଥିଲେ । ବହୁ କାକୁତିମିନତୀ ହେବା ପରେ ସେମାନଙ୍କୁ ଛାଡି ଦେଇଥିଲେ । ଭୁବନେଶ୍ୱରରେ ଥିବା ବହୁ ସ୍କୁଲ, କଲେଜ ବନ୍ଦ ହୋଇନଥିଲେ ମଧ୍ୟ ଛାତ୍ରଛାତ୍ରୀମାନେ ଆସିପାରି ନଥିଲେ । ସେହିପରି ପେଟ୍ରୋଲ ପମ୍ପ ଓ କେତେକ ଦୋକାନ, ବଜାର ଆନ୍ଦୋଳନକାରୀଙ୍କ ଭୟରେ କିଛି ସମୟ ପାଇଁ ବନ୍ଦ ରହିଥିଲା । ଆନ୍ଦୋଳନକାରୀଙ୍କ ବନ୍ଦ ଡାକରାର ମିଶ୍ରିତ ପ୍ରଭାବ ପଡିଥିଲା । ପଥଚାରୀମାନେ ନାହିଁନଥିବା ହୀନସ୍ତା ହୋଇଥିଲେ । କେବଳ ଜୟଦେବବିହାର, ମାଷ୍ଟରକ୍ୟାଣ୍ଟିନ ନୁହେଁ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ପାଇଁ ପଥଚାରୀମାନେ ନାହିଁ ନଥିବା ହୀନସ୍ତା ହେଲେ । ମେଡିକାଲ ଓ ଅନ୍ୟ ଜରୁରୀକାଳୀନ କାମରେ ଯାଉଥିବା ଲୋକମାନେ ରାସ୍ତାରେ ଅଟକି ରହି ହିନସ୍ତା ହେଲେ ।

## କିଟ୍‌ରେ ଆରମ୍ଭ ହେବ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଠ୍ୟକ୍ରମ




ଭୁବନେଶ୍ୱର, (ସବ୍ୟୁ): ଏସିଆର ଅସୁରକ୍ଷିତ ବୌଦ୍ଧ ଐତିହ୍ୟର ସୁରକ୍ଷା ଦିଗରେ କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ଏସିଆ ମହାଦେଶର ଗ୍ରାମାଞ୍ଚଳରେ ଥିବା ୯୦ ପ୍ରତିଶତରୁ ଅଧିକ ବୌଦ୍ଧ ଐତିହ୍ୟ ସ୍ଥଳ ଅସୁରକ୍ଷିତ ରହିଥିବା ବେଳେ ଏ ସଂପର୍କରେ ଭାରତ, ଚୀନ୍, କୋରିଆ ଓ ଜାପାନର ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। କିଟ୍ ଓ କିସ୍ ଏହି ସବୁ ଐତିହ୍ୟ ସ୍ଥଳର ସୁରକ୍ଷା କିପରି କରାଯାଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବ। ଇଣ୍ଡିଆନ୍ ଟ୍ରଷ୍ଟ ଫର୍ ରୁରାଲ ହେରିଟେଜ୍ ଆଣ୍ଡ ଡେଭେଲପମେଣ୍ଟ ଦ୍ୱାରା ଗ୍ରାମାଞ୍ଚଳରେ ଅସୁରକ୍ଷିତ ବୌଦ୍ଧ ଐତିହ୍ୟ ସ୍ଥଳର ସଂରକ୍ଷଣ ଓ ପରିଚାଳନା ପାଇଁ ଏକ ଅନ୍ତର୍ଜାତୀୟ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। କିସ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଏହି ଏକାଡେମୀର ନେତୃତ୍ୱ ନେବେ। ପ୍ରଫେସର ଗାଲା କିଟ୍ ଲ ସ୍କୁଲ ସହଯୋଗରେ ୟୁନେସ୍କୋ ଅନ୍ତର୍ଜାତୀୟ ଐତିହ୍ୟ ଆଇନ ପାଇଁ ପାଠ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି। କିଟ୍ ଲ ସ୍କୁଲରେ ଏହି ପାଠ୍ୟକ୍ରମ ଆରମ୍ଭ ହେବା ପରେ ଏହା ଦକ୍ଷିଣ ଏସିଆରେ ପ୍ରଥମ ଶୈକ୍ଷିକ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଉଛି।

ପ୍ରଫେସର ଗାଲା ଗତ ବର୍ଷ ଏକ ପ୍ରମୁଖ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ଏକାଡେମୀ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସେହି ପ୍ରସ୍ତାବକୁ ଆଧାର କରି ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଏକ ପ୍ରତିନିଧି ଦଳ ଗତ ୭ ତାରିଖରେ ନୂଆଦିଲ୍ଲୀରେ ଏହି ଏକାଡେମୀର ଗଠନ, ପାଠ୍ୟକ୍ରମ ଓ ଦୀର୍ଘକାଳୀନ ରୋଡ୍‌ମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଗ୍ରାମୀଣ ପ୍ରେକ୍ଷାପଟ୍ଟରେ ଅସୁରକ୍ଷିତ ବୌଦ୍ଧ ସ୍ଥଳଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଆଇନଗତ ଢାଞ୍ଚା, ସ୍ଥାନୀୟ ଲୋକଙ୍କ ଭାଗୀଦାରି ଓ ନୈତିକ ପରିଚାଳନା ସମନ୍ୱିତ ମଡେଲର ଆବଶ୍ୟକତା ଉପରେ ପ୍ରଫେସର ଗାଲା ଗୁରୁତ୍ୱାରୋପ କରିଥିଲେ। ଏହି ପ୍ରୟାସ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱ ବହନ କରେ। ସଂପ୍ରତି ୟୁନେସ୍କୋ ଏକ କ୍ରମିକ ନାମାଙ୍କନ ମାଧ୍ୟମରେ ରାଜ୍ୟର ପ୍ରସିଦ୍ଧ ବୌଦ୍ଧ ସ୍ୱର୍ଣ୍ଣ ତ୍ରିଭୁଜ - ରତ୍ନଗିରି, ଉଦୟଗିରି ଓ ଲଳିତଗିରିକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପାଇଁ ଭାରତର ଅସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରିଛି। ଯଦି ଏହାକୁ ପୂର୍ଣ୍ଣ ବିଶ୍ୱ ଐତିହ୍ୟ ମାନ୍ୟତା ମିଳେ, ତେବେ ପ୍ରସ୍ତାବିତ ଶୈକ୍ଷିକ କାର୍ଯ୍ୟକ୍ରମ ଓ ଅନ୍ତର୍ଜାତୀୟ ଏକାଡେମୀ ଏହି ଐତିହାସିକ ସ୍ଥଳଗୁଡ଼ିକୁ ପରିଚାଳନା, ସଂରକ୍ଷଣ ଓ ଆଇନଗତ ସୁରକ୍ଷା ଦେବାରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି କୁହାଯାଉଛି।

## ସାଇବର ଲୁଟେରାଙ୍କ ପଞ୍ଝାରୁ ଖସିଗଲେ ଦମ୍ପତି, ଲୁଟ୍ ହେଲାନି ୨୦ଲକ୍ଷ

ଭୁବନେଶ୍ୱର, (ସବ୍ୟୁ) : ସାଇବର ଲୁଟେରାମାନେ ଦୁଇଦିନ ଡିଜିଟାଲ ଆରେଷ୍ଟ କରି ବରିଷ୍ଠ ନାଗରିକ ଦମ୍ପତିଙ୍କ ଠାରୁ ଟଙ୍କା ଲୁଟ୍ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହେଲେନାହିଁ । ତାଙ୍କୁ ଟେଲିଫୋନ୍‌ରେ ଧମକାଇଥିଲେ ତୁମ ଆଧାର କାର୍ଡ ଆତଙ୍କବାଦୀ ବ୍ୟବହାର କରୁଛନ୍ତି । ତେଣୁ ତୁମର ଆତଙ୍କବାଦୀଙ୍କ ସହ ଲିଙ୍କ୍ ରହିଛି । ସେମାନେ ୮୦ଲକ୍ଷ ଟଙ୍କା ତୁମ ଆକାଉଣ୍ଟକୁ ପଠାଇଛନ୍ତି । ଏହିପରି ଦୁଇଦିନ ତାଙ୍କୁ ଡିଜିଟାଲ ଆରେଷ୍ଟ କରି ରଖିବା ପରେ ଟଙ୍କା ପଠାଇବାକୁ କହିଥିଲେ । ଆର୍‌ଟିଜିଏସ୍ ମାଧ୍ୟମରେ ୨୦ଲକ୍ଷ ଟଙ୍କା ଦମ୍ପତି ପଠାଇଥିଲେ ମଧ୍ୟ ତାହା ସେମାନେ ଦେଇଥିବା ଆକାଉଣ୍ଟକୁ କୌଣସି କାରଣରୁ ଯାଇନଥିଲା । ଏହାପରେ ବରିଷ୍ଠ ନାଗରିକ ତାଙ୍କ ବନ୍ଧୁଙ୍କୁ ଡାକି ସବୁ କହିବା ପରେ ସେମାନେ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ବ୍ୟାଙ୍କକୁ ଯାଇ ମଧ୍ୟ ପଠାଇଥିବା ଟଙ୍କାକୁ ବ୍ଲକ୍ କରିଦେଇଥିଲେ । ଏହାପରେ ମୋବାଇଲରୁ ସିମ୍ ପ୍ରଭୃତି କାଢି ବନ୍ଦ କରିଦେଇଥିଲେ । ଏପରିକି ଗୋଟିଏ ଫୋନ୍‌ରେ ଖାଲି ଟେଲିଫୋନ୍‌ରେ କଥା ହେବା ପାଇଁ ଆକଫିଭ୍ ରଖିଥିଲେ । ଅବସରପ୍ରାପ୍ତ ନାଲ୍‌କୋର ଡିଜିଏମ୍ (ସେଫ୍‌ଟି) ସରୋଜ କୁମାର ପଟ୍ଟନାୟକ ଓ ତାଙ୍କ ସ୍ତ୍ରୀକୁ ଆତଙ୍କବାଦୀମାନେ ଏନ୍‌ଆଇଏ ଓ ଏଟିଏସ୍ ଅଫିସର କହି ଭିଡିଓ କଲ ମାଧ୍ୟମରେ ମାଟିଆ ପୋଷାକ ପିନ୍ଧି ଧମକଚମକ ଦେଇଥିଲେ । ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିବାରୁ ତୁମକୁ ଡିଜିଟାଲ ଆରେଷ୍ଟ କରାଯାଇଛି । ପୁନାରେ ସରେଣ୍ଡର କରନ୍ତୁ ନଚେତ୍ କେସ୍ ଚପାଇବା ପାଇଁ ଟଙ୍କା ଦିଅନ୍ତୁ ବୋଲି ଧମକ ଦେଇଥିଲେ । ସେ ନିଜଆଡୁ ପାଟନାରୁ କହୁଥିବା କହିବା ସହ ପୁନେରେ ଏନ୍‌ଆଇଏ ଅଫିସ୍‌ରେ ସରେଣ୍ଡର କରିବାକୁ କହିବା ପରେ ବରିଷ୍ଠ ନାଗରିକ ବିରକ୍ତ ହୋଇ ଗିରଫ କରିବା କଥା ଯଦି ଘରକୁ ଆସି କର ।

## ଓଲ୍ଡ ବ୍ରିଜ ମ୍ୟୁଚୁଆଲ ଫଣ୍ଡ ଇକ୍ୱିଟି ଅଫରିଂ ସମ୍ପ୍ରସାରିତ କରି ପ୍ରଚଳନ କଲା ଓଲ୍ଡ ବ୍ରିଜ୍ ଫ୍ଲେକ୍ସି କ୍ୟାପ୍ ଫଣ୍ଡ

ଭୁବନେଶ୍ୱର (ସବ୍ୟୁ): ଓଲ୍ଡ ବ୍ରିଜ୍ ମ୍ୟୁଚୁଆଲ ଫଣ୍ଡ ସମସ୍ତ ଲାର୍ଜ କ୍ୟାପ୍, ମିଡ୍-କ୍ୟାପ୍ ଏବଂ ସ୍ମଲ କ୍ୟାପ୍ ଷ୍ଟକଗୁଡିକରେ ପୁଞ୍ଜିନିବେଶ କରୁଥିବା ଏକ ଓପନ୍ ଏଣ୍ଡେଡ ପ୍ରଗତିଶୀଳ ଇକ୍ୱିଟି ସ୍କିମ୍ 'ଓଲ୍‌ଡ ବ୍ରିଜ୍ କ୍ୟାପ ଫଣ୍ଡ' ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି, ଯାହା ପୁଞ୍ଜିନିବେଶକଙ୍କୁ ଏକକ ବିବିଧକୃତ ପୋର୍ଟଫୋଲିଓ ଜରିଆରେ ବଜାର ଚକ୍ରରେ ଆଗକୁ ବଢିବା ନିମନ୍ତେ ନମନୀୟତା ପ୍ରଦାନ କରୁଛି। ଓଲ୍ଡ ବ୍ରିଜ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ନିୟୁ ଫଣ୍ଡ ଅଫର (ଏନ୍‌ଏଫଓ) ୨୦୨୬ ଫେବୃଆରୀ ୧୩ ତାରିଖରେ ଉନ୍ମୁକ୍ତ ହେବ ଏବଂ ୨୦୨୬ ଫେବୃଆରୀ ୨୩ ତାରିଖରେ ବନ୍ଦ ହେବ। ଏହି ସ୍କିମ୍‌ୟୁ ନିଟ୍ ପିଛା ପ୍ରାରମ୍ଭିକ ମୂଲ୍ୟ ୧୦ ଟଙ୍କାରେ ଯୋଗାଇ ଦିଆଯାଉଛି, ଯେଉଁଥିରେ ଏକକାଳୀନ ଆବେଦନଗୁଡିକ ନିମନ୍ତେ ସର୍ବନିମ୍ନ ପୁଞ୍ଜିନିବେଶ ରାଶି ୫୦୦୦ ଟଙ୍କା ଏବଂ ଏସ୍‌ଆଇପି ନିମନ୍ତେ ୧୦୦୦ ଟଙ୍କା ରଖାଯାଇଛି। ଫଣ୍ଡ ସମୁଦାୟ ବଜାର ପୁଞ୍ଜିକରଣରେ ମେକାନିକାଲ ଅର୍ଥ ଆବଣ୍ଟକ୍ଷଗ୍ମ;ନ ଅପେକ୍ଷା ବ୍ୟବସାୟର ଗୁଣାତ୍ମକ ଦିଗ ଏବଂ ଅଭିବୃଦ୍ଧିର ଅବଧି ଦ୍ୱାରା ପରିଚାଳିତ ପୁଞ୍ଜି ଆବଣ୍ଟନ ସହିତ ବଟମ୍-ଅପ୍, ବିଜିନେସ୍-ବାଇ-ବିଜିନେସ୍ ପୁଞ୍ଜିନିବେଶ ଆଭିମୁଖ୍ୟ ପୋଷଣ କରୁଛି।

## ଭାରତ ସରକାରଙ୍କ ସହିତ ଜିନ୍ଦଲ ଷ୍ଟେନଲେସ୍‌ର ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍, ଦେଶର ଅଗ୍ରଣୀ ଷ୍ଟେନଲେସ୍ ଉତ୍ପାଦକାରୀ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ସହିତ ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରିଛି।




ନୂତନ ଭାବରେ ଆରମ୍ଭ ହୋଇଥିବା ସ୍ପେଶାଲିଟି ଷ୍ଟିଲ୍ ପାଇଁ ପ୍ରଡକ୍ସନ୍ ଲିଙ୍କ୍ ଇନସେଂଟିଭ(ପିଏଲ୍‌ଆଇ) ୧.୨ ଅଧୀନରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ସହିତ ସମନ୍ୱିତ ଏହି ଯୋଜନା ଭାରତର ଉଚ୍ଚ ମୂଲ୍ୟ ଯୁକ୍ତ ଉତ୍ପାଦନ କ୍ଷମତାକୁ ଦୃଢ଼ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ପେଶାଲିଟି ଷ୍ଟିଲ୍ ଓ ଷ୍ଟେନଲେସ୍ ଷ୍ଟିଲ୍ କ୍ଷେତ୍ରରେ ଆମଦାନୀ ନିର୍ଭରତା ହ୍ରାସ କରିବା ଦିଗରେ ଏହା ବିଶେଷ ଭାବରେ ସହାୟକ ହେବ । ଏହି ବୁଝାମଣାପତ୍ର ବିଜ୍ଞାନ ଭବନ, ନୂଆଦିଲ୍ଲୀଠାରେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ, ଭାରୀ ଶିଳ୍ପ ଓ ଇସ୍ପାତଙ୍କ ଉପସ୍ଥିତିରେ ହୋଇଚି । ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍ ତରଫରୁ ବିଜୟ ଶର୍ମା, ନିର୍ଦ୍ଦେଶକ, କର୍ପୋରେଟ୍ ବ୍ୟାପାର ଉପସ୍ଥିତ ଥିଲେ । ସ୍ପେଶାଲିଟି ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ବର୍ଗରେ ନିରନ୍ତର ଭାବେ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିଏଲ୍‌ଆଇ ଏଲଆଇ୧.୨ ଯୋଜନାର ଆରମ୍ଭ କରାଯାଇଛି। ଜିନ୍ଦଲ ଷ୍ଟେନଲେସ ପାଇଁ, ପିଏଲ୍‌ଆଇ ୧.୨ ର ଆରମ୍ଭ କମ୍ପାନୀର ଚାଲୁଥିବା ଏବଂ ଯୋଜିତ ବିନିଯୋଗ ସହିତ ସଂଯୋଜିତ। କମ୍ପାନୀ ଅନୁବୃଦ୍ଧି ସହ ଘରୋଇ ଚାହିଦା ଓ ଉଭୟ ଜାଗତିକ ସୁଯୋଗ ସମ୍ବଳିତ ଉତ୍ପାଦନ କ୍ଷମତା ବିସ୍ତାର କରୁଛି, ଯାହାର ଲକ୍ଷ୍ୟ ହେଉଛି ମୂଲ୍ୟ-ଯୋଗ କରାଯାଇଥିବା ଉତ୍ପାଦ ଏବଂ ଉନ୍ନତ ପ୍ରୟୋଗଗୁଡ଼ିକ ପାଇଁ। ଜିନ୍ଦଲ୍ ଷ୍ଟେନଲେସ ପାଇଁ, ପିଏଲ୍‌ଆଇ ୧.୨ ଯୋଜନାର ଆରମ୍ଭ ସଂସ୍ଥାର ବର୍ତ୍ତମାନ ଓ ପରିକଳ୍ପିତ ଇନଭେଷ୍ଟମେଂଟସ୍ ସହ ସାମଞ୍ଜସ୍ୟ ପାଉଛି, ଯାହା ଷ୍ଟେନଲେସ୍ ଷ୍ଟିଲ୍ ଓ ସଂଲଗ୍ନ ବିଶେଷ ଗ୍ରେଡ୍‌ମାନଙ୍କରେ ନିବେଶ ସହିତ ସମ୍ବନ୍ଧିତ। ସଂସ୍ଥା ନିର୍ମାଣ କ୍ଷମତାକୁ ଧୀରେ ଧୀରେ ବୃଦ୍ଧି କରୁଛି, ଯାହା ମୂଲ୍ୟ-ବୃଦ୍ଧି ଉତ୍ପାଦ ଓ ଉନ୍ନତ ଆବେଦନଗୁଡ଼ିକୁ କେନ୍ଦ୍ର କରିଦେଶୀୟ ଚାହିଦା ଓ ଉଦିଷ୍ଟ ବିଶ୍ୱ ବଜାରର ଅବସରକୁ ପୂରଣ କରିବାରେ ସାହାଯ୍ୟ କରିବ। ପିଏଲ୍‌ଆଇ ୧.୨ ଯୋଜନା ଦୃଢ ଶିଳ୍ପ ଚାହିଦା ଓ ଦୀର୍ଘସୂତ୍ରୀୟ କ୍ଷମତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଛି।

## ଉଚ୍ଚସ୍ତରୀୟ କମିଟି ସହିତ କଲେଜ ଡ଼ି.ଇ.ଓ ସଂଘର ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚସ୍ତରୀୟ କମିଟିର ନିର୍ଦ୍ଦେଶଅନୁସାରେ ଓଡିଶା ଅନୁଦାନ ପ୍ରାପ୍ତ କଲେଜ ଡାଟାଏଣ୍ଟ୍ରି ଅପରେଟର ସଂଘ ସହିତ ଏକ ଆଲୋଚନାଚକ୍ର ତୋଷାଳୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନାରେ ରାଜ୍ୟରେ ଥିବା ଅନୁଦାନ ପ୍ରାପ୍ତ କଲେଜର ଡାଟାଏଣ୍ଟ୍ରି ଅପରେଟର ମାନଙ୍କର ଚାକିରୀ ସର୍ତ୍ତାବଳୀ ଏବଂ ୨୦୦୮ ରୁ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପଦବୀଗୁଡିକୁ ବ୍ଲକଗ୍ରାଣ୍ଟ ସମ୍ପ୍ରସାରଣବେଳେ କଲେଜ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ କିପରି ବ୍ଲକଗ୍ରାଣ୍ଟରେ ଅନ୍ତର୍ଭୁକ୍ତ କରାଯିବ ସେ ବିଷୟରେ ବିଷଦଭାବେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ବର୍ତ୍ତମାନ କଲେଜଗୁଡିକର ଡାଟାଏଣ୍ଟ୍ରି ଅପରେଟରମାନଙ୍କର ବିବିଧ କାର୍ଯ୍ୟାବଳୀ ଦୃଷ୍ଟିରୁ ଉକ୍ତ ପଦବୀକୁ ବ୍ଲକଗ୍ରାଣ୍ଟ ପରିସରଭୁକ୍ତ କରିବାକୁ ସଂଘର ସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ସଧାରଣ ସମ୍ପାଦକ ଅରୁଣ କୁମାର ବାରିକ ଉଚ୍ଚସ୍ତରୀୟ କମିଟିକୁ ଅନୁରୋଧ କରିଥିଲେ । କମିଟି ଉକ୍ତ ଦାବିକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ଏକ ସକାରାତ୍ମକ ସୁପାରିଶ ରାଜ୍ୟ ସରକାରଙ୍କୁ କରାଯିବବୋଲି ସଂଘକୁ ଅବଗତ କରିଥିଲେ । ଉକ୍ତ ଆଲୋଚନାରେ କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ସହିତ ଅନ୍ୟ ସଦସ୍ୟ ଏବଂ କଲେଜ ଡାଟାଏଣ୍ଟ୍ରି ଅପରେଟର ସଂଘ ତରଫରୁ ଦେବବ୍ରତ ସାହୁ, ଅକ୍ଷୟ କୁମାର ଦାଶ, ସଂଜିତ କୁମାର ମହାନ୍ତି, ଅମୂଲ୍ୟ ରତ୍ନ ଷଡ଼ଙ୍ଗୀ, ରତିକାନ୍ତ ବେହେରା ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଗ୍ରିଡ୍‌କୋ ଫାଇନାନ୍ସ ସର୍ଭିସ ୱେଲଫେୟାର ଆସୋସିଏସନ (ଜିଏଫ୍‌ଏସ୍‌ଡବ୍ଲ୍ୟୁଏ)ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଗ୍ରିଡ୍‌କୋ ଫାଇନାନ୍ସ ସର୍ଭିସ ୱେଲଫେୟାର ଆସୋସିଏସନ୍ ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଓପିଟିସିଏଲ୍ ପାୱାର କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରିଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଡଃ ସତ୍ୟପ୍ରିୟ ରଥ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀକାନ୍ତ କୁମାର ସାହୁ(ନିର୍ଦ୍ଦେଶକ, ଅର୍ଥ, ଓପିଟିସିଏଲ୍ , କ୍ଷୀରୋଦ କୁମାର ନନ୍ଦ (ନିର୍ଦ୍ଦେଶକ, ଅର୍ଥ), ଗ୍ରିଡ୍‌କୋ, ପ୍ରଶାନ୍ତ କୁମାର ପଟ୍ଟନାୟକ (ନିର୍ଦ୍ଦେଶକ, ଅପରେସନ), ଓପିଟିସିଏଲ୍, ପ୍ରଦୀପ କୁମାର ଦାଶ (ନିର୍ଦ୍ଦେଶକ (ପ୍ରୋଜେକ୍ଟ), ଓପିଟିସିଏଲ୍ ଏବଂ ଅନୀତା ମହାପାତ୍ର , ସିଜିଏମ୍ (ଏଚ୍‌ଆର୍‌ଡି) ପ୍ରମୁଖ ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇଥିଲେ। ଆସୋସିଏସନ୍‌ର ସଭାପତି ମହେଶ୍ୱର ବେହେରା ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଉପୁଜୁଥିବା ବିଭିନ୍ନ ଅସୁବିଧା ଉପରେ ଆଲୋକପାତ କରିଥିଲେ। ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଦାମୋଦର ମିଶ୍ର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ସେ ଓପିଟିସିଏଲ୍ ଓ ଗ୍ରିଡ୍‌କୋର ଫାଇନାନ୍ସ ଏକ୍‌ଜୁକ୍ୟୁଟିଭମାନଙ୍କର ଅସୁବିଧା ଉପରେ ଆଲୋକପାତ କରିଥିଲେ। ସେ ଫାଇନାନ୍ସ ଏକ୍‌ଜୁକ୍ୟୁଟିଭମାନଙ୍କ ନିଯୁକ୍ତି, ଜୁନିଅର୍ ମ୍ୟାନେଜରମାନଙ୍କ ପଦୋନ୍ନତି ଓ ଆର୍ଥିକ କ୍ୟାଡର୍‌ର ପୁନର୍ଗଠନ ସମ୍ପର୍କରେ ଦାବୀ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରଥ ସମସ୍ତ ସଦସ୍ୟଙ୍କୁ ସମ୍ବୋଧିତ କରିବା ସହ ଗ୍ରିଡ୍‌କୋ ଓ ଓପିଟିସିଏଲ୍‌ର ଆର୍ଥିକ କର୍ମଚାରୀମାନଙ୍କ ଦାୟିତ୍ୱ ଓ ଭୂମିକା ଉପରେ ଆଲୋଚନା




କରିଥିଲେ। ସେ କର୍ମଚାରୀମାନଙ୍କ ବର୍ଦ୍ଧିତ କାର୍ଯ୍ୟ ଉପରେ ମଧ୍ୟ ଆଲୋଚନା କରିଥିଲେ। ସମସ୍ତ ସଦସ୍ୟଙ୍କ ଦାବୀଗୁଡିକ ଉପରେ ଆଲୋଚନା କରାଯାଇ ସମୟକ୍ରମେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସମସ୍ତଙ୍କୁ ପ୍ରତିଶୃତି ଦେଇଥିଲେ। ଶ୍ରୀକାନ୍ତ କୁମାର ସାହୁ ଓ କ୍ଷୀରୋଦ ଚନ୍ଦ୍ର ନନ୍ଦ କମ୍ପାନୀର ବଦଳୁଥିବା ପରିସ୍ଥିତିରେ ଫାଇନାନ୍ସ ଅଧିକାରମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଦ୍ୱାରା କମ୍ପାନୀ ଆଇନ୍ ୨୦୧୩ , ଆଇଏନ୍‌ଡି, ଏଏସ୍ , ଗ୍ରିଡ୍‌କୋ / ଓପିଟିସିଏଲ୍‌ରେ ସାପ୍ ଦ୍ୱାରା କରାଯାଇଥିବା ପରିବର୍ତ୍ତନ ସହିତ ସେମାନେ ନିଜକୁ ଖାପ ଖୁଆଇ ପାରିବେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଗ୍ରିଡ୍‌କୋ ଓ ଓପିଟିସିଏଲ୍‌ର ଅଧିକାରୀମାନେ ଏଥିରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ୫୦ ୟୁନିଟ୍‌ରୁ ଉଦ୍ଧ୍ୱର୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଏକ ସ୍ମାରକୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆସୋସିଏସନ୍‌ର ଏକ୍‌ଜିକ୍ୟୁଟିଭ ବଡି ସଦସ୍ୟ ସମ୍ବିତ କୁମାର ସାମନ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ। ୧୫୦ରୁ ଉଦ୍ଧ୍ୱର୍ ଫାଇନାନ୍ସ ଅଧିକାରୀ ଏବଂ ଆମନ୍ତ୍ରିତ ବରିଷ୍ଠ ଅଧିକାରୀମାନେ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ।

## ଆଇସିଏଆଇର ଜାତୀୟ ସମ୍ମିଳନୀ : "ଉଦୀୟମାନ କର ସଂସ୍କାର" ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଇନଷ୍ଟିଚ୍ୟୁଟ (ଆଇସିଏଆଇ)ର ପୂର୍ବ ଭାରତ ଆଞ୍ଚଳିକ ପରିଷଦ(ଇଆଇଆରସି) ଅଧିନ ଭୁବନେଶ୍ୱର ଶାଖା ପକ୍ଷରୁ 'ଉଦୀୟମାନ କର ସଂସ୍କାର ଏବଂ ବିଶ୍ୱସ୍ତରୀୟ ଅଭ୍ୟାସ' ଉପରେ ଏକ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ହୋଟେଲ ଆଇଟିସି ୱେଲକମ୍ , ତୁମଡୁମା, ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ସାରା ଦେଶରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କର ପେଷାଦାର, ଶିଳ୍ପ ବିଶେଷଜ୍ଞ ଏବଂ ଶିକ୍ଷାବିତ୍‌ମାନେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଓଡିଶାର ବାଣିଜ୍ୟ କର ଏବଂ ଜିଏସ୍‌ଟି କମିଶନର ଆଇଏଏସ୍ ଯାମିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦୀୟମାନ କର ସଂସ୍କାର ଭାରତର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା କଥା ଉଲ୍ଲେଖ କରିଥିଲେ। ସିଏ ଶରତ ଚନ୍ଦ୍ର ଭଦ୍ର ଏବଂ ସିଏ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ଅଧ୍ୟକ୍ଷ ସିଏ ମହେନ୍ଦ୍ର




କୁମାର ସାହୁ, ଉପାଧ୍ୟକ୍ଷ ସିଏ ଡଃ. ଗୌତମ ଲେଙ୍କା ଏବଂ ସଚିବ ସିଏ ଡଃ. ପୃଥ୍ୱୀ ରଞ୍ଜନ ପାଢୀ ଉପସ୍ଥିତ ଥିଲେ। ପ୍ରଥମ ଦିନ ଅଧିବେଶନରେ କୋଲକାତାର ଜିଏସ୍‌ଟି ବିଶେଷଜ୍ଞ ସିଏ ଅଭିଷେକ ଟିବ୍ରେୱାଲ ଜିଏସ୍‌ଟି ମୂଲ୍ୟାଙ୍କନ, ଯାଞ୍ଚ ଏବଂ ଅଡିଟ୍‌ର ସଦ୍ୟତମ ଧାରା ଏବଂ ନୋଟିସ ଉପରେ ଆଲୋଚନା କରିଥିଲେ। ଇନ୍ଦୋରର ପ୍ରସିଦ୍ଧ କର ବିଶେଷଜ୍ଞ ସିଏ ମନୀଷ ଡାଫ୍ରିଆ "କେନ୍ଦ୍ରୀୟ ବଜେଟ୍ ୨୦୨୬ ଏବଂ ଆୟକର ଆଇନ-୨୦୨୫-ପରିବର୍ତ୍ତନର ରୋଡ୍‌ମ୍ୟାପ"ଉପରେ ବିସ୍ତୃତ ଧାରଣା ରଖିଥିଲେ। ଜିଏସ୍‌ଟି ବିଶେଷଜ୍ଞ ସିଏ ବିଶାଳ ପୋଦ୍ଦାର"ଜିଏସ୍‌ଟି ଆପିଲ୍ସ: ଫାଇଲିଂ, ଡ୍ରାଫ୍ଟିଂ ଏବଂ ପ୍ଲିଡିଂ" ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ସମ୍ମିଳନୀର ଦ୍ୱିତୀୟ ଦିନ ଅଧିବେସନରେ ଚେନ୍ନାଇର ବକ୍ତା ସିଏ ଆର୍ ଏସ୍ ବାଲାଜୀ ଏବଂ ଇଆଇଆର୍‌ସି ସଦସ୍ୟ ତଥା ଭୁବନେଶ୍ୱରର ବକ୍ତା ସିଏ ବିଶ୍ୱ ରଞ୍ଜନ ସୂତାର କମ୍ପାନୀ ଧାରା,୨୦୧୩, ଶ୍ରମ ଆଇନ୍ ଓ ଏମ୍‌ସିଏ ନିୟମାବଳୀ ଉପରେ ସମ୍ବୋଧିତ କରିଥିଲେ। ଶିରିଡିର କର ବିଶେଷଜ୍ଞ ସିଏ ପ୍ରସାଦ ଭଣ୍ଡାରୀ ଆୟକର ଆଇନ୍ ୨୦୨୫ ଅନୁସାରେ ମୂଲ୍ୟାୟନ, ଅପିଲ, ଅପିଲ ଓ ସଂଶୋଧନ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀର ଶେଷ ଅଧବବେସନରେ ସିଏ ଅଶ୍ୱିନୀ କୁମାର କର ଏବଂ ସିଏ ଅରୁଣ କୁମାର ସାବତଙ୍କ ଉପସ୍ଥିତିରେ ଭାଲିଡିକ୍ଟୋରୀ ସେସନ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଏ ସୌମ୍ୟ ସୁନୀଲ ସାହୁ, ସିଏ ଗଗନ ବିହାରୀ ଦାସ, ସିଏ ଶାଶ୍ୱତ ତ୍ରିପାଠୀ ଏବଂ ସିଏ ପ୍ରଣବ କିଶୋର ଦାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏହି ସମ୍ମିଳନୀରେ ୫୦୦ରୁ ଉଦ୍ଧ୍ୱର୍ ସଦସ୍ୟ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତ ଅଧିବେସନ ଉଚ୍ଚ ପ୍ରଶଂସା ଲାଭ କରିଥିଲା।

## ବେତନଟୀ ଏବଂ ବୈଶିଙ୍ଗା ଅଞ୍ଚଳରେ ଭାରତ ବନ୍ଦ ଡାକରା ର ମିଶ୍ରିତ ପ୍ରଭାବ

ବେତନଟୀ,(ସବ୍ୟୁ) ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଫେବୃଆରୀ ୧୨ତାରିଖରେ ଦିଆଯାଇଥିବା ଭାରତ ବନ୍ଦ ଡାକରା ବେତନଟୀ ଏବଂ ବୈଶିଙ୍ଗା ବଜାରରେ ମିଶ୍ରିତ ପ୍ରଭାବ । ଏହି ନିଷ୍ପତ୍ତିକୁ ସମର୍ଥନ ଜଣାଇ ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା ନିଜର ଦଳୀୟ ସମର୍ଥକଙ୍କ ସହିତ ବେତନଟୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରଭୃତି ବନ୍ଦ କରାଇଛନ୍ତି । ସୂଚନା ମୁତାବକ ବିଭିନ୍ନ ଦାବି ଓ ସମସ୍ୟା ସମାଧାନ ନେଇ ଟ୍ରେଡ ୟୁନିୟନ ପକ୍ଷରୁ ଗୁରୁବାର ଭାରତବନ୍ଦ ଡାକରା ଦିଆଯାଇଥିଲା। ତେବେ ବେତନଟୀରେ ଏହି ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇ ବିଶେଷ ପ୍ରଭାବ ଦେବାକୁ ମିଳିନଥିଲେ ସୁଦ୍ଧା ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା ।

### ଆଇଆଇଏମ୍‌ଟି ଓ ଗେଲ୍ (ଇଣ୍ଡିଆ) ର ମିଳିତ ଆନୁକୂଲ୍ୟରେ

## 'ତୈଳ ଓ ଗ୍ୟାସ ସଂରକ୍ଷଣ' ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ପାରମ୍ପରିକ ଶକ୍ତି ଉତ୍ସର ସୁରକ୍ଷା ତଥା ସବୁଜ ଶକ୍ତିର ବିକାଶ ଲକ୍ଷ୍ୟ ନେଇ ଇଣ୍ଟରସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମ୍‌ଟି), ଭୁବନେଶ୍ୱର ପରିସରରେ ଏକ ଭବ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସହଯୋଗରେ ଆୟୋଜିତ ଏହି ସମାରୋହରେ "ଶିଳ୍ପ ଏବଂ ଘରୋଇ ବ୍ୟବସ୍ଥା ପାଇଁ ନବୀକରଣୀୟ



ଶକ୍ତି ସଂରକ୍ଷଣ ରଣନୀତି" ଶୀର୍ଷକ ଏକ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା "ତେଲ ଏବଂ ଗ୍ୟାସ ସଂରକ୍ଷଣ କରନ୍ତୁ - ସବୁଜ ହୁଅନ୍ତୁ'ର ବାର୍ତ୍ତାକୁ ଜନସାଧାରଣ ତଥା ଯୁବପିଢ଼ିଙ୍କ ନିକଟରେ ପହଞ୍ଚାଇବା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଇଆଇଏମ୍‌ଟିର ଆସୋସିଏଟ୍ ଡିନ୍ ପ୍ରଫେସର ସ୍ମୃତିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଏମ୍‌ଟିର ଅଧ୍ୟକ୍ଷ ଡ଼ଃ ଶ୍ରୀକାନ୍ତ ପଟ୍ଟନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଶକ୍ତି ସଞ୍ଚୟକାରୀ ଅଭ୍ୟାସ ଆପଣାଇବା ସହ ଦେଶର ନିରନ୍ତର ବିକାଶ ଲକ୍ଷ୍ୟ(ଏସଡିଜି) ହାସଲରେ ସହଯୋଗୀ ହେବାକୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ଉପ-ମହାପ୍ରବନ୍ଧକ ଇଞ୍ଜିନିୟର ନିଗମାନନ୍ଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଗେଲ୍ ପକ୍ଷରୁ ନିଆଯାଉଥିବା ବିଭିନ୍ନ ସ୍ୱଚ୍ଛ ଇନ୍ଧନ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିବା ସହ ତୈଳ ଓ ଗ୍ୟାସ ସଂରକ୍ଷଣରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଜରୁରୀ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତୀୟ ସେନା (ଆର୍ମି ହେଡକ୍ୱାର୍ଟର୍ସ ଇଞ୍ଜିନିୟର୍ସ ବ୍ରାଞ୍ଚ)ର ନିର୍ଦ୍ଦେଶକ (ୟୁଟିଲିଟିଜ୍) ଇଞ୍ଜିନିୟର ରାଧାମୋହନ ରାଉତ "ତୈଳ ଓ ଗ୍ୟାସ ସଂରକ୍ଷଣ" ଉପରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଆଜି 'ସେବା ତୀର୍ଥ, କର୍ତ୍ତବ୍ୟ ଭବନର ଉଦଘାଟନ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶୁକ୍ରବାର 'ସେବା ତୀର୍ଥ' ଭବନ ପରିସରର ନାମ ଉନ୍ମୋଚନ କରିବେ। ଏହାପରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ 'ସେବା ତୀର୍ଥ' ଏବଂ 'କର୍ତ୍ତବ୍ୟ ଭବନ-୧ ଓ ୨' ର ଉଦ୍ଘାଟନ କରିବେ। ଏହା ସହ ସନ୍ଧ୍ୟା ପ୍ରାୟ ୬ଟା ସମୟରେ 'ସେବା ତୀର୍ଥ'ଠାରେ ଏକ ସାଧାରଣ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବେ।ଏହି ଉଦଘାଟନ ଦେଶର ପ୍ରଶାସନିକ ଶାସନ ଢାଞ୍ଚାରେ ଏକ ପରିବର୍ତ୍ତନକାରୀ ମାଇଲଖୁଣ୍ଟ। ଏହା ଏକ ଆଧୁନିକ, ଦକ୍ଷ, ସୁଗମ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ବ୍ୟବସ୍ଥା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରେ।ଦଶନ୍ଧି ଦଶନ୍ଧି ଧରି, ଅନେକ ପ୍ରମୁଖ ସରକାରୀ କାର୍ଯ୍ୟାଳୟ ଏବଂ ମନ୍ତ୍ରଣାଳୟ ସେଣ୍ଟ୍ରାଲ ଭିଷ୍ଟା ଅଞ୍ଚଳର ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଏବଂ ପୁରୁଣା କାର୍ଯ୍ୟାଳୟରୁ କାର୍ଯ୍ୟ କରୁଥିଲେ। ଏହି ବିକ୍ଷିପ୍ତ ଅବସ୍ଥା ଯୋଗୁଁ କାର୍ଯ୍ୟକ୍ଷମ ଅକ୍ଷମତା, ସମନ୍ୱୟର ଅଭାବ, ରକ୍ଷଣାବେକ୍ଷଣ ଖର୍ଚ୍ଚ ବୃଦ୍ଧି ଏବଂ କାର୍ଯ୍ୟ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେଉନଥିଲା । ନୂତନ ଅଟ୍ଟାଳିକା ପରିସରଗୁଡ଼ିକ ଆଧୁନିକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସୁବିଧା ମଧ୍ୟରେ ପ୍ରଶାସନିକ କାର୍ଯ୍ୟଗୁଡ଼ିକୁ ଏକତ୍ରିତ କରି ଏହି ସମସ୍ୟାଗୁଡ଼ିକର ସମାଧା କରୁଛି।'ସେବା ତୀର୍ଥ'ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ୍ ସଚିବାଳୟ ରହିଛି, ଯାହା ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ଥିଲା।'କର୍ତ୍ତବ୍ୟ ଭବନ-୧ ଓ ୨'ରେ ଅର୍ଥ ମନ୍ତ୍ରଣାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଶିକ୍ଷା ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ରସାୟନ ଓ ସାର ମନ୍ତ୍ରଣାଳୟ ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟ କାର୍ଯ୍ୟ କରିବ। ଉଭୟ ବିଲ୍ଡିଂ କମ୍ପ୍ଲେକ୍ସରେ ଡିଜିଟାଲ୍ ସଂଯୁକ୍ତ କାର୍ଯ୍ୟାଳୟ, ସୁବ୍ୟବସ୍ଥିତ ସର୍ବସାଧାରଣ ଯୋଗାଯୋଗ ଜୋନ୍ ଏବଂ କେନ୍ଦ୍ରୀକୃତ ସ୍ୱାଗତ ସୁବିଧା ବା ରିସେପ୍ସନ ବ୍ୟବସ୍ଥା ରହିଛି। ଏହି ବୈଶିଷ୍ଟ୍ୟଗୁଡିକ ସହଯୋଗ, ଦକ୍ଷତା, ନିରବଚ୍ଛିନ୍ନ ଶାସନ, ଉନ୍ନତ ନାଗରିକ ସମ୍ପୃକ୍ତି ଏବଂ କର୍ମଚାରୀଙ୍କ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ୪-ଷ୍ଟାର ଜିଆରଆଇଏଚଏ ମାନକ ଅନୁଯାୟୀ ପରିକଳ୍ପିତ ଏହି କମ୍ପ୍ଲେକ୍ସଗୁଡ଼ିକରେ ଅକ୍ଷୟ ଶକ୍ତି ବ୍ୟବସ୍ଥା, ଜଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ସମାଧାନ ଏବଂ ଉଚ୍ଚ-କ୍ଷମତା ସମ୍ପନ୍ନ ଅଟ୍ଟାଳିକା ଅନ୍ତର୍ଭୁକ୍ତ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶ ଉପରେ ପଡୁଥିବା ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ। ବିଲ୍ଡିଂ ପରିସରରେ ସ୍ମାର୍ଟ ଆକ୍ସେସ୍ କଣ୍ଟ୍ରୋଲ ସିଷ୍ଟମ, ସର୍ଭେଲାନ୍ସ ନେଟୱାର୍କ ଏବଂ ଉନ୍ନତ ଜରୁରୀକାଳୀନ ପ୍ରତିକ୍ରିୟା ଭିତ୍ତିଭୂମି ଭଳି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହା ଅଧିକାରୀ ଏବଂ ପରିଦର୍ଶକଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ପରିବେଶ ନିଶ୍ଚିତ କରିବ।

# ରୁଷରେ ହ୍ୱାଟ୍‌ସଆପ ସଂପୂର୍ଣ୍ଣ ନିଷିଦ୍ଧ


**ମସ୍କୋ:** ଆମେରିକା ଭିତ୍ତିକ ମେସେଜିଂ ପ୍ଲାଟଫର୍ମ ହ୍ୱାଟସଆପକୁ ସଂପୂର୍ଣ୍ଣ ଭାବେ ଦେଶରେ ବ୍ୟାନ କରିଛି ରୁଷ। ସ୍ଥାନୀୟ ଆଇନକୁ ହ୍ୱାଟସଆପର ମୂଳ କମ୍ପାନୀ ମେଟା ଅନୁପାଳନ କରୁନଥିବାରୁ କ୍ରେମଲିନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ରୁଷ ସ୍ୱଦେଶୀ ଜ୍ଞାନକୌଶଳରେ ତିଆରି କରିଥିବା ଜାତୀୟ ମେସେଞ୍ଜର ମାକ୍ସର ବହୁଳ ବ୍ୟବହାର କରିବାକୁ ମଧ୍ୟ ରୁଷ ପକ୍ଷରୁ ନିଜ ଦେଶର ଲୋକଙ୍କୁ ପରାମର୍ଶ ଦିଆଯାଇଛି।ଗୁରୁବାର ରୁଷ ପକ୍ଷରୁ ହ୍ୱାଟସଆପ ବ୍ୟାନ କରାଯାଇଥିବା କଥାକୁ ନିଶ୍ଚିତ କରିଛନ୍ତି କ୍ରେମଲିନ ମୁଖପାତ୍ର ଡିମିଟ୍ରୀ ପେସ୍କୋଭ। ମେଟାର ମନମାନୀ ଯୋଗୁ ସରକାର ଏପରି ପଦକ୍ଷେପ ନେଇଥିବା ସେ ସୂଚନା ଦେଇଛନ୍ତି।ସେ କହିଛନ୍ତି, "ମେଟା ଦ୍ୱାରା ରୁଷ ଆଇନକୁ ଅନୁପାଳନ ନ କରାଯିବା ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଛି। ଲୋକମାନେ ବହୁଳ ଭାବେ ରୁଷର ନିଜସ୍ୱ ମେସେଜିଂ ଆପ ମାକ୍ସକୁ ବ୍ୟବହାର କରନ୍ତୁ। ମକ୍ସ ହେଉଛି ଗୋଟିଏ ଉପଲବ୍ଧ ହେଉଥିବା ବିକଳ୍ପ, ଗୋଟିଏ ବିକାଶଶୀଳ ମେସେଞ୍ଜର୍, ଗୋଟିଏ ଜାତୀୟ ମେସେଞ୍ଜର୍ ଓ ନାଗରିକମାନଙ୍କ ପାଇଁ ବଜାରରେ ଉପଲବ୍ଧ ଥିବା ଗୋଟିଏ ବିକଳ୍ପ।




ମାକ୍ସ ହେଉଛି ରୁଷ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗୋଟିଏ ଆପ୍। ୨୦୨୫ରେ ଭିକେ କମ୍ପାନୀ ଏହାକୁ ଲଞ୍ଚ କରିଥିଲା। "ଜାତୀୟ ମେସେଞ୍ଜର୍" ଭାବେ ଏହାକୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏହି ମେସେଜିଂ ଆପ ସହିତ ବିଭିନ୍ନ ସରକାରୀ ସେବାକୁ ମଧ୍ୟ ଲିଙ୍କ କରାଯାଇଛି। ତେଣୁ ଏହାକୁ ବ୍ୟବହାର କରି ସାଧାରଣ ଲୋକ ସରକାରୀ ସେବା ଓ ସରକାରୀ ପେମେଣ୍ଟ ସହଜରେ କରିପାରିବେ। ତେବେ ବିରୋଧୀ ଓ ସମାଲୋଚକମାନେ ମାକ୍ସକୁ ଏକ ସର୍ଭେଲାନ୍ସ ଉପକରଣ ବୋଲି କହିଛନ୍ତି। କାରଣ ଏଥିରେ ଏଣ୍ଡ ସହ ଏଣ୍ଡ ଏନକ୍ରିପସନ ନଥାଏ। ଆପଟି ସଂପୂର୍ଣ୍ଣ ଭାବେ ସରକାରଙ୍କ ନିୟନ୍ତ୍ରଣରେ ରହିଛି। ଲୋକମାନଙ୍କ ସବୁ ଗତିବିଧି ଉପରେ ସରକାର ଏହି ମେସିଜିଂ ଆପ ଦ୍ୱାରା ନଜର ରଖିବାକୁ ସକ୍ଷମ ହେବେ ବୋଲି ସେମାନେ କହିଛନ୍ତି। କିନ୍ତୁ ରୁଷ ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ହ୍ୱାର୍ଟ୍ସଅପ୍ ପକ୍ଷରୁ ମଧ୍ୟ କହାଯାଇଛି ଯେ ରାଷ୍ଟ୍ରୀୟ ସର୍ଭେଲାନ୍ସ ଆପ୍ ମାକ୍ସର ବ୍ୟବହାର କରିବା ପାଇଁ ଲୋକଙ୍କୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଏପରି ବ୍ୟାନ ନିର୍ଦ୍ଦେଶ ଜାରି କରାଯାଇଛି। ରୁଷରେ ହ୍ୱାର୍ଟସଆପର ପ୍ରାୟ ୧୦୦ ମିଲିୟନ୍ ବା ୧୦ କୋଟି ବ୍ୟବହାରକାରୀ ଅଛନ୍ତି। ଏହାପୂର୍ବରୁ ଫେସବୁକ ଓ ଇନଷ୍ଟାଗ୍ରାମ ଭଳି ବିଦେଶୀ ଆପକୁ ମଧ୍ୟ ରୁଷ ସରକାର ବ୍ଲକ କରିଥିଲେ।

# ରାଜପାଲ ଯାଦବଙ୍କୁ ମିଳିଲାନି ଜାମିନ

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତା ରାଜପାଲ ଯାଦବଙ୍କ ଜାମିନ ଆବେଦନ ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ କରିଛନ୍ତି। ଆଦାଲତ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୧୬ ଫେବୃଆରୀରେ




ନିର୍ଦ୍ଧାରଣ କରିଛନ୍ତି। ଶୁଣାଣି ସମୟରେ ଅଭିନେତାଙ୍କ ପକ୍ଷରେ ଉପସ୍ଥିତ ଓକିଲ କୋର୍ଟକୁ ଜଣାଇଥିଲେ ଯେ ସେ ତାଙ୍କ କ୍ଲାଏଣ୍ଟଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ତାଙ୍କ ସହ କଥା ହୋଇପାରିଲେ ନାହିଁ। ସେ କହିଥିଲେ ଯେ ଜାମିନ ଆବେଦନ ଦାଖଲ ହୋଇଛି ଏବଂ ପ୍ରତିପକ୍ଷକୁ ଉତ୍ତର ପ୍ରଦାନ ପାଇଁ ସମୟ ଦେବା ଆବଶ୍ୟକ। ଏହାସହ ମାମଲାକୁ ସୋମବାର ପର୍ଯ୍ୟନ୍ତ ସ୍ଥଗିତ କରିବାକୁ ଅନୁରୋଧ କରାଯାଇଥିଲା। ଓକିଲ ଏହା କହିଥିଲେ କି ସେ ପରବର୍ତ୍ତୀ ତାରିଖରେ ବିସ୍ତୃତ ଦଲିଲ୍ ସହ ଆଦାଲତରେ ଉପସ୍ଥିତ ହେବେ।ଏହି ସମୟରେ ଦିଲ୍ଲୀ ହାଇକୋର୍ଟ କହିଥିଲେ, ଆମେ ଆପଣଙ୍କ ପ୍ରତି ସହାନୁଭୂତି ରଖିପାରୁ, କିନ୍ତୁ ଆଇନ୍ ତା ବାଟରେ ରହିବ। କୋର୍ଟର ପୂର୍ବ ଆଦେଶ ସତ୍ତ୍ୱେ ଆପଣ ସରେଣ୍ଡର କରିନଥିଲେ। ପରେ ପୁନର୍ବାର ଆଦେଶ ଜାରି ହେବା ପରେ ଆପଣ ସରେଣ୍ଡର କରିଥିଲେ।"ଉଲ୍ଲେଖଯୋଗ୍ୟ, ରାଜପାଲ ଯାଦବଙ୍କ ପକ୍ଷରୁ ତାଙ୍କ ବଡ଼ ଭାଇଙ୍କ ଝିଅର ବିବାହ ଅବସରରେ ଯୋଗଦେବା ପାଇଁ ଅନ୍ତରିଣ ଜାମିନ ଆବେଦନ କରାଯାଇଥିଲା। ଓକିଲ କୋର୍ଟକୁ ଏହା ମଧ୍ୟ ନିଶ୍ଚିତ କରିଥିଲେ ଯେ ଅବଶିଷ୍ଟ ରାଶି ଆଦାଲତରେ ଜମା କରିବାକୁ ସେମାନେ ପ୍ରସ୍ତୁତ ଅଛନ୍ତି। ଏହି ପରିସ୍ଥିତିରେ ବଲିଉଡ୍ ଇଣ୍ଡଷ୍ଟ୍ରି ସହିତ କିଛି ଅନ୍ୟ ଲୋକ ମଧ୍ୟ ସାହାଯ୍ୟର ହାତ ବଢ଼ାଇଥିବା ସୂଚନା ମିଳିଛି।

## ▶▶ ସରକାର ଆଣିବେ ନୂଆ ନିୟମ

# ପୁସ୍ତକ ଲେଖିବା ପୂର୍ବରୁ ସେନାମୁଖ୍ୟ ନେବେ ଅନୁମତି

**ନୂଆଦିଲ୍ଲୀ:** ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରବାଣେଙ୍କ ଅପ୍ରକାଶିତ ପୁସ୍ତକ "ଫୋର୍ ଷ୍ଟାର୍ ଅଫ୍ ଡେଷ୍ଟିନି"କୁ ନେଇ ବିବାଦ ମଧ୍ୟରେ, ପ୍ରତିରକ୍ଷା ମନ୍ତ୍ରଣାଳୟ କଠୋର ନିୟମ ପ୍ରଣୟନ କରିବାକୁ ଯାଉଛି। ସେବାରତ କିମ୍ବା ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ପାଇଁ ମନ୍ତ୍ରଣାଳୟ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛି।ପ୍ରସ୍ତାବିତ ନିୟମାବଳୀ ଅନୁଯାୟୀ, ବର୍ତ୍ତମାନ ସେବାରତ କିମ୍ବା ଅବସରପ୍ରାପ୍ତ ସୈନିକ ଓ ଅଧିକାରୀମାନଙ୍କୁ ପୁସ୍ତକ ଲେଖିବା ପୂର୍ବରୁ ମନ୍ତ୍ରଣାଳୟରୁ ଅନୁମତି ନେବାକୁ ପଡିବ। ଏହାର ଅର୍ଥ ହେଉଛି ଦେଶର ସୈନିକମାନେ ମନ୍ତ୍ରଣାଳୟରୁ ଅନୁମତି ପାଇବା ପରେ ହିଁ ଲେଖିପାରିବେ। ତଥାପି, ମନ୍ତ୍ରଣାଳୟ ଏପର୍ଯ୍ୟନ୍ତ ଏହି ବିଷୟରେ କୌଣସି ସରକାରୀ ବିବୃତ୍ତି ଜାରି କରିନାହିଁ। ଏହି ନିର୍ଦ୍ଦେଶାବଳୀ କାର୍ଯ୍ୟରତ ଓ ଅବସରପ୍ରାପ୍ତ କର୍ମଚାରୀ ଉଭୟଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୁସ୍ତକ ପ୍ରକାଶ ପୂର୍ବରୁ ପାଣ୍ଡୁଲିପିର ଅନୁମୋଦନ ପାଇଁ ଏକ ସ୍ପଷ୍ଟ ପ୍ରକ୍ରିୟା ସ୍ଥିର କରାଯିବ, ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କିମ୍ବା ସେନା ମୁଖ୍ୟାଳୟରୁ ଅନୁମତି ନେବା ଅନ୍ତର୍ଭୁକ୍ତ ହେବ। ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ସମ୍ବେଦନଶୀଳ ସୂଚନା ସମ୍ବଳିତ ପ୍ରକୃତ ସମ୍ବେଦନଶୀଳ ସୂଚନାର ବ୍ୟବହାର ନିଷେଧ ରହିବ। ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଦେଶର ଗୁପ୍ତ ସୂଚନାକୁ ସୁରକ୍ଷା ଦେବା ପାଇଁ ଏହି ନିୟମଗୁଡ଼ିକ ପ୍ରଚଳନ




ପୁସ୍ତକକୁ 'ଏମ୍ଓଡି' (ମେମୋରେଣ୍ଡମ୍ ଅଫ୍ ଡିପୋଜିଟ୍) ନିକଟରେ ଦାଖଲ କରିବା ବାଧ୍ୟତାମୂଳକ ହେବ। କାଳ୍ପନିକ କୃତିରେ ବି କରାଯାଉଛି, କାରଣ ବର୍ତ୍ତମାନ ଅବସରପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପୁସ୍ତକ ଲେଖିବା ପାଇଁ କୌଣସି ନିର୍ଦ୍ଦେଶାବଳୀ ନାହିଁ।

## ଇମ୍ରାନଙ୍କ ଜରୁରୀ ଚିକିତ୍ସା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ


**ଇସଲାମାବାଦ:** ଜେଲରେ ଦୃଷ୍ଟିଶକ୍ତି ହରାଇଲେଣି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ତାଙ୍କ ଗୋଟିଏ ଆଖିର ଦୃଷ୍ଟି ଶକ୍ତି ମାତ୍ର ୧୫ ପ୍ରତିଶତ ବାକି ଅଛି। ଏହି ରିପୋର୍ଟ ସାମ୍ନାକୁ ଆସିବା ପରେ ଇମ୍ରାନ ଖାନଙ୍କ ତୁରନ୍ତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ପାକିସ୍ତାନ ସୁପ୍ରିମକୋର୍ଟ।ପାକିସ୍ତାନର ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ବରିଷ୍ଠ ଓକିଲ ସଲମାନ ସଫଦରଙ୍କୁ ନ୍ୟାୟମିତ୍ର ଭାବରେ ପଠାଇଥିଲେ। ଜେଲକୁ ଯାଇ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ସଲମାନ। ଏହାପରେ ସେ ସୁପ୍ରିମକୋର୍ଟରେ ଏକ ରିପୋର୍ଟ ଦାଖଲ କରିଥିଲେ। ଦାଖଲ କରିଥିବା ରିପୋର୍ଟରେ କୁହାଯାଇଛି ଯେ ଇମ୍ରାନ ଖାନ ଗୋଟିଏ ଆଖିର ଦୃଷ୍ଟିଶକ୍ତି ହରାଇଛନ୍ତି। ଇମ୍ରାନ ଖାନଙ୍କ ଦୃଷ୍ଟିଶକ୍ତି କେବଳ ୧୫ ପ୍ରତିଶତ ବାକି ଅଛି, ଯାହା ଫଳରେ ସେ ଦେଖିପାରୁନାହାଁନ୍ତି ଏବଂ ତୁରନ୍ତ ଚିକିତ୍ସା ଆବଶ୍ୟକ କରୁଛନ୍ତି। ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଯଦି ତାଙ୍କୁ ତୁରନ୍ତ ଚିକିତ୍ସା କରା ନ ଯାଏ, ତେବେ ସେ ଉଭୟ ଆଖିକୁ ସମ୍ପୂର୍ଣ୍ଣ ଭାବରେ ହରାଇ ପାରନ୍ତି। ଏହି ରିପୋର୍ଟ ଦେଖିବାପରେ, ସୁପ୍ରିମକୋର୍ଟ ତୁରନ୍ତ ଜଣେ ଡାକ୍ତରଙ୍କୁ ଜେଲକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ।ସୂଚନା ଅନୁଯାୟୀ, ପାକିସ୍ତାନ ସୁପ୍ରିମକୋର୍ଟ ଏହି ମାମଲା ଉପରେ ଆକ୍ସନ ନେଇଛନ୍ତି। କୋର୍ଟ ସରକାରଙ୍କୁ ଫେବୃଆରୀ ୧୬ତାରିଖ ପୂର୍ବରୁ ଦେଶର ଶ୍ରେଷ୍ଠ ଡାକ୍ତରଙ୍କ ଏକ ଟିମ୍ ପଠାଇ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବରିଷ୍ଠ ଓକିଲ ସଲମାନ ସଫଦର ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି ଯେ, ଇମ୍ରାନ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସୁସ୍ଥ ଥିଲେ, କିନ୍ତୁ ତା'ପରେ ହଠାତ୍ ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇ ବସିଲେ। ସଫଦର ସୁପ୍ରିମକୋର୍ଟଙ୍କୁ କହିଥିଲେ, ସେ ସୁସ୍ଥ ଅଛନ୍ତି, କିନ୍ତୁ ସେ ଦେଖି ପାରୁନାହାଁନ୍ତି। ତାଙ୍କୁ ଡାକ୍ତରୀ ଚିକିତ୍ସା ଆବଶ୍ୟକ। ସଫଦର ସୁପ୍ରିମକୋର୍ଟଙ୍କୁ ତାଙ୍କ ପୁଅମାନଙ୍କ ସହ କଥା ହେବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ସରକାରୀ ଓକିଲ ଏଥିରେ ରାଜି ହୋଇଥିଲେ। ସୁପ୍ରିମକୋର୍ଟ ଇମ୍ରାନଙ୍କୁ ତାଙ୍କ ଦୁଇ ପୁଅଙ୍କ ସହ ଫୋନ୍ ମାଧ୍ୟମରେ କଥା କରାଇଦେବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ।

# ବାଂଲା ନିର୍ବାଚନ ରଦ୍ଦ ପାଇଁ ଦାବି

**ଢାକା:** ବାଂଲାଦେଶରେ ୧୩ତମ ଜାତୀୟ ନିର୍ବାଚନ ପାଇଁ ମତଦାନ ଆଜି ଶେଷ ହୋଇଛି। ଅପରାହ୍ନ ୪.୩୦ରେ ମତଦାନ ଶେଷ ହେବା ପରେ ୨୯୯ ଆସନ ବିଶିଷ୍ଟ ସଂସଦ ପାଇଁ ଗଣତି ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଏସବୁ ଭିତରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶର ଜାତୀୟ ନିର୍ବାଚନକୁ ରଦ୍ଦ କରିବାକୁ ଅନୁରୋଧ କରିଛନ୍ତି।ସେ ଏହାକୁ ହତ୍ୟାକାରୀ ଫାଶୀବାଦୀ ମହମ୍ମଦ ୟୁନୁସଙ୍କ ଦ୍ୱାରା ଆୟୋଜିତ ଏକ ନକଲି ବା ଲୋକ ଦେଖାଣିଆ ନିର୍ବାଚନ ବୋଲି କହିଛନ୍ତି। ଏଥିସହ ୟୁନୁସଙ୍କ ଇସ୍ତଫା ଦାବି କରିଛନ୍ତି। ବାଂଲାଦେଶରେ ଭୋଟିଂ ଶେଷ ହେବା ପରେ ହସନା ଗୋଟିଏ ବିବୃତି ଜାରି କରି କହିଛନ୍ତି ଯେ ଏହା ଏକ ଭୋଟରହୀନ, ଅବୈଧ ଓ ଅସାମ୍ବିଧାନିକ ନିର୍ବାଚନ। ନିର୍ବାଚନ ରଦ୍ଦ କରିବା, ୟୁନୁସଙ୍କ ଇସ୍ତଫା, ସମସ୍ତ ମିଛ ମାମଲା ପ୍ରତ୍ୟାହାର କରିବା ଓ ରାଜନୀତିକ ବନ୍ଦୀମାନଙ୍କର ମୁକ୍ତି ପାଇଁ କହିଛନ୍ତି।ରାଜନୀତିକ ବନ୍ଦୀମାନଙ୍କ ମଧ୍ୟରେ ଶିକ୍ଷକ, ସାମ୍ବାଦିକ, ବୁଦ୍ଧିଜୀବୀ, ବୃତ୍ତିଜୀବୀ ସମେତ ଅନେକ ନିରୀହ ଲୋକ ଥିବା ସେ ସୂଚନା ଦେଇଛନ୍ତି। ଏହାବାଦ ତାଙ୍କ ଦଳ ଆବାମୀ ଲିଗର କାର୍ଯ୍ୟକଳାପ ଉପରେ ୟୁନୁସ ସରକାର ଲଗାଇଥିବା ନିଲମ୍ବନକୁ ମଧ୍ୟ ପ୍ରତ୍ୟାହାର କରିବାକୁ କହିଛନ୍ତି।ଏକ ନିରପେକ୍ଷ ମଧ୍ୟବର୍ତ୍ତୀକାଳୀନ ସରକାର ଅଧୀନରେ ସ୍ୱାଧୀନ, ନିରପେକ୍ଷ ଓ ସମାବେଶୀ ନିର୍ବାଚନର ବ୍ୟବସ୍ଥା କରି ଜନତାଙ୍କ ଭୋଟିଂ ଅଧିକାରକୁ ପୁନଃସ୍ଥାପନ କରିବା ପାଇଁ ବିବୃତିରେ ଉଲ୍ଲେଖ କରିଛନ୍ତି ହସନା। ସେ କହିଛନ୍ତି, "ମା'ମାନେ, ଭଉଣୀମାନେ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ସମେତ ସମସ୍ତ ସ୍ତରର ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି।

## ସରଳା ମାହେଶ୍ୱରୀଙ୍କ ପରଲୋକ

**ନୂଆଦିଲ୍ଲୀ:** ଦୂରଦର୍ଶନର ଲୋକପ୍ରିୟ ଖବର ପାଠିକା ସରଳା ମାହେଶ୍ୱରୀଙ୍କ ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁକୁ ଟିଭି ସାମ୍ବାଦିକତାର ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ବୋଲି ପ୍ରଶଂସକ କହିଛନ୍ତି। ଅଖିଳ ଭାରତୀୟ ମହିଳା କଂଗ୍ରେସ ସୋସିଆଲ ମିଡିଆ ଏକ୍ସରେ ସରଳାଙ୍କୁ ମନେ ପକାଇଛି।ପୋଷ୍ଟରେ ଲେଖାଯାଇଛି, ସରଳାଙ୍କ ବିଶ୍ୱସନୀୟତା । ଶାଳୀନତା ଆଗାମୀ ପିଢ଼ି ପାଇଁ ସର୍ବଦା ପ୍ରେରଣା ହେବ। ସରଳା ମାହେଶ୍ୱରୀଙ୍କ ପରିବାର ଏକ ପୋଷ୍ଟରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସରଳା ମାହେଶ୍ୱରୀଙ୍କୁ ତାଙ୍କ ଶୈଳୀ ପାଇଁ



ସର୍ବଦା ମନେ ରଖାଯିବ। ତାଙ୍କ କଣ୍ଠସ୍ୱର ଓ ଖବର ପରିବେଷଣରେ ଏକ ଅନନ୍ୟ ଶାନ୍ତ ତଥା ଆତ୍ମବିଶ୍ୱାସ ଥିଲା ଯାହା ଦର୍ଶକଙ୍କୁ ମୋହିତ କରୁଥିଲା। ସରଳା ସେହି ଯୁଗରେ ଖବର ପାଠକମାନଙ୍କ ପାଇଁ ଏକ ସଂସ୍କୃତିସମ୍ପନ୍ନ ଓ ସମ୍ମାନଜନକ ଖ୍ୟାତି ଆଣି ଦେଇଥିଲେ। ସେତେବେଳେ ଖବର ଉପସ୍ଥାପନାରେ ଆଙ୍କରମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସରଳା ମାହେଶ୍ୱରୀଙ୍କ ପରଲୋକ ଭାରତୀୟ ଟେଲିଭିଜନ ସାମ୍ବାଦିକତା ପାଇଁ ଏକ ଅପୂରଣୀୟ କ୍ଷତି। ଅନେକ ସୋସିଆଲ ମିଡିଆ ୟୁଜର ତାଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ରୁଷରୁ ତୈଳ କିଣିବାକୁ କେହି ମନା କରିନାହାନ୍ତି

**ମସ୍କୋ:** ରୁଷଠାରୁ ଭାରତ ତୈଳ କ୍ରୟ କରିବା ବନ୍ଦ କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ନେତା ମନା କରିନାହାନ୍ତି ବୋଲି ରୁଷ୍ ବିଦେଶ ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ବୁଧବାର କହିଛନ୍ତି। ଆମେରିକା ରୁଷାରୁ ତୈଳ କ୍ରୟ ବନ୍ଦ କରିବାକୁ ଭାରତ ସମେତ ଅନ୍ୟ ଦେଶମାନଙ୍କୁ ବାଧ୍ୟ କରୁଛି ବୋଲି ମସ୍କୋ ଅଭିଯୋଗ କରିବାର ଦୁଇ ଦିନ ପରେ ଲାଭରୋଭଙ୍କ ଏହି ମନ୍ତବ୍ୟ ଆସିଛି। ମସ୍କୋ କହିଥିଲା ଯେ, ରୁଷ୍ର ତୈଳ ନ କିଣିବାକୁ ୱାସିଂଟନ୍ ଶୁଳ୍କ, ପ୍ରତିବନ୍ଧକ ପରି ଯେନତେନ ପଦକ୍ଷେପ ଗ୍ରହଣ କରୁଛି। ରୁଷ୍ ସଂସଦ ଡୁମାରେ କ୍ୟାବିନେଟ୍



ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଲାଭରୋଭ କହିଥିଲେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ କୌଣସି ଭାରତୀୟ ନେତା ରୁଷ୍ରୁ ତୈଳ କିଣିବାକୁ ମନା କରିନାହାନ୍ତି। ଲାଭରୋଭ ଏହି ସମୟରେ ଭାରତ-ରୁଷ୍ ମଧ୍ୟରେ ଥିବା ଗଭୀର ଦ୍ୱିପାକ୍ଷିକ ସମ୍ପର୍କ ବିଷୟରେ ଉପସ୍ଥାପନ କରିଥିଲେ ଓ ୨୦୨୫ ଡିସେମ୍ବରରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ ସମ୍ପର୍କରେ କହିଥିଲେ। ଲାଭରୋଭ ଆହୁରି ମଧ୍ୟ କହିଥିଲେ, ନୂଆଦିଲ୍ଲୀର ଇଚ୍ଛା ଅନୁସାରେ ରୁଷ୍ ଭାରତ ସହିତ ଏହାର ସମ୍ପର୍କକୁ ଶୀର୍ଷ ପର୍ଯ୍ୟନ୍ତ ନେବାକୁ ପ୍ରସ୍ତୁତ। ସୋମବାର ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ମଧ୍ୟ କହିଥିଲେ ଯେ, ଭାରତ ବିଭିନ୍ନ ସୂତ୍ରରୁ ତୈଳ କିଣିବ।

# ପାକ ସେନାର ପୁନର୍ଗଠନ

**ଇସଲାମବାଦ:** ପାକିସ୍ତାନ ସେନାକୁ ନେଇ ପ୍ରତିରକ୍ଷାମନ୍ତ୍ରୀ ଖୱାଜା ଆସିଫଙ୍କ ବଡ଼ ବୟାନ ପରେ ଗୁରୁବାର ଏକ ଜାତୀୟ ସଭାରେ ବିରୋଧୀ ଦଳ ନେତା ମହମୁଦ ଖାନ ଆଚକଚାଇ ମୁନିର ସେନାକୁ ୪ଟି ଜିଲ୍ଲାର ସେନା ଭାବରେ ବର୍ଣ୍ଣନା କରିଛନ୍ତି। ପାକିସ୍ତାନରେ ସେନାର ଗଠନ ଓ ପ୍ରଭାବ ସମ୍ପର୍କରେ ଏକ ବଡ଼ ଖୁଲାସା ହୋଇଛି। ଆଚକଚାଇ କହିଛନ୍ତି, ପାକିସ୍ତାନ ସେନା କେବଳ ୪ଟି ଜିଲ୍ଲାରେ ପ୍ରାଧାନ୍ୟ ବିସ୍ତାର କରେ। ଏହି ଜିଲ୍ଲାର ଲୋକମାନେ ସେନାକୁ କମାଣ୍ଡ କରନ୍ତି ଏବଂ କ୍ଷମତା ନିୟନ୍ତ୍ରଣ କରନ୍ତି। ସୂଚନା ଅନୁଯାୟୀ, ମହମୁଦ ଖାନ ଆଚକଚାଇ ସଂସଦର ଏକ ରିପୋର୍ଟକୁ ଆଧାର କରି ଏହି ବିବୃତ୍ତି ଦେଇଛନ୍ତି, ଯେଉଁଥିରେ କୁହାଯାଇଛି ଯେ ପାକିସ୍ତାନ ସେନାରେ କେଉଁ ଅଞ୍ଚଳରୁ କେତେ ସୈନ୍ୟ ଅଛନ୍ତି।

# ଉତ୍ତର କୋରିଆର ଶାସନଭାର ସମ୍ଭାଳିବେ କିମ୍‌ଙ୍କ ଝିଅ

**ସିଓଲ୍:** ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ ସର୍ବୋଚ୍ଚ ନେତା କିମ୍ ଜଙ୍ଗ ଉନ୍ ତାଙ୍କ ଝିଅକୁ ସିଂହାସନ ହସ୍ତାନ୍ତର କରିବାକୁ ଯାଉଛନ୍ତି। ଏହା ଏବେ ଆଉ କେବଳ କଳ୍ପନାଜଳ୍ପନାରେ ରହିନି। ଉତ୍ତର କୋରିଆର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ତଥା ଶତ୍ରୁ ପଡ଼ୋଶୀ ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା ନିଶ୍ଚିତ କରିଛି ଯେ, କିମ୍ ଜଙ୍ଗ ଉନ୍ ତାଙ୍କ ଝିଅ ଜୁ ଏଙ୍କୁ ଭବିଷ୍ୟତର ସର୍ବୋଚ୍ଚ ନେତା ଭାବରେ ମନୋନୀତ କରିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ସିଓଲର ମୁଖ୍ୟ ଗୁପ୍ତଚର ସଂସ୍ଥା ଦ୍ୱାରା ଏକ ସୂଚନା ପରେ ଫେବୃଆରି ୧୨ ତାରିଖ ଗୁରୁବାର ଦିନ ଦକ୍ଷିଣ କୋରିଆର ଜଣେ ସାଂସଦ ଏସମ୍ପର୍କରେ ଘୋଷଣା



କରିଛନ୍ତି।କିମ୍ ପରିବାର ଦଶନ୍ଧି ଧରି କଠୋର ନିୟନ୍ତ୍ରଣ ସହିତ ଏକଛତ୍ରବାଦୀ ଶାସନ ଦ୍ୱାରା ଉତ୍ତର କୋରିଆକୁ ଶାସନ କରିଆସୁଛନ୍ତି। ପାଏଣ୍ଟକୁ ରାଜବଂଶକୁ ଲୋକଙ୍କର ବଡ଼ ସମର୍ଥନ ରହିଛି। ଏହା ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଥାଏ। କିମକୁ ଝିଅ ଜୁ ଏଙ୍କୁ ଦୀର୍ଘ ଦିନ ଧରି ପରବର୍ତ୍ତୀ ସର୍ବୋଚ୍ଚ ନେତା ଭାବରେ ବିବେଚନା କରାଯାଉଛି। ଅନେକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ କାର୍ଯ୍ୟକ୍ରମରେ ସମ୍ପ୍ରତି ତାଙ୍କର ଉପସ୍ଥିତି ବୃଦ୍ଧି ପାଉଛି। ଦକ୍ଷିଣ କୋରିଆର ଜାତୀୟ ଗୁପ୍ତଚର ସେବା କହିଛି, ଜୁ ଏଙ୍କୁ ଉତ୍ତରାଧିକାରୀ ହେବାକୁ ଯାଉଛନ୍ତି। ସାଂସଦ ଲି ସଙ୍ଗ-କ୍ୱନ୍ ଏକ ସଂସଦୀୟ ବୈଠକ ପରେ ଏହି ବିବୃତି ଦେଇଛନ୍ତି। ସେ କହିଛନ୍ତି, ଏହି ମୂଲ୍ୟାଙ୍କନ ଅନେକ କାରଣ ଉପରେ ଆଧାରିତ, ଯେପରିକି ସରକାରୀ କାର୍ଯ୍ୟକ୍ରମରେ ଜୁ ଏଙ୍କ ଉପସ୍ଥିତି ବଢ଼ିବାରେ ଲାଗିଛି। ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା ଗତ ବର୍ଷ କହିଥିଲା ଯେ, ଜୁ ଏ ତାଙ୍କ ପିତାଙ୍କ ସହ ବେଜିଂ ଗସ୍ତ କରିବା ପରଠାରୁ ତାଙ୍କୁ ପରବର୍ତ୍ତୀ ନେତା ଭାବରେ ବିବେଚନା କରାଯାଇଥିଲା ଚଳିତ ମାସରେ ଏକ ପ୍ରମୁଖ ରାଜନୈତିକ ବୈଠକ ପୂର୍ବରୁ ପ୍ରକାଶିତ ଫଟୋ ଦ୍ୱାରା ଏହି ଅନୁମାନ ଆହୁରି ଦୃଢ଼ ହୋଇଥିଲା। ଜାନୁଆରିରେ ସରକାରୀ ଗଣମାଧ୍ୟମ ଜୁ ଏଙ୍କୁ ତାଙ୍କ ପିତାଙ୍କ ସହିତ କୁମସୁସାନ ପ୍ୟାଲେସ ଅଫ୍ ଦି ସନକୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଯାଉଥିବାର ଦେଖାଇଥିଲା। ଯେଉଁଠାରେ ଉତ୍ତର କୋରିଆର ପ୍ରତିଷ୍ଠାତା କିମ୍ ଇଲ୍ ସୁଙ୍ଗ ଓ ଦ୍ୱିତୀୟ ନେତା କିମ୍ ଜୋଙ୍ଗ ଇଲ୍ଙ୍କ ଅସ୍ଥିକୁ ସମାଧି ଦିଆଯାଇଛି। ଫେବ୍ରୁଆରି ଶେଷ ଭାଗରେ ଉତ୍ତର କୋରିଆରେ ଏକ ପ୍ରମୁଖ ଦଳର ବୈଠକ ହେବାର ଯୋଜନା ରହିଛି। ଏଥିରେ ଆଗାମୀ ପାଞ୍ଚ ବର୍ଷ ପାଇଁ ବୈଦେଶିକ ନୀତି, ଯୁଦ୍ଧ ପ୍ରସ୍ତୁତି ଓ ପରମାଣୁ ଯୋଜନା ଉପରେ ଆଲୋଚନା ହେବ। ଦକ୍ଷିଣ କୋରିଆର ଗୁଇନ୍ଦା ସଂସ୍ଥା କହିଛି, ବୈଠକରେ ଜୁ ଏଙ୍କ ଉପସ୍ଥିତି ଓ ତାଙ୍କୁ ମିଳୁଥିବା ସମ୍ମାନ ଉପରେ କଡ଼ା ନଜର ରଖାଯିବ।

# ସଂସଦରେ ପ୍ରଶ୍ନୋତ୍ତର

**ନୂଆଦିଲ୍ଲୀ: ସାଂସଦ କୀର୍ତ୍ତି ଆଜାଦ** ପଶ୍ଚିମବଙ୍ଗରେ ଅମୃତ ଭାରତ ଷ୍ଟେସନ ପ୍ରକଳ୍ପ ସମ୍ପର୍କରେ ଏକ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ପଶ୍ଚିମବଙ୍ଗ ପାଇଁ ବର୍ତ୍ତମାନର ବଜେଟ୍ ଆବଣ୍ଟନକୁ ୧୪,୨୦୫ କୋଟିକୁ ବୃଦ୍ଧି କରାଯାଇଛି, ଯାହା ୨୦୦୯-୨୦୧୪ ପର୍ଯ୍ୟନ୍ତୟୁପିଏ ଅମଳରେ ୪,୩୦୦ କୋଟି ଥିଲା । ସେ କହିଛନ୍ତି ଯେ ଆବଶ୍ୟକ ୪,୬୬୨ ହେକଟର ଜମିର ମାତ୍ର ୫୭% ଅଧିଗ୍ରହଣ ହୋଇଥିବାରୁ ପ୍ରକଳ୍ପଗୁଡ଼ିକ ବିଳମ୍ବ ହେଉଛି । ସେ ଏପରି କିଛି ପ୍ରକଳ୍ପ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ ଯେଉଁଠାରେ ଜମି ଅଧିଗ୍ରହଣ ଶୂନ୍ୟ ଏବଂ ସାଂସଦଙ୍କୁ ଏହି ରେଳ ପ୍ରକଳ୍ପଗୁଡ଼ିକୁ ସହଜ କରିବାରେ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ଅନୁରୋଧ କରିଥିଲେ ।

**ପ୍ରତାପ ଷଡ଼ଙ୍ଗୀ,** ବିଜେପି, ବାଲେଶ୍ୱର (ଓଡ଼ିଶା) ଅମୃତ ଭାରତ ଷ୍ଟେସନ ଯୋଜନାରେ ବାଲେଶ୍ୱର ଷ୍ଟେସନର ପୁନଃବିକାଶ କାର୍ଯ୍ୟର ସ୍ଥିତି ଉପରେ ପ୍ରଶ୍ନ ଉଠାଇଥିଲେ । ସେ ଏହା ମଧ୍ୟ ପଚାରିଥିଲେ ଯେ ସେହି ସଂସଦୀୟ କ୍ଷେତ୍ରରେ ଅମୃତ ଭାରତ ଷ୍ଟେସନ ଯୋଜନାରେ ଅନ୍ୟ କେଉଁ ଷ୍ଟେସନ ଅନ୍ତର୍ଭୁକ୍ତ ।

ଏହାର ଉତ୍ତରରେ ରେଳମନ୍ତ୍ରୀ ଉତ୍ତର ଦେଇଥିଲେ ଯେ ବାଲେଶ୍ୱର ଷ୍ଟେସନକୁ ଏକ ପରାମର୍ଶଦାୟକ ଡିଜାଇନ୍ ପ୍ରକ୍ରିୟା ମାଧ୍ୟମରେ ଅମୃତ ଭାରତ ଷ୍ଟେସନ ଯୋଜନାରେ ବିକଶିତ କରାଯାଉଛି, ଯେଉଁଥିରେ ସାଂସଦଙ୍କ ପରାମର୍ଶ ଏବଂ ଜନଭାଗୀଦାରୀ ଅନ୍ତର୍ଭୁକ୍ତ କରାଯାଇଛି ।ସେ ସୂଚନା ଦେଇଥିଲେ ଯେ କାମ ଦ୍ରୁତ ଗତିରେ ଚାଲିଛି ।

# ଇତିହାସ ରଚିଲା ଇଟାଲୀ

ମୁମ୍ବାଇ,୧୨।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପରେ ପଦାର୍ପଣ କରିଥିବା ଇଟାଲୀ ପ୍ରଥମ ମ୍ୟାଚ ଜିତି ଇତିହାସ ରଚିଛି। ଇଂଲଣ୍ଡକୁ ନାକେଦମ କରିଥିବା ନେପାଳକୁ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଏକତରଫା ଭାବେ ଇଟାଲୀ ହରାଇ ଦେଇଛି। ପ୍ରଥମେ ବୋଲିଂ ଓ ପରେ ବ୍ୟାଟିଂରେ ଇଟାଲୀ କମାଲ କରିଥିଲା। ୧୨୪ ରନର ଟାର୍ଗେଟକୁ ଇଟାଲୀ ବିନା କୌଣସି ୱିକେଟ୍ ହରାଇ ୪୪ ବଲ ପୂର୍ବରୁ ହାସଲ କରିନେଇଥିଲା। ଦଳର ଦୁଇ ଓପନର ଜଷ୍ଟିନ ମୋସ୍କା ଓ ଆଣ୍ଟୋନୀ ମୋସ୍କା ଅର୍ଦ୍ଧଶତକ ହାସଲ କରି ମ୍ୟାଚ ଶେଷ କରିଥିଲେ। ଜଷ୍ଟିନ ଶେଷ ଯାଏ ୪୪ ବଲରେ ୬୦ ବଲରେ ୬୦ ରନ ଓ ଆଣ୍ଟୋନୀ ୩୨ ବଲରେ ୬୨ ରନ୍ କରି ଅପରାଜିତ ରହିଥିଲେ। ଜଷ୍ଟିନ ତାଙ୍କ ଇନିଂସରେ ୫ଟି ଚୌକା ଓ ୩ଟି ଛକା ଏବଂ ଆଣ୍ଟୋନୀ ୩ଟି ଚୌକା ଓ ୬ଟି ଛକା ମାରିଥିଲେ। ଏହା ଟି-୨୦ ବିଶ୍ୱକପ ଇତିହାସରେ ବିଶ୍ୱକପର ପ୍ରଥମ ବିଜୟୀ। ପ୍ରଥମଥର କୌଣସି ଟି-୨୦ରେ ଦଳ ନେପାଳର ସାମ୍ନା କରୁଥିବା ବେଳେ ଦମଦାର ବିଜୟ ହାସଲ କରିଛି। ଏହା ପୂର୍ବରୁ ଦୁଇ ଦଳ ପରସ୍ପରକୁ ୩ଟି ଦିନିକିଆ ମ୍ୟାଚରେ ଭେଟିଥିଲେ। ସବୁଥର ନେପାଳ ଜିତିଥିଲା। କିନ୍ତୁ ଟି-୨୦ ବିଶ୍ୱକପରେ ଇତିହାସ ବଦଳି ଯାଇଛି। ଡେବ୍ୟୁ ବିଶ୍ୱକପରେ ଇଟାଲୀ ୧୦ ୱିକେଟରେ ମ୍ୟାଚ ଜିତି ନୂଆକୀର୍ତ୍ତିମାନ ସ୍ଥାପନ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କୁଶଲ ଭୁର୍ଟେଲ ୫, ଆସିଫ୍ ଶେଖ୍ ୨୦, ଅଧିନାୟକ ରୋହିତ ପୌଡେଲ ୨୩, ଦିପେନ୍ଦ୍ର ସିଂ ୧୭, ଆରିଫ ଶେଖ ୨୭ ରନ୍ କରିଥିଲେ। ଶେଷ ଭାଗରେ କରନ ଅପରାଜିତ ୧୮ ରନ୍ କରିଥିଲେ। ନେପାଳ ୧୯.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୩ ରନର ଅଲଆଉଟ୍ ହୋଇଥିଲା। ଇଟାଲୀ ପକ୍ଷରୁ କାଲୁଗାମେଜ୍ ୩ ୱିକେଟ୍ ନେଇ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଛନ୍ତି। ବେନ ମାନେଣ୍ଟି ୨ଟି, ଅଲ୍ଲୀ ହାସନ, ଜେଜେ ସମୁଟସ୍ ଓ ଯଶପ୍ରୀତ ସିଂ ଗୋଟିଏ ଲେଖାଏଁ ସଫଳତା ହାସଲ କରିଥିଲେ।

# ଭାରତର ଦ୍ୱିତୀୟ ବିଜୟ

## ଟି-୨୦ ବିଶ୍ୱକପ୍

ନୂଆଦିଲ୍ଲୀ,୧୨।୨(ଏଜେନ୍ସି): ନୂଆଦିଲ୍ଲୀର ଅରୁଣ ଜେଟଲୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତ ବଡ଼ ବିଜୟ ହାସଲ କରିଛି। ଗ୍ରୁପ ଏ'ର ଏହି ମ୍ୟାଚରେ ନାମ୍ବିଆକୁ ୯୩ ରନ୍ ବ୍ୟବଧାନରେ ହରାଇଛି ଭାରତ। ପ୍ରଥମେ ଇଶାନ କିଷାନ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟିଂ ବିସ୍ଫୋରଣ ପରେ ବୋଲିଂରେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା କମାଲ କରିବାରୁ ନାମ୍ବିଆ ଆତ୍ମସମର୍ପଣ କରିଥିଲା। ଏହି ମ୍ୟାଚରେ ଭାରତ ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୯ ରନ କରିଥିଲା। ଜବାବରେ ନାମ୍ବିଆ ୧୮.୨ ଓଭରରେ ୧୧୬ ରନ୍ କରି ଅଲଆଉଟ୍ ହୋଇଥିଲା।

ଭାରତ ପକ୍ଷରୁ ଇଶାନ କିଷାନଙ୍କ ସହ ସଞ୍ଜୁ ସାମସନ ପାଳି ଆରମ୍ଭ କରିଥିଲେ। ଇଶାନ ୨୪ ବଲରୁ ୬୧ ରନ୍ ତଥା ସଞ୍ଜୁ ସାମସନ ୮ ବଲରୁ ୨୨ ରନ୍ କରି ପାଭିଲିୟନ୍ ଫେରିଥିଲେ। ମଧ୍ୟମକ୍ରମରେ ତିଲକ ବର୍ମା ୨୫, ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୧୨, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୫୨ ଓ ଶିବମ ଦୁବେ ୨୩ ରନ କରିବାରୁ ଭାରତ ୨୦ ଓଭରରେ ୨୦୯/୯ରେ ପହଞ୍ଚିଥିଲା। ନାମ୍ବିଆର ଗେରାଡ ଏରାସ ମସ ସର୍ବାଧିକ ୪ ୱିକେଟ୍ ଅକ୍ତିଆର କରିଥିଲେ। ୨୧୦ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ନାମ୍ବିଆର ଭଲ ଆରମ୍ଭ ସତ୍ତ୍ୱେ ମଧ୍ୟମକ୍ରମର ବିଫଳତା ଯୋଗୁଁ ୧୧୬ ରନରେ ସୀମିତ ରହିଥିଲା। ଲୋରେନ ଷ୍ଟିନକାମ୍ପ ୨୯, ଜାନ ଫ୍ରିଲିଙ୍କ ୨୨, ଜାନ ନିକୋଲ ୧୩, ଅଧିନାୟକ ଗେରାଡ ଏରାସମସ ୧୮ ଓ ଜାନି ଗ୍ରୀନ ୧୧ ରନ କରିବାକୁ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ୬ ବୋଲରଙ୍କୁ ନିୟୁକ୍ତ କରାଯାଇଥିଲା। ସମସ୍ତ ୱିକେଟ୍ ସଫଳତା ହାସଲ କରିଛନ୍ତି। ବରୁଣ ଚକ୍ରବର୍ତ୍ତୀଙ୍କୁ ସର୍ବାଧିକ ୩ଟି, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦୁଇଟି ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ।

## ଭୁବନେଶ୍ୱର ବାର ଆସୋସିଏସନ୍-ବୋର୍ଡ ଅଫ୍ ରେଭିନ୍ୟୁ ଫାଇନାଲ

ଭୁବନେଶ୍ୱର,୧୨।୨(ସବ୍ୟୁ): ଭୁବନେଶ୍ୱର ବାରା ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୧ତମ ପ୍ରଶାନ୍ତ ରାଉତ ସ୍ମାରକୀ ଅଲଓଡ଼ିଶା ଆଇନଜୀବୀ ଟି-୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ଲଢ଼େଇରେ ବୋର୍ଡ ରେଭିନ୍ୟୁ ଏବଂ ଭୁବନେଶ୍ୱର ବାର ଆସୋସିଏସନ୍ ପରସ୍ପରକୁ ଭେଟିବେ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବୋର୍ଡ ଅଫ୍ ରେଭିନ୍ୟୁ ଦଳ ୫ ୱିକେଟରେ ହାଇକୋର୍ଟ ଦଳକୁ ପରାଜିତ କରିଥିଲା। ଏହି ମ୍ୟାଚରେ ହାଇକୋର୍ଟ ଦଳ ୧୫ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ୍ କରିଥିଲା। ଜବାବରେ ବୋର୍ଡ ଅଫ୍ ରେଭିନ୍ୟୁ ଦଳ ୧୫ ଓଭରରେ ୫ ୱିକେଟ୍ ହରାଇ ୧୩୦ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା। ଦୁଇ ୱିକେଟ୍ ସାଙ୍ଗକୁ ୧୮ ରନ୍ କରିଥିବା ଗିରିଜା ଶଙ୍କର ମିଶ୍ରଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାର ଆସୋସିଏସନ୍ ୧୨୬ ରନ୍ ବ୍ୟବଧାନରେ ଭୁବନେଶ୍ୱର ରେର୍ଡ୍ସକୁ ପରାଜିତ କରିଛି। ଏହି ମ୍ୟାଚକୁ ଭୁବନେଶ୍ୱର ବାର ଆସୋସିଏସନ୍ ୧୮ ଓଭରରେ ୩ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ରେର୍ଡ୍ସ ୧୩ ଓଭରରେ ୫୮ ରନ କରିବାକୁ ସକ୍ଷମ ହୋଇଥିଲା। ୪୧ ରନ୍ ସାଙ୍ଗକୁ ୩ ୱିକେଟ୍ ଅକ୍ତିଆର କରିଥିବା ବିଜୟୀ ଦଳର ମୋହନ ସାହୁଙ୍କୁ ପ୍ଲେ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

# ଓମାନକୁ ଧରାଶାୟୀ କଲା ଶ୍ରୀଲଙ୍କା

ପାଲକେଲେ,୧୨।୨(ଏଜେନ୍ସି): ଟି-୨୦ ବିଶ୍ୱକପ ଗ୍ରୁପ୍ ବି'ରେ ଶ୍ରୀଲଙ୍କା ୧୦୫ ରନ୍ ବ୍ୟବଧାନରେ ଓମାନକୁ ଧରାଶାୟୀ କରିଛି। ଏହି ମ୍ୟାଚରେ ଶ୍ରୀଲଙ୍କା ୨୦ ଓଭରରେ ୫ ୱିକେଟ୍ ହରାଇ ୨୨୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଓମାନ ୨୦ ଓଭରରେ ୯ ୱିକେଟ୍ ହରାଇ ୧୨୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ପବନ ରତ୍ନାୟକେ ୬୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ବିଶ୍ୱକପର ଏହା ଶ୍ରୀଲଙ୍କାର କ୍ରମାଗତ ଦ୍ୱିତୀୟ ବିଜୟ। ଶ୍ରୀଲଙ୍କା ୪ ପଏଣ୍ଟ ହାସଲ କରି ଗ୍ରୁପ୍ ବି'ର ଶୀର୍ଷରେ ରହିଛି। ଓମାନ ଦୁଇଟି ପରାଜୟ ସହ ଶେଷରେ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ପକ୍ଷରୁ ୩ଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କୁଶଲ ମେଣ୍ଡିସ ୪୫ ବଲରୁ ୬୧, ପବନ ରତ୍ନାୟେକ ଓ ଅଧିନାୟକ ଦଶନ ସନକା, ୨୦ ବଲରୁ ୫୦ ରନର ଇନିଂସ ଖେଳିଥିଲେ। କାମେନ୍ଦୁ ମେଣ୍ଡିସ ୧୯, ଓପନର ପାଥୁମ ନିଶାଙ୍କ ୧୩, କାମିଲ ମିଶ୍ରା ୮ ରନ୍ କରିବାରୁ ଶ୍ରୀଲଙ୍କା ୨୦ ଓଭରରେ ୫ ୱିକେଟ୍ ହରାଇ ୨୨୫ ରନର ବିଶାଳ ସ୍କୋର କରିଥିଲା। ବୋଲିଂରେ ଓମାନର ଜିତେନ ରାମାନନ୍ଦୀ ୨ଟି, ଜୟେ ଓଡେଡ୍ରା ଏବଂ ସୁଫିଆନ୍ ମେହମୁଦ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

୨୨୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଓମାନର ଆରମ୍ଭରୁ ବିପର୍ଯ୍ୟୟରୁ ସମ୍ମୁଖୀନ ହୋଇଥିଲା। କେବଳ ଦୁଇ ଜଣ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିଥିଲେ। ମହମ୍ମଦ ନଦିମ ଅପରାଜିତ ୫୩ ଓ ୱାସିନ ଅଲ୍ଲୀ ୨୭ ରନ୍ କରିବାରୁ ଓମାନର ଦଳୀୟ ସ୍କୋର ୨୦ ଓଭରରେ ୧୨୦/୯ ରନରେ ପହଞ୍ଚି ପାରିଥିଲା। ଦଳର ୯ ଜଣ ବ୍ୟାଟର ଏକ ଅଙ୍କ ସ୍କୋରରେ ସୀମିତ ରହିଥିଲେ। ଶ୍ରୀଲଙ୍କାର ଦୁସ୍ମନ୍ଥ ଚାମିରା, ମହେଶ ଥେକସାନା, ଦୁଇଟି ଲେଖାଏଁ, ଦୁନିଥ ୱାଲାଗେ, ଦସନ ହେମନ୍ତ ଓ କାମିନ୍ଦୁ ମେଣ୍ଡିସ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ।

# ତମାଣ୍ଡୋ କପ: ଆରସି ବ୍ରହ୍ମପୁର ବିଜୟୀ




ଭୁବନେଶ୍ୱର,୧୨।୨(ସବ୍ୟୁ): ତାମାଣ୍ଡୋ ଷ୍ଟାଡିୟମରେ ଚାଲିଥିବା ପ୍ରିମିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ବିଜେତା ୱାରିଅସ,ଆରସି ବ୍ରହ୍ମପୁର ପରସ୍ପରକୁ ଭେଟିଥିଲେ। ଆଜି ୫ମ ଲିଗ ମ୍ୟାଚରେ ଆର ସି ବ୍ରହ୍ମପୁର ୫ ୱିକେଟରେ ବିଜେତା ୱାରିଅସକୁ ପରାସ୍ତ କରିଛି। ବିଜେତା ୱାରିଅସ ପ୍ରଥମେ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବିଜେତା ୱାରିଅସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୩ ରନ କରିବାରେ ସକ୍ଷମ ହୋଇଥିଲେ। ବିଜେତା ୱାରିଅସ ଦଳ ପକ୍ଷରୁ ଲକି କୁମାର ୩୩ ବଲ ଖେଳି ସର୍ବାଧିକ ୫୬ ରନ କରିଥିଲେ। ଆରସି ବ୍ରହ୍ମପୁର ପକ୍ଷରୁ ତାରିଫ ଖାନ ୪ ଓଭର ବୋଲିଂ କରି ୩୩ ରନ ଦେଇ ୩ ଟି ୱିକେଟ ଦଖଲ କରିଥିଲେ। ଖେଳର ଦ୍ବିତୀୟ ଇନିଙ୍ଗସରେ ଆର ସି ବ୍ରହ୍ମପୁର ୧୭୪ ରନର ବିଜୟ ଲକ୍ଷ ନେଇ ନିର୍ଦ୍ଧାରିତ ୧୫.୨ ଓଭରରେ ୫ ୱିକେଟ ହରାଇ ୧୭୫ ରନ କରି ବିଜୟ ହାସଲ କରିଥିଲେ। ଆରସି ବ୍ରହ୍ମପୁର ପକ୍ଷରୁ ଟିମ ଦାଭିଡ ୧୭ ବଲରେ ୨୯ ରନ ଓ ଲୋହିତ ମହାନ୍ତି ୨୪ ବଲରେ ୫୬ ରନ କରିଥିଲେ। ସେହିଭଳି ବିଜେତା ୱାରିଅସ ଦଳର ଅଂଶୁମାନ ସାମନ୍ତ ୩ ଓଭର ବୋଲିଂ କରି ୩୧ ରନ ଦେଇ ୨ଟି ୱିକେଟ ଦଖଲ କରିଥିଲେ। ଆଜିର ମ୍ୟାଚରେ ତମାଣ୍ଡୋର ପୂର୍ବତନ ସରପଞ୍ଚ ବିପିନି ବିହାରି ପରିଡା ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ତାରିଫ ଖାନକୁ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚ ପରିଚାଳନା କରିଥିଲେ ସମରେନ୍ଦ୍ର ପାତ୍ର ଓ ବିଭୁ ପ୍ରସାଦ ଚୌଧୁରୀ। ଆଶନ୍ତା କାଲି ଏମସିସି କାକଟପୁର ଓ ଆଦିତ୍ୟ ଏକାଦଶ ପରସ୍ପରକୁ ଭେଟିବେ।

# ୧୪ରୁ ଯୁବା ବାସ୍କେଟବଲ ଓପନ




ଭୁବନେଶ୍ୱର,୧୨।୨(ସବ୍ୟୁ): ଚଳିତ ମାସ ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ଇମ୍ପା ଗ୍ରାଉଣ୍ଡରେ ୧୫ତମ ଯୁବା ବାସ୍କେଟବଲ ପ୍ରତିଯୋଗିତା ଆୟୋଜିତ ହେବାକୁଯାଉଛି । ଲିଗ୍ ଫର୍ମାଟରେ ଖେଳାଯିବାକୁଥିବା ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟରୁ ୧୬ଟି ଦଳ ଅଂଶଗ୍ରହଣ କରିବେ। ୧୬ଟି ଦଳକୁ ୪ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଶନିବାର ସକାଳ ୬ଟାରୁ ମ୍ୟାଚ ଆରମ୍ଭ ହେବ। କିନ୍ତୁ ସନ୍ଧ୍ୟା ୭ଟାରେ ଉଦଘାଟନୀ ଉତ୍ସବ ଆୟୋଜିତ ହେବ। ସେହିଭଳି ୧୭ ତାରିଖ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଉଦଯାପନୀ ଉତ୍ସବ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଅତିଥି ଭାବେ ରାଜ୍ୟର ବିଧାୟକ, ମନ୍ତ୍ରୀ, ବିଶିଷ୍ଟ ଖେଳାଳି ଯୋଗଦେବେ। ଏହି ଟୁର୍ଣ୍ଣାମେଣ୍ଟରେ ସୁନାମଧନ ଦୁଇ ଜଣ ଖେଳାଳି ମାନ୍ୟତା ସିଂ ଓ ଶ୍ରୀକାନ୍ତ ଖୁଣ୍ଟିଆଙ୍କୁ ସମ୍ମାନୀତ କରାଯିବ।

ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୦ଟି ଦଳ ଅଂଶଗ୍ରହଣ କରିବେ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ଦିଲ୍ଲୀ ତଥା ଓଡ଼ିଶାରୁ ମୋଟ୍ ୧୬ଟି ଦଳ ଭାଗ ନେବେ। ଏଥର ବିଜେତାଙ୍କୁ ଟ୍ରଫି ସହ ୩୧ ହଜାର, ରନର୍ସ ଅଫ୍ ଦଳକୁ ୨୧ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୧୧ ହଜାର ଟଙ୍କା ପ୍ରଦାନ କରାଯିବ। ଆସୋସିଏସନ୍ ପକ୍ଷରୁ ସମସ୍ତ ଖେଳାଳିଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯିବ।

ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ସନସାଇନ ଯୁବା ଆସୋସିଏସନର ସଭାପତି ବିଶ୍ୱଜିତ ମହାନ୍ତି, ଉପସଭାପତି ଦେବାଶିଷ ଚକ୍ର, ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ଟୁର୍ଣ୍ଣାମେଣ୍ଟ କୋଡିନେଟର ପ୍ରହ୍ଲାଦ ବେହେରା, ଆଦର୍ଶ ପଟ୍ଟନାୟକ, ମୁନା ଗୌଡ, ପ୍ରଶାନ୍ତ ବେହେରା, ଦୀପକ ଛେତ୍ରୀ ତଥା ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ ତଥା ସନସାଇନ ଯୁବା ଆସୋସିଏସନର ଉପଦେଷ୍ଟା ସରୋଜ କୁମାର ପାତ୍ର ଉପସ୍ଥିତ ରହି ସବିସେସ୍ ସୂଚନା ଦେଇଥିଲେ।

ODISHA
INDIA'S BEST KEPT SECRET.

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶୁଭାରମ୍ଭ
ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା




ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଓଡ଼ିଶା

ଶ୍ରୀ ବଳଭଦ୍ର ମାଝୀ
ସାଂସଦ, ନବରଙ୍ଗପୁର

ଶ୍ରୀ ଗୌରୀ ଶଙ୍କର ମାଝୀ
ବିଧାୟକ, ନବରଙ୍ଗପୁର

ଶ୍ରୀ ନରସିଂହ ଭତ୍ରା
ବିଧାୟକ, ଝରିଗାଁ

ଶ୍ରୀ ମନୋହର ରନ୍ଧାରୀ
ବିଧାୟକ, ଡାବୁଗାଁ

୧୩ ଫେବୃଆରୀ ୨୦୨୬ | ନବରଙ୍ଗପୁର

ଆଭାସୀ ମାଧ୍ୟମରେ ଶୁଭାରମ୍ଭ : ସମ୍ବଲପୁର, ବ୍ରହ୍ମପୁର, ଭଦ୍ରକ ଓ ବାରିପଦା

odishatourismofficial odishatourismofficial
ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର
odisha_tourism odishatourismofficial

DSPL- 37001/4/2526
OIPR: 37001/37001/2/25-26/0002

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି